୬ ଅଲିମ୍ପିକ୍ସ ପାଇଁ ଘୋଷଣା ହେଲା ହକି ଟିମ୍



ହରମନପ୍ରୀତ ସିଂହ କ୍ୟାପ୍ଟେନ୍, ଓଡ଼ିଶାର ଜଣେ ଖେଳାଳିଙ୍କୁ ସୁଯୋଗ

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages,₹ 2.00

● ବର୍ଷ–୩୧ ● ସଂଖ୍ୟା–୧୫୦ ● ୨୭ ଜୁନ୍ ୨୦୨୪, ଗୁରୁବାର ● ଭୁବନେଶ୍ୱର ● Vol -31 ● Issue-150 ● 27th June 2024, Thursday ● Bhubaneswar

Licensed to post without pre-payment of postage No- BN-60/22-24


# ଦ୍ୱିତୀୟ ଥର ଲୋକସଭାର ବାଚସ୍ପତି ଭାବେ ନିର୍ବାଚିତ ହେଲେ ଓମ୍ ବିର୍ଲା

ନୂଆଦିଲ୍ଲୀ, ୨୬/୬

ଲୋକସଭାରେ ବାଚସ୍ପତି ପଦ ପାଇଁ ନିର୍ବାଚନ ଫଳାଫଳ ପ୍ରକାଶ ପାଇଛି। ଶାସକ ମେଣ୍ଟ ଏନ୍‌ଡିଏ ସମର୍ଥିତ ପ୍ରାର୍ଥୀ ଓମ୍ ବିର୍ଲାଙ୍କୁ ପୁଣି ଥରେ ବାଚସ୍ପତି ଭାବେ ନିର୍ବାଚିତ କରାଯାଇଛି। ଇଣ୍ଡିଆ ମେଣ୍ଟର ପ୍ରତିଦ୍ୱନ୍ଦୀ ପ୍ରାର୍ଥୀ କେ. ସୁରେଶଙ୍କୁ ହରାଇଛନ୍ତି ଓମ୍ ବିର୍ଲା। ଏଥର ନିର୍ବାଚିତ ହେବା ପରେ ସେ ଦ୍ୱିତୀୟ ଥର ପାଇଁ ବାଚସ୍ପତି ହୋଇଛନ୍ତି। ଭୋଟ୍ ଡିଭିଜନ୍ ଦାବି ନଥିବାରୁ ତାଙ୍କୁ ସିଧାସଳଖ ନିର୍ବାଚିତ କରାଯାଇଛି।

ବିରୋଧୀ ଦଳ ନେତୃତ୍ୱାଧୀନ ଇଣ୍ଡିଆ ବ୍ଲକର ପ୍ରାର୍ଥୀ ଥିବା କଂଗ୍ରେସ ନେତା କେ.ସୁରେଶଙ୍କୁ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଧ୍ୟ ନିଜର ସମର୍ଥନ ଦେଇଥିଲେ, ତା'ସତ୍ତ୍ୱେ ବି ସେ ହାରିଯାଇଛନ୍ତି।

କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ମମତା ବାନାର୍ଜୀଙ୍କ ମଧ୍ୟରେ ୨୦ ମିନିଟର ଫୋନ୍ କଲ ପରେ କେ ସୁରେଶଙ୍କୁ ତୃଣମୂଳ କଂଗ୍ରେସର ସମର୍ଥନ ମିଳିଥିଲା।



୧୯୭୬ ମସିହା ପରଠାରୁ ଏହା ହେବ ପ୍ରଥମ ବାଚସ୍ପତି ନିର୍ବାଚନ। ବୁଧବାର ପୂର୍ବାହ୍ନ ୧୧ଟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓମ୍ ବିର୍ଲାଙ୍କୁ ପୁଣି ଥରେ ବାଚସ୍ପତି କରିବାକୁ ପ୍ରସ୍ତାବ ଦେଇଥିବା ବେଳେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ତାଙ୍କର ଏହି ପ୍ରସ୍ତାବକୁ ସମର୍ଥନ କରିଥିଲେ।

ସୂଚନାଯୋଗ୍ୟ ଯେ ସ୍ୱାଧୀନତା ପରେ ୧୯୫୨, ୧୯୬୭ ଏବଂ ୧୯୭୬ ମସିହାରେ ବାଚସ୍ପତି ପଦ ପାଇଁ ନିର୍ବାଚନ ହୋଇଥିଲା। ୧୯୫୨ରେ ହୋଇଥିବା ପ୍ରଥମ ବାଚସ୍ପତି ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଜିଭି ମାଭଲଙ୍କର ବିରୋଧୀ ଦଳର ଶାନ୍ତାରାମ ମୋରେଙ୍କୁ ପରାସ୍ତ କରିଥିଲେ। ମାଭଲଙ୍କର ୩୯୪ ଭୋଟ୍ ପାଇଥିବା ବେଳେ ମୋରେ ୫୫ ଖଣ୍ଡ ଭୋଟ୍ ପାଇଥିଲେ। ୧୯୬୭ରେ ଅନୁଷ୍ଠିତ ବାଚସ୍ପତି ନିର୍ବାଚନରେ କଂଗ୍ରେସର ଏନ୍. ସଂଜୀବ ରେଡ୍ଡୀ ନିର୍ବାଚିତ ହୋଇଥିଲେ। ତାଙ୍କୁ ୨୭୮ଟି ଭୋଟ୍ ମିଳିଥିବା ବେଳେ ବିରୋଧୀ ଦଳ ପ୍ରାର୍ଥୀ ଟି. ବିଶ୍ୱନାଥନଙ୍କୁ ୨୦୭ ଭୋଟ୍ ମିଳିଥିଲା। ସେହିଭଳି ୧୯୭୬ରେ କଂଗ୍ରେସର ବଳରାମ ଝାଖଡ଼ ୩୪୪ ଭୋଟ୍ ପାଇ ନିର୍ବାଚିତ ହୋଇଥିବା ବେଳେ ତାଙ୍କର ପ୍ରତିଦ୍ୱନ୍ଦୀ ଜଗନ୍ନାଥ ରାଓ ଯୋଶୀଙ୍କୁ ମିଳିଥିଲା ମାତ୍ର ୫୮ଟି ଭୋଟ୍। ତେବେ ୧୯୯୮ରେ ଭିନ୍ନ ପ୍ରକାର ପରିସ୍ଥିତି ଦେଖିବାକୁ ମିଳିଥିଲା। ପିଏ ସାଙ୍ଗମାଙ୍କୁ ବାଚସ୍ପତି କରିବା ଲାଗି କଂଗ୍ରେସ ନେତା ଶରଦ ପାୱାର ଲୋକସଭାରେ ପ୍ରସ୍ତାବ ଆଗତ କରିଥିଲେ, କିନ୍ତୁ ଏହା କାଟ୍ ଖାଇଯାଇଥିଲା। ଏହାପରେ ଟିଡିପିର ଜିଏମସି ବାଲଯୋଗୀଙ୍କୁ ବାଚସ୍ପତି କରିବା ଲାଗି ପ୍ରଧାନମନ୍ତ୍ରୀ ବାଜପେୟୀ ପ୍ରସ୍ତାବ ଆଗତ କରିଥିଲେ ଏବଂ ଏହା ଗୃହୀତ ହୋଇଥିଲା। ଆଉ ଏକ ଉଲ୍ଲେଖନୀୟ କଥା ହେଉଛି ଯେ ସ୍ୱାଧୀନତା ପରେ ୪ ଜଣ ବାଚସ୍ପତି ନିର୍ବାଚନ ପରେ ମଧ୍ୟ ସେମାନଙ୍କର ପଦ ବଜାୟ ରଖିଥିଲେ। ସେମାନେ ହେଲେ ଏମ୍ଏ ଆୟଙ୍ଗର, ଜିଏସ୍ ଧିଲନ୍, ବଳରାମ ଝାଖଡ଼ ଏବଂ ଜିଏମସି ବାଲଯୋଗୀ। ଏବେ ଓମ୍ ବିର୍ଲାଙ୍କ ନାମ ଏହି ତାଲିକାରେ ଯୋଡ଼ି ହୋଇଛି।

# ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ

## ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ସହିତ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗର ମନ୍ତ୍ରୀଙ୍କୁ ଭେଟିବେ

### ଓଡ଼ିଶାର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିବେ

ଭୁବନେଶ୍ୱର ୨୬/୬

ନ୍ୟୁଜ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ତିନି ଦିନିଆ ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହିତ ଦୁଇ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା ମଧ୍ୟ ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ଦିଲ୍ଲୀ ରହଣୀ ସମୟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନକଡ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗର ମନ୍ତ୍ରୀ ମାନଙ୍କୁ ଭେଟି ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ, ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡକରି, ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖଙ୍କ ସହିତ ଅନ୍ୟାନ୍ୟ ବିଭାଗର ମନ୍ତ୍ରୀମାନଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ରାଜ୍ୟ ସଭାରେ ଗୃହର ନେତା ଜଗତ ପ୍ରକାଶ ନଡ୍ଡା ଓ ଅନ୍ୟ ବରିଷ୍ଠ ନେତୃବୃନ୍ଦଙ୍କୁ ମଧ୍ୟ ଭେଟିବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଗୁଡ଼ିକ ଉପରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହିତ



ରାଜ୍ୟର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ସହଯୋଗ କାମନା କରାଯିବ। ଏସବୁ ପ୍ରସଙ୍ଗରେ ମଧ୍ୟ କେନ୍ଦ୍ର ସରକାରଙ୍କ ସହ ଆଲୋଚନା ହେବ ବୋଲି ଜଣାପଡିଛି।

# ସୁରକ୍ଷା ବାହିନୀ ଏନକାଉଣ୍ଟରରେ ୨ ଆତଙ୍କବାଦୀ ନିହତ

ଶ୍ରୀନଗର, ୨୬/୬

ବୁଧବାର ଜମ୍ମୁ-କଶ୍ମୀରର ଦୋଡା ଜିଲ୍ଲାର ଏକ ଜଙ୍ଗଲ ଅଞ୍ଚଳରେ ସୁରକ୍ଷା ବାହିନୀ ସହ ଏନକାଉଣ୍ଟର ବେଳେ ଦୁଇ ଆତଙ୍କବାଦୀ ନିହତ ହୋଇଛନ୍ତି।

ଜୁନ୍ ୧୧ ଏବଂ ୧୨ ତାରିଖରେ ପାହାଡ଼ିଆ ଜିଲ୍ଲାରେ ଆତଙ୍କବାଦୀ ଆକ୍ରମଣ ପରେ ସେନା ଏବଂ ସେଣ୍ଟ୍ରାଲ ରିଜର୍ଭ ପୁଲିସ ଫୋର୍ସ (ସିଆରପିଏଫ୍) ସହିତ ପୁଲିସ ଦ୍ୱାରା ଜୋରଦାର ସର୍ଚ୍ଚ ଏବଂ କର୍ଡନ ଅପରେସନ ହେଉଥିବା ବେଳେ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି। ଜୁନ୍ ୧୧ ତାରିଖରେ, ଆତଙ୍କବାଦୀମାନେ ଚଟ୍ଟରଗାଲାଠାରେ ମିଳିତ *(ପୃଷ୍ଠା ୭ରେ)*

# ନିର୍ଧୂମ୍ ବର୍ଷାରେ ଜଳାର୍ଣ୍ଣବ ହେଲା ରାଜଧାନୀ

### ରାଜ୍ୟରେ ଆଗାମୀ ୫ ଦିନ ଯାଏଁ ଜାରି ରହିବ ବର୍ଷା



ଭୁବନେଶ୍ୱର, ୨୬/୬

ନ୍ୟୁଜ ବ୍ୟୁରୋ

ଓଡ଼ିଶା ଉପକୂଳରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରୀୟ ରହିଥିବା ବେଳେ ବୁଧବାର ଖରାବେଳେ ଘଡଘଡି ସହ ପ୍ରବଳ ବର୍ଷା ହେବା ଫଳରେ ପରିସ୍ଥିତି ଅତ୍ୟନ୍ତ ଶୋଚନୀୟ ହୋଇପଡିଥିଲା। ଘଣ୍ଟାଏରୁ ୨ ଘଣ୍ଟା ପର୍ଯ୍ୟନ୍ତ ପ୍ରବଳ ବର୍ଷା ଫଳରେ ସମଗ୍ର ଭୁବନେଶ୍ୱର ସହର ଜଳାର୍ଣ୍ଣବ ହୋଇପଡିଥିଲା। ରାଜଧାନୀ ବାସୀ ଏଥିଯୋଗୁଁ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ। ବର୍ଷା ୨ଘଣ୍ଟା ହୋଇଥିଲେ ମଧ୍ୟ ବର୍ଷା ପାଣି ସହରରୁ ଖଲାସ ହେବାକୁ ୩ରୁ ୪ଘଣ୍ଟା ସମୟ ଲାଗିଥିଲା। ଏଥି ଯୋଗୁଁ ଜନପଥ ଓ ରାଜପଥର ବିଭିନ୍ନ ସ୍ଥାନରେ ଫୁଟେରୁ ଦୁଇ ଫୁଟ, ତିନି ଫୁଟ୍ ପର୍ଯ୍ୟନ୍ତ ବର୍ଷା ପାଣିର ସୁଅ ଚାଲିଥିଲା। ଯାହା ଫଳରେ ସହର ବାସିନ୍ଦା ଏକ ପ୍ରକାର ଜଳବନ୍ଦୀ ଅବସ୍ଥାର ସମ୍ମୁଖୀନ ବି ହୋଇଥିଲେ। ରାସ୍ତାରେ ପାଣି ଚାଲିବାରୁ ଯାନ ବାହାନ ଚଳାଚଳ ଠପ୍ ହୋଇଯାଇଥିଲା । ଲୋକେ ନିରାପଦ ସ୍ଥାନରେ ଦୀର୍ଘ ସମୟ ଧରି ଅଟକି ରହିଥିଲେ। ସବୁ ରାସ୍ତାରେ ଯାନ ବାହାନ ଅଟକି ରହିବାରୁ ଅଚଳା ବସ୍ଥା ଦେଖା ଦେଇଥିଲା। ବର୍ଷା ଯୋଗୁଁ ନୂଆପଲ୍ଲୀ ଠାରୁ ଆରମ୍ଭ କରି ପଳାଶୁଣୀ ପର୍ଯ୍ୟନ୍ତ ଅନ୍ୟପଟେ ଲକ୍ଷ୍ମୀସାଗର, ଝାରପଡା, କଟକ ରୋଡ୍, କଳ୍ପନା, ବରଗଡ ଓ ପୁରୁଣା *(ପୃଷ୍ଠା ୭ରେ)*

# ୪ ଦିନିଆ ଓଡ଼ିଶା ଗସ୍ତରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ



ଭୁବନେଶ୍ୱର, ୨୬/୬

ନ୍ୟୁଜ ବ୍ୟୁରୋ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୪ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏନେଇ ପୁଲିସ କମିଶନର ସଞ୍ଜୀବ ପଣ୍ଡା ସୂଚନା ଦେଇଛନ୍ତି। ସେ କହିଛନ୍ତି, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୬ରୁ ୯ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ଓ ପୁରୀର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ। ସେ ୬ ତାରିଖ ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିବେ। ସେହି ଦିନ ସନ୍ଧ୍ୟାରେ ଜୟଦେବ ଭବନରେ ଏକ କାର୍ଯ୍ୟକ୍ରମରେ ଯୋଗଦେବେ। ୭ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କର ପୁରୀ ଯିବାର କାର୍ଯ୍ୟକ୍ରମ ରହିଛି। ରଥଯାତ୍ରାରେ ଯୋଗଦେବା ସହ ସେ ପୁରୀ ରାଜଭବନରେ ରାତ୍ରିଯାପନ କରିବେ । ୮ ତାରିଖରେ ଖଣ୍ଡଗିରି, ଉଦୟଗିରି ବୁଲିବା ସହ ଅନ୍ଧାରୁଆରେ ବ୍ରହ୍ମକୁମାରୀ କାର୍ଯ୍ୟକ୍ରମରେ ଯୋଗଦେବେ ରାଷ୍ଟ୍ରପତି। ୯ ତାରିଖରେ ରାଷ୍ଟ୍ରପତି ଜଟଣୀ ନାଇଜରରେ ଏକ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବ୍ଲୁ ବୁକ ଅନୁସାରେ ସୁରକ୍ଷା ବ୍ୟବସ୍ଥା କଡାକଡ଼ି କରାଯାଉଥିବା ନେଇ ପୋଲିସ କମିଶନର ସୂଚନା ଦେଇଛନ୍ତି। ରୁଟ୍ ଲାଇନ୍ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି ବୋଲି ସେ କହିଛନ୍ତି ।

### ଗୋପବନ୍ଧୁଙ୍କ ଶ୍ରାଦ୍ଧବାର୍ଷିକୀରେ ମୁଖ୍ୟ ଅତିଥି ରାଷ୍ଟ୍ରପତି

କଟକ, ୨୬।୬

ନ୍ୟୁଜ ବ୍ୟୁରୋ

ପୁଣ୍ୟାତ୍ମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୬ତମ ଶ୍ରାଦ୍ଧବାର୍ଷିକୀ ଭୁବନେଶ୍ୱର ଜୟଦେବ ଭବନରେ ଜୁଲାଇ ୬ ତାରିଖ ସନ୍ଧ୍ୟା ୫.୩୦ମି. ରେ ଅନୁଷ୍ଠିତ ହେବ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗ ଦେବା ନିମନ୍ତେ ସଦୟ ସ୍ୱୀକୃତି ପ୍ରଦାନ କରିଛନ୍ତି। ଏହି ସ୍ୱତନ୍ତ୍ର ଉତ୍ସବରେ ବରେଣ୍ୟ ଅତିଥି ଭାବେ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ମଧ୍ୟ ଯୋଗ ଦେବେ। ଏଥିରେ ଲୋକ ସେବକ ମଣ୍ଡଳର ରାଷ୍ଟ୍ରୀୟ ସଭାପତି ରାଜ କୁମାର ଅଧକ୍ଷତା କରିବେ। ଏହି ଅବସରରେ ଗୋପବନ୍ଧୁଙ୍କ ଶ୍ରାଦ୍ଧ ସଂଖ୍ୟା ଓ ସତ୍ୟବାଦୀର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚନ ସହିତ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧନାର କାର୍ଯ୍ୟକ୍ରମ ରହିଛି ବୋଲି 'ସମାଜ' ସମ୍ପାଦକ ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

# ରଥଯାତ୍ରା ପରିଚାଳନା ପାଇଁ ଦ୍ୱିତୀୟ ସମନ୍ୱୟ ବୈଠକ

ପୁରୀ, ୨୬/୬

ନ୍ୟୁଜ ବ୍ୟୁରୋ

ଚଳିତ ବର୍ଷ ରଥଯାତ୍ରାକୁ ସୁରୁଖୁରୁରେ ସମ୍ପନ୍ନ କରିବାକୁ ରାଜ୍ୟ ସରକାର ଓ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରୟାସ କରାଯାଉଛି । ବୁଧବାର ଏନେଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧକ୍ଷତାରେ ଦ୍ୱିତୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ବିଭାଗର ସଚିବ, ପୁରୀ ଜିଲ୍ଲାପାଳ, ପୁଲିସ ବିଭାଗର ବରିଷ୍ଠ



ଅଧିକାରୀମାନେ ଏହି ବୈଠକରେ ଉପସ୍ଥିତ ରହିଥିଲେ । ଶୃଙ୍ଖଳିତ ନୀତିକାନ୍ତି ଉପରେ ପ୍ରଶାସନିକ ଅଧିକାରୀ ଏବଂ ସେବାୟତଙ୍କ ସହ ଆଲୋଚନା ହୋଇଛି । ଆଇନଶୃଙ୍ଖଳା ପରିସ୍ଥିତି ଉପରେ କଡା ନଜର ରଖାଯିବ ବୋଲି ମନ୍ତ୍ରୀ କହିଛନ୍ତି । ଚଳିତ ଥର ୧୯୭୧ ରଥଯାତ୍ରା ଆଇନ ଅନୁଯାୟୀ ରଥଯାତ୍ରା ଅନୁଷ୍ଠିତ ହେବ । ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପଞ୍ଚାୟତିରାଜ ମନ୍ତ୍ରୀ, ପରିବହନ ମନ୍ତ୍ରୀ, ପୁରୀ, ପିପିଲି, ବ୍ରହ୍ମଗିରି ବିଧାୟକଗଣ ଉପସ୍ଥିତ ରହିଥିଲେ।


TATA MOTORS

Light Commercial Vehicles Dealers

24 hours help line :

Sales : 7873770000


# ବଜ୍ରପାତରେ ମା'-ପୁଅଙ୍କ ସମେତ ୫ ମୃତ

ପାଟଣାଗଡ଼/ପଦ୍ମପୁର, ୨୬/୦୬

ନ୍ୟୁଜ ବ୍ୟୁରୋ

ରାଜ୍ୟର ବିଭିନ୍ନ ସ୍ଥାନରେ ବୁଧବାର ଅପରାହ୍ନରେ ଘଟିଥିବା ବଜ୍ରପାତରେ ମା' ଓ ପୁଅଙ୍କ ସମେତ ୫ ଜଣଙ୍କର ମୃତ୍ୟୁ ହୋଇଛି। ବଜ୍ରପାତ କାରଣରୁ ଅନ୍ୟ ୩ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ଅପରାହ୍ନରେ ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଖପ୍ରାଖୋଲ ବ୍ଲକ ଚାଉଲବାଞ୍ଜି ଗ୍ରାମର ଦୀପକ ଖର୍ସେଲ ତାଙ୍କ ପରିବାରବର୍ଗଙ୍କ ସହ ନିଜ କପାଆଟକୁ କପା ମଞ୍ଜି ପୋତିବାକୁ ଯାଇଥିଲେ। ସେମାନେ ସେଠାରେ କାମ କରୁଥିବା ବେଳେ ବର୍ଷା ସହିତ ବଜ୍ରପାତ ହୋଇଥିଲା। ଫଳରେ ଦୀପକ ଓ ତାଙ୍କ ମା' ସୂର୍ଯ୍ୟକାନ୍ତି ଖର୍ସେଲଙ୍କ ମୃତ୍ୟୁ ଘଟିଥିଲା। ସେହିପରି ବଜ୍ରଘାତରେ ଦୀପକଙ୍କ କାକା ପୁରନ୍ଦର ଖର୍ସେଲ ଗୁରୁତର ଥିବା ଜଣାପଡିଛି। ଦୀପକ ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷର ଛାତ୍ର ଥିଲେ। ଏହି ଖବର ପାଇ ଘଟଣାସ୍ଥଳରେ ଗ୍ରାମବାସୀଙ୍କ ଭିଡ଼ ହୋଇଥିଲା।

ସେହିପରି ବୁଧବାର ଅପରାହ୍ନରେ ବରଗଡ଼ ଜିଲ୍ଲା ପଦ୍ମପୁର ବ୍ଲକ୍ ଖଲିଆପାଲି ପଞ୍ଚାୟତ ଦୁଆନଡିହି ଗାଁରେ ମଧ୍ୟ ବର୍ଷା ହୋଇଥିଲା। ଏହି ସମୟରେ ସ୍ଥାନୀୟ ଅଞ୍ଚଳର ୫ ଜଣ କୌଣସି କାମରେ ଯାଇଥିଲେ। ବର୍ଷାର ମାତ୍ରା ବଢ଼ିବାରୁ ସେମାନେ ଏକ ବଡ଼ ଗଛ ତଳେ ଛିଡ଼ା ହୋଇଥିଲେ। ଏତିକି ବେଳେ ଗଛ ଉପରେ ବଜ୍ର ପଡ଼ିଥିଲା। ଫଳରେ ୫ ଜଣ ଲୋକ ଅଚେତ ହୋଇ ପଡ଼ିଥିଲେ। ପରେ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ସହାୟତାରେ ୫ ଜଣଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ୩ ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ୨ ଜଣଙ୍କର ଚିକିତ୍ସା ଜାରି ରହିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

### ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

ଭୁବନେଶ୍ୱର, ୨୬/୬

ନ୍ୟୁଜ ବ୍ୟୁରୋ

ବରଗଡ ଜିଲ୍ଲା ପଦ୍ମପୁର ଖଲିଆପାଲି ଗ୍ରାମପଞ୍ଚାୟତ ଦୁଆନଡିହି ଗାଁରେ ବଜ୍ରପାତ ଯୋଗୁଁ ୩ ଜଣ ବ୍ୟକ୍ତି ପ୍ରାଣ ହରାଇଥିବା ଖବର ପାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହିତ ମୃତ ବ୍ୟକ୍ତିମାନଙ୍କ ନିକଟତମ ଆତ୍ମୀୟଙ୍କ ନିମନ୍ତେ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଏହା ସହିତ ଗୁରୁତର ଆହତ ହୋଇଥିବା ବ୍ୟକ୍ତିମାନଙ୍କ ପାଇଁ ସଂପୂର୍ଣ୍ଣ ମାଗଣାରେ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା କରିବା ପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ଓ ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

# କଡ଼ା ନିୟମ: ପାର୍ଲାମେଣ୍ଟରେ ଏମ୍‌ପିମାନେ ବିରୋଧାତ୍ମକ ଶବ୍ଦ ବ୍ୟବହାର କରିପାରିବେନି



ନୂଆଦିଲ୍ଲୀ, ୨୬।୬

ଭାରତରେ ଲୋକସଭା ନିର୍ବାଚନ ଫଳାଫଳ ପରେ ୧୮ ତମ ଲୋକସଭା ଗଠନ କରାଯାଇଛି। ଦ୍ୱିତୀୟ ଦିନରେ ଘଟିଥିବା ଏକ ଘଟଣା ବହୁ ଚର୍ଚ୍ଚିତ। ବାସ୍ତବରେ ହାଇଦ୍ରାବାଦ ଏମ୍‌ପି ଅସଦୁଦ୍ଦିନ ଓୱାଇସି ଲୋକସଭାରେ ଶପଥ ଗ୍ରହଣ କରିବା ପରେ ଜୟ ଭୀମ, ଜୟ ମିମ୍, ଜୟ ତେଲଙ୍ଗାନା ଏବଂ ପରେ ଜୟ ପାଲେଷ୍ଟାଇନର ସ୍ଲୋଗାନ ଦେଇଥିଲେ। ବର୍ତ୍ତମାନ ଏହି ପ୍ରସଙ୍ଗକୁ ନେଇ ରାଜନୀତି ବେଶ୍ ସରଗରମ ହୋଇଛି।

ଯଦିଓ ବାଚସ୍ପତି ଏହାକୁ ରେକର୍ଡରୁ ହଟାଇ ଦେଇଛନ୍ତି, ବିରୋଧୀ ଦଳ ବିଶେଷ କରି ଭାଜପା ନେତା ଓୱାଇସି କ୍ଷମା ମାଗିଛନ୍ତି। ଧାରା ୧୦୨ (୪)କୁ ଦର୍ଶାଇ ଓୱାଇସିଙ୍କୁ ଅଯୋଗ୍ୟ ଘୋଷଣା କରିବାକୁ ଦାବି ଉଠିଛି। ଏହି ସମୟରେ ପ୍ରଶ୍ନ ଉଠୁଛି ଯେ, କୌଣସି ଏମ୍‌ପି ପାର୍ଲାମେଣ୍ଟରେ ସବୁ ଶବ୍ଦ ବ୍ୟବହାର କରିପାରିବେ ନା କିଛି ଶବ୍ଦ ପ୍ରତି କଟକଣା ରହିଛି ?

ପାର୍ଲାମେଣ୍ଟରେ କଥିତ ଶବ୍ଦକୁ ନେଇ କିଛି ସ୍ୱତନ୍ତ୍ର ନିୟମ ରହିଛି। ଏଭଳି ପରିସ୍ଥିତିରେ ପ୍ରତ୍ୟେକ ଏମ୍‌ପିଙ୍କୁ ଏହି ନିୟମ ମାନିବାକୁ ପଡ଼ିବ। ନ ମାନିଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ଯେପରିକି ଜୁମଲା ଜିଭି, ଅହଂକାର, ଛୁଆଙ୍କବୁଦ୍ଧି, ଗୁଣ୍ଡା ଚାଷ, ଚୋର ପୋଲିସ, *(ପୃଷ୍ଠା ୭ରେ)*

# ହାରିଯାଇଥିବା ହରଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଆଇନ୍ ବିଶେଷଜ୍ଞଙ୍କ ପରାମର୍ଶ ଲୋଡ଼ାଗଲା



ଭୁବନେଶ୍ୱର, ୨୬।୦୬:

ନ୍ୟୁଜ୍ ବ୍ୟୁରୋ

ସାହିତ୍ୟିକ ହରପ୍ରସାଦ ଦାସ ୨୦୧୭ ମସିହାରେ 'ସମ୍ବାଦ କଳିକା', ଏହାର ପ୍ରକାଶିକା, ସମ୍ପାଦକଙ୍କ ସମେତ ରାଜ୍ୟର ୮ଜଣ ବିଶିଷ୍ଟ ସାହିତ୍ୟିକଙ୍କ ବିରୁଦ୍ଧରେ କରିଥିବା ମାନହାନୀ ମକଦ୍ଦମା ମାନ୍ୟବର ବିଚାରପତିଙ୍କ ଦ୍ୱାରା ଖାରଜ ହୋଇଯାଇଛି। ଏହି ମାନହାନୀ ମକଦ୍ଦମା ଖାରଜ ହେବା ପରେ ୭ ବର୍ଷ ଧରି ଏହି ବିଶିଷ୍ଟ ବ୍ୟକ୍ତିମାନଙ୍କର ବ୍ୟକ୍ତିଗତ ପତିଆରା ଓ ପାରିବାରିକ ସମ୍ମାନରେ ଆଞ୍ଚ ଆସିବା ସହ ମାନସିକ ଦୁଶ୍ଚିନ୍ତା ଓ ଅତ୍ୟାଚାର ପାଇଁ କେଉଁ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ସେଥିପାଇଁ ଆଇନ ବିଶେଷଜ୍ଞ ତଥା ପରାମର୍ଶଦାତାମାନଙ୍କ ମତାମତ ଲୋଡ଼ା ଯାଇଥିବା ଜଣାଯାଇଛି।

ପ୍ରକାଶ ଥାଉକି, ୨୦୧୭ ମସିହାରେ ରାଜ୍ୟର ଅଗ୍ରଣୀ ସମ୍ବାଦ ପତ୍ର 'ସମ୍ବାଦ କଳିକା'ରେ ଜଣେ ନୀଳବର୍ଣ୍ଣ ଶୃଗାଳ, ବୃଦ୍ଧ ଜରଦ୍‌ଗବ ସାହିତ୍ୟିକ, ନାରୀ ନିର୍ଯ୍ୟାତନାକାରୀ ଯୌନପିପାସୁ ସାହିତ୍ୟିକଙ୍କ ସମ୍ପର୍କରେ କେତେକ ଖବର ପ୍ରକାଶ ପାଇଥିଲା। ଏହି ଖବରଗୁଡ଼ିକ ସଂପୃକ୍ତ ବୃଦ୍ଧ ଜରଦ୍‌ଗବ ସାହିତ୍ୟିକଙ୍କ ଦ୍ୱାରା ନିର୍ଯ୍ୟାତିତା, ଯୌନ ନିପିଡ଼ିତା ଲେଖିକାମାନେ ନିର୍ଦ୍ଦିଷ୍ଟ ଭାବେ 'ସମ୍ବାଦ କଳିକା'କୁ ଲିଖିତ ଭାବରେ ସେମାନଙ୍କର ଦୁଃଖ ଜଣାଇଥିଲେ। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଯୁବତୀ ଓ ନାରୀମାନେ ମଧ୍ୟ ଫେସବୁକ୍ ମାଧ୍ୟମରେ ସେମାନଙ୍କର ଯୌନ ନିର୍ଯ୍ୟାତନାର କାହାଣୀ ବର୍ଣ୍ଣନା କରିଥିଲେ। ନିର୍ଦ୍ଦିଷ୍ଟ ଭାବରେ କୌଣସି ଯୁବତୀ କିମ୍ବା ମହିଳା ସାହିତ୍ୟିକା ତାଙ୍କ ବିରୁଦ୍ଧରେ ସେତେବେଳେ ଥାନାରେ କେଶ୍ ଦେଇ ନ ଥିଲେ। କ୍ରମାଗତ ଭାବରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଏଭଳି ଯୌନ ରାକ୍ଷସ ସାହିତ୍ୟିକଙ୍କ ଅତ୍ୟାଚାର ସମ୍ପର୍କରେ 'ସମ୍ବାଦ କଳିକା'ରେ ଖବର ପ୍ରକାଶ ପାଇଥିଲା। କୌଣସି ଖବରରେ ମାନହାନୀ ହୋଇଥିବାର ଅଭିଯୋଗ କରିଥିବା ହର ପ୍ରସାଦ *(ପୃଷ୍ଠା ୭ରେ)*







# ଜଳ କଷ୍ଟ : ଏବିଡିଓଙ୍କ ପ୍ରତିଶ୍ରୁତି ପରେ ଧାରଣାରୁ ଉଠିଲେ ଗ୍ରାମବାସୀ

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ପାନୀୟ ଜଳ ମୁନ୍ଦେ ପାଇଁ ସଂଘର୍ଷ। କୌଣସି ଉପାନ୍ତ ଜିଲ୍ଲା ନୁହେଁ ବରଂ ଆଗୁଆ ଜିଲ୍ଲା ଖୋର୍ଦ୍ଧାରେ ଦେଖିବାକୁ ମିଳିଛି ଏହି ସମସ୍ୟା। ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ କୌଣସି ସମାଧାନର ବାଟ ବାହାର ନ କରିବାରୁ ଶେଷରେ ନିରାଶ ହୋଇ ବ୍ଲକ୍ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ ଅସରଳା ପଞ୍ଚାୟତ ନନ୍ଦ ସାହିର ବାସିନ୍ଦା ପାଣି ସମସ୍ୟା ନେଇ ବୋଲଗଡ଼ ବ୍ଲକ ଆଗରେ ଧାରଣା ଦେଇଥିଲେ ୩୦ରୁ ଊର୍ଦ୍ଧ୍ୱ ପରିବାର।



ଦୀର୍ଘ ୨ମାସ ଧରି ଅସରଳା ପଞ୍ଚାୟତ ନନ୍ଦ ସାହିର ବାସିନ୍ଦା ପାନୀୟ ଜଳ ପାଇଁ ହନ୍ତସନ୍ତ ହେଉଛନ୍ତି। ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ ପରେ କେହି ଶୁଣୁ ନଥିବାରୁ ବାଧ ହୋଇ ଶୁକ୍ରବାର ସାହିର ମହିଳା ଓ ପୁରୁଷ ହାତରେ ହାଣ୍ଡି, ମାଠିଆ ଧରି ବୋଲଗଡ଼ ବ୍ଲକ ଆଗରେ ଧାରଣା ବସିଥିଲେ। ଗ୍ରାମବାସୀଙ୍କ କହିବାନୁଯାୟୀ, ଗ୍ରାମରେ ଗୋଟିଏ ନଳକୂଅ ରହିଛି। ହେଲେ ସେଥିରେ ପାଣି ନବାହାରିବାରୁ ଅଚଳ ହୋଇପଡ଼ିଛି। ପାଣି ପାଇଁ ଗ୍ରାମବାସୀ ପାଦରେ ଚାଲି ଚାଲି ନଈ ଭିତରେ ଥିବା ଚୁଆରୁ ପାଣି ଆଣି ଛାଣି ପିଉଛନ୍ତି। ଏ ନେଇ ଦୀର୍ଘ ଦିନ ହେଲା ପ୍ରଶାସନ ଅଧିକାରୀଙ୍କୁ ଜଣାଇ ଆସୁଥିଲେ ମଧ୍ୟ କିଛି ଲାଭ ମିଳୁ ନାହିଁ।

ବୋଲଗଡ଼ ବ୍ଲକ ଏବିଡିଓ ରତିକାନ୍ତ ମିଶ୍ର ଓ ପାନୀୟ ଜଳ ଯୋଗାଣ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରିବା ସହ ଗାଁକୁ ଆସି ସ୍ଥିତି ଦେଖିଥିଲେ। ଖୁବ୍‌ଶୀଘ୍ର ଏହି ସମସ୍ୟାର କରିବା ନେଇ ପ୍ରତିଶ୍ରୁତି ଦେବାପରେ ଧାରଣାରୁ ହଟିଥିଲେ ଗ୍ରାମବାସୀ।

## ପାନୀୟ ଜଳ ଯୋଗାଣ ଦାବିରେ ଜାତୀୟ ରାଜପଥ ଅବରୋଧ

**ବଲାଙ୍ଗିର, ନ୍ୟୁଜ୍‌ବ୍ୟୁରୋ**

ପାନୀୟ ଜଳ ଯୋଗାଣ ଦାବିରେ ଜାତୀୟ ରାଜପଥ ଅବରୋଧ କରିଛନ୍ତି ଉତ୍ତ୍ୟକ୍ତ ଲୋକେ। ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ଫାସଡ଼ ଗ୍ରାମର ଗ୍ରାମବାସୀମାନେ ଏହି ରାସ୍ତା ରୋକ କରିଛନ୍ତି। ବଲାଙ୍ଗିର-ସମ୍ବଲପୁର ରାସ୍ତାର ଫାସଡ଼ ଗ୍ରାମ ଠାରେ ଏହି ରାସ୍ତାରୋକ କରାଯାଇଛି। ଶତାଧିକ ମହିଳା ପୁରୁଷ ଗରା, ବାଲଟି ରଖି ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ମାସେ ହେବ ଗ୍ରାମକୁ ପାଇପ୍ ଯୋଗେ ପାଣି ଆସୁନଥିବାରୁ ଏହାର ପ୍ରତିବାଦରେ ଗ୍ରାମବାସୀମାନେ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଦିନ ୧୧ଟାରୁ ଏହି ରାସ୍ତା ଅବରୋଧ ଆରମ୍ଭ ହୋଇଥିବା ବେଳେ ଖବର ପାଇ ସ୍ଥାନୀୟ ପୋଲିସ ଓ ବିଭାଗୀୟ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଛନ୍ତି। ଅନ୍ୟପକ୍ଷରେ ରାସ୍ତାରୋକ ଯୋଗୁଁ ବଲାଙ୍ଗିର-ସମ୍ବଲପୁର ରୁଟ୍‌ରେ ଦୀର୍ଘ ସମୟ ଧରି ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା।

# ପାଠ ପଢ଼ିବାରେ ପଥ ଓଗାଳୁଛି ରାସ୍ତା

**ନିଆଳି, ନ୍ୟୁଜ୍‌ବ୍ୟୁରୋ**

ଶିକ୍ଷାର ବିକାଶ ଏବଂ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ି ତୋଳିବା ଲକ୍ଷ୍ୟ ନେଇ ନିର୍ମାଣ କରିଛନ୍ତି ଓଡ଼ିଶା ଆଦର୍ଶ ବିଦ୍ୟାଳୟ। ମେଧାବୀ ଛାତ୍ରଛାତ୍ରୀ ଏଠାରେ ପଢ଼ିବେ ନିଜର ଭବିଷ୍ୟତ ଗଢ଼ିବେ। ଏଥିପାଇଁ ଖର୍ଚ୍ଚ ହୋଇଛି କୋଟି କୋଟି ଟଙ୍କା। ହେଲେ ବିଦ୍ୟାଳୟକୁ ଯିବା ପାଇଁ ଭଲ ରାସ୍ତା ନଥିବାରୁ ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କ ମହଲରେ ଦେଖାଦେଇଛି ଅସନ୍ତୋଷ।

କଟକ ଜିଲ୍ଲା ନିଆଳି ବ୍ଲକ ଟୋଲାଗୋପିନାଥ ଅଞ୍ଚଳରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନିର୍ମାଣ ହୋଇଛି। ବିଦ୍ୟାଳୟ ନିର୍ମାଣ ପାଇଁ ଖର୍ଚ୍ଚ ହୋଇଛି ୯କୋଟି ୭୨ ଲକ୍ଷ ଟଙ୍କା। ସେହିପରି ୧୦୦ ଶଯ୍ୟା ବିଶିଷ୍ଟ ବାଳିକା ହଷ୍ଟେଲ ନିର୍ମାଣ ପାଇଁ ତିନି କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମଞ୍ଜୁର ହୋଇଛି। ବାଳକ ଛାତ୍ରାବାସର ୧୦୦ ଶଯ୍ୟା ପାଇଁ ପାଖାପାଖି ୪ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ଜଣାପଡ଼ିଛି। ଟୋଲାଗୋପିନାଥ ଅଞ୍ଚଳରେ ନିର୍ମାଣ ହୋଇଥିବା ଓଡ଼ିଶା





ଆଦର୍ଶ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରୁ ଆରମ୍ଭ କରି ଯୁକ୍ତ ଦୁଇ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ପାଠ ପଢିବା ପାଇଁ ରାଜ୍ୟ ସରକାର ବ୍ୟବସ୍ଥା କରିଛନ୍ତି। କିନ୍ତୁ ଟୋଲା ଗୋପିନାଥ ଅଞ୍ଚଳରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ଭଲ ରାସ୍ତା ନଥିବା କାରଣରୁ ସ୍କୁଲ ଆରମ୍ଭରୁ ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ ହୋଇଥିବା ନେଇ ଅଭିଯୋଗ ହେଉଛି। ୬୦ ନମ୍ବର ରାଜ୍ୟ ପଥ ଟୋଲାଛକ ଠାରୁ ବିଦ୍ୟାଳୟକୁ ସଂଯୋଗୀକରଣ କରିଥିବା ପାଖାପାଖି ୧ କିଲୋମିଟର ରାସ୍ତା ଢେମା, ଖାଲ, ନାଳି ଓ ମାଟି ରାସ୍ତା ଯୋଗୁଁ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଆସିବାରେ ଅସୁବିଧାରେ ସମ୍ମୁଖୀନ ହେଉଥିବା ଉଭୟ ଛାତ୍ର ଏବଂ ଅଭିଭାବକମାନେ ଅଭିଯୋଗ କରିଛନ୍ତି।

ଖାଲଖମା ରାସ୍ତା ଯୋଗୁଁ ଛାତ୍ରଛାତ୍ରୀ ଦୁର୍ଘଟଣାର ଶିକାର ହେଉଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି। ଏହି ରାସ୍ତାଟି କଟକ ଆରଆଣ୍ଡବି ବିଭାଗ ଅଧିନରେ ରହିଛି। ବର୍ଷା ଦିନ ଆରମ୍ଭ ହୋଇଯାଇଥିବାରୁ ରାସ୍ତାଟିକୁ ପିଚୁ କିମ୍ବା କଂକ୍ରିଟ ଢଳେଇ କରାନଗଲେ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଅନିଶ୍ଚିତ ଆଡ଼କୁ ଯାଇପାରେ ବୋଲି କହିଛନ୍ତି ଅଭିଭାବକ। ଏହି ରାସ୍ତାକୁ ତୁରନ୍ତ ପିଚୁ କିମ୍ବା କଂକ୍ରିଟ ଢଳେଇ କରାଯିବା ପାଇଁ ଦାବି ହୋଇଛି।

## ଖରିଫ ଚାଷ ପୂର୍ବରୁ କୃଷିଋଣ ପାଇଁ ଦାବି କଲେ ଚାଷୀ

**ଗଞ୍ଜାମ, ନ୍ୟୁଜ୍‌ବ୍ୟୁରୋ**

ଦୁଇ ବର୍ଷ ହେଲା ପିଟଳ ଚାଷୀ ମାନେ ପିଟଳ ସେବା ସମବାୟ ସମିତି ମାଧ୍ୟମରେ ଆସିକା କେନ୍ଦ୍ର ସମବାୟ ବ୍ୟାଙ୍କ ଶେରଗଡ଼ ଶାଖାରେ ଆବେଦନ କରି ଆସିଥିଲେ ମଧ୍ୟ କାଳକ୍ଷେପଣ ନୀତି ଅବଲମ୍ବନ କରି ଋଣ ପ୍ରଦାନ କରାଯାଉନି। ଫଳରେ ଚାଷୀମାନେ ଚାଷକାର୍ଯ୍ୟରେ ବାଧାପ୍ରାପ୍ତ ହେବାକୁ ଯାଉଛନ୍ତି। ତୁରନ୍ତ ଶେରଗଡ଼ ଶାଖା ପରିଚାଳକ, ଆସିକା କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳକ ରାଜ୍ୟ ସମବାୟ ଓ କୃଷିବିଭାଗ ମନ୍ତ୍ରୀ ଘଟଣାର ଅନୁଧ୍ୟାନ କରି ଖରିଫ ଚାଷ ପୂର୍ବରୁ ଚାଷୀଙ୍କୁ ଋଣ ସହାୟତା ପ୍ରଦାନ କରିବାକୁ ଦାବି ହେଉଛି।

# କୋରାପୁଟରେ ବ୍ୟାପୁଛି ଅଜଣା ରୋଗ

**ଦଶମନ୍ତପୁର, ନ୍ୟୁଜ୍‌ବ୍ୟୁରୋ**

କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅଧୀନ ଗାଜିଆଗୁଡ଼ା ପଞ୍ଚାୟତ ପଞ୍ଚାପଦର ଗ୍ରାମରେ କିଛି ଦିନ ହେବ ଅଜଣାରୋଗ ବ୍ୟାପୁଥିବା ଲକ୍ଷ୍ୟ କରାଯାଉଛି। ଏଥିରେ ଗ୍ରାମର ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୃଦ୍ଧବୃଦ୍ଧାମାନେ ଆକ୍ରାନ୍ତ ହେଉଥିବା ଦେଖିବାକୁ ମିଳିଛି। ଗ୍ରାମରେ ୨୫ ପରିବାର ବସବାସ କରନ୍ତି। ଗ୍ରାମବାସୀଙ୍କ କହିବାନୁସାରେ ଗ୍ରାମର ଜଣେ ଛୋଟ ଝିଅ ମୁହଁରେ ଏକ ଛୋଟ ଘା' ସଦୃଶ ବାହାରି କିଛି ସମୟ ମଧ୍ୟରେ ଘା'ଟି ବଡ଼ ହୋଇ ଆପେ ଆପେ ଫାଟି ଯାଉଥିଲା। ତେବେ ଏହା କି ପ୍ରକାର ରୋଗ ଜଣାପଡ଼ି ନ ଥିଲା। ଯେଉଁଦିନ ଝିଅଟିର ଘାଟି ଫାଟିଯାଇଥିଲା ତା'ପରଦିନ ଗ୍ରାମର ମମତା ସାଉନ୍ତା, ମିକି ସାଉନ୍ତା, ଜାମ୍ବଲି ସାଉନ୍ତା, ଲିପସା ସାଉନ୍ତା, ସୁନ୍ଦରି ସାଉନ୍ତା, ଝାଡ଼ୁ ସାଉନ୍ତା, ଜୟନ୍ତୀ ସାଉନ୍ତା, ଆରନ୍ତି ସାଉନ୍ତା, ରୁନି ସାଉନ୍ତା, ଅଭିୟ ସାଉନ୍ତା, ଶାନ୍ତି ସାଉନ୍ତା, ରାମ ସାଉନ୍ତା, ଦୁଲିଆ ସାଉନ୍ତା ଏବଂ ଭିଙ୍ଗୁ ସାଉନ୍ତା ଏହି ଅଜଣା ରୋଗର ଶିକାର ହୋଇଥିଲେ। କେତେ ଜଣ ରୋଗୀ ପୋଡ଼ାଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ଯାଇ ଚିକିତ୍ସିତ



ହୋଇଥିବା ଜଣାପଡ଼ିଛି। ତେବେ ଗ୍ରାମର ଦିଶାରୀ ଓ ଗୁରୁମାଇମାନେ ଏହି ରୋଗକୁ ମିଳିମିଳା ବୋଲି ସନ୍ଦେହ କରି ଝଡ଼ା ଫୁଙ୍କା କରୁଥିବା ଦେଖିବାକୁ ମିଳିଛି। ଏନେଇ ସ୍ୱାସ୍ଥ୍ୟ ବିଭାଗ ପାଖରେ କୌଣସି ସୂଚନା ନ ଥିବାରୁ ଗ୍ରାମରେ ସ୍ୱାସ୍ଥ୍ୟ ବିଭାଗର ଟିମ୍ ପହଞ୍ଚି ନାହିଁ।

# ଦକ୍ଷିଣ ଓଡ଼ିଶା ଆୟୁର୍ବେଦ ବିକାଶ ପରିଷଦର ବାର୍ଷିକ ଉତ୍ସବରେ ଯୋଗଦେଲେ ତାରା ପ୍ରସାଦ ବାହିନୀପତି

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଜୟପୁର ଟାଉନ ହଲ୍ ଠାରେ ଦକ୍ଷିଣ ଓଡ଼ିଶା ଆୟୁର୍ବେଦ ବିକାଶ ପରିଷଦର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅବିଭକ୍ତ କୋରାପୁଟ ଏବଂ ଗଞ୍ଜାମ ଜିଲ୍ଲାରେ ଯେଉଁଳି ଆୟୁର୍ବେଦ ଔଷଧ ମିଳେ ତାହା ଦେଶର ଅନ୍ୟ ପ୍ରାନ୍ତରେ ସେପରି ନୁହେଁ। ଗଞ୍ଜାମ ଜିଲ୍ଲାରେ ଶହ ଶହ ବର୍ଷ ପୂର୍ବରୁ ଆୟୁର୍ବେଦକୁ ଲୋକେ ଆପଣାଇଥିବା ବେଳେ ଏହାର ପ୍ରସାର ଏବଂ ପ୍ରଚାର ମଧ୍ୟ ଦକ୍ଷିଣ ଓଡ଼ିଶାବାସୀ କରି ଚାଲିଛନ୍ତି। ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଠାରୁ ଆରମ୍ଭ କରି ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଯାଏଁ ସମସ୍ତେ ଆୟୁର୍ବେଦକୁ ଅଧିକ ବିଶ୍ୱାସ କରୁଥିଲେ। ତେଣୁ ସେମାନଙ୍କ ସମୟରେ ହିଁ ଓଡ଼ିଶାରେ ଏହି ଚିକିତ୍ସା ପଦ୍ଧତିର ପ୍ରସାର ଥିଲା। ସମୟ କ୍ରମେ ଏହାକୁ ପରବର୍ତ୍ତୀ ସରକାର ଯେଭଳି ଗୁରୁତ୍ୱ ଦେବା କଥା ତାହା ସମ୍ଭବ ହୋଇ ନାହିଁ। ତଥାପି ଏହି ବିଦ୍ୟାର ବିକାଶ ପାଇଁ ବିଧାନସଭାରେ ଯାହା ଆବଶ୍ୟକ ସେ ବାବଦରେ ନିଜେ ପ୍ରସ୍ତାବ ରଖିବେ ବୋଲି କହିଛନ୍ତି ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି। ଦକ୍ଷିଣ ଓଡ଼ିଶା ଆୟୁର୍ବେଦ ବିକାଶ ପରିଷଦର ବାର୍ଷିକ ଉତ୍ସବରେ ଶ୍ରୀ ବାହିନୀପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି ଯେ, କେନ୍ଦ୍ର ସରକାର ଆୟୁଷ ମନ୍ତ୍ରଣାଳୟ ଖୋଲିଥିବା ବେଳେ ରାଜ୍ୟ ସରକାରକୁ ମଧ୍ୟ ସେହି ଦିଗରେ କାମ କରିବାକୁ ସେ ପ୍ରସ୍ତାବ ଦେବା ସହ ଗାଁ ଗହଳିରେ କାମ କରୁଥିବା ବୈଦରାଜମାନଙ୍କ ପାଇଁ ଭତ୍ତା ବ୍ୟବସ୍ଥା ରାଜ୍ୟ ସରକାର କରନ୍ତୁ ବୋଲି ଦାବି ରଖିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପରିଷଦର ସଭାପତି ଡାକ୍ତର ସୁଦର୍ଶନ ଗୌଡ଼ଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ କବି ପ୍ରଦୀପ ମିଶ୍ର ଯୋଗ ଦେଇଥିବା ବେଳେ ସାଧାରଣ ସଂପାଦକ କବିରାଜ ପରମେଶ୍ୱର ପାତ୍ର ଅତିଥି ପରିଚୟ ସହ ବିବରଣୀ ପାଠ କରିଥିଲେ। ଉତ୍ସବରେ ଅତିଥି ଭାବେ ସୋରଡ଼ାରୁ ଆସିଥିବା ଦିବ୍ୟ ଫାର୍ମାର ପ୍ରତିଷ୍ଠାତା ଉପେନ୍ଦ୍ର ପାତ୍ର, ନିଳାଞ୍ଚଳ ଶତପଥି, ଦ୍ୱିତୀକୃଷ୍ଣ ଶତପଥି, କାଶୀନଗରରୁ ଆସିଥିବା ପ୍ରକାଶ କୁମାର ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଆୟୁର୍ବେଦ ଉପରେ ନିଜର ଅଭିଜ୍ଞତା ବର୍ଣ୍ଣନା କରିଥିଲେ।

# ପ୍ରେସ୍ କ୍ଲବ୍ ପକ୍ଷରୁ ନବ ନିର୍ବାଚିତ ବିଧାୟକଙ୍କୁ ହରିଚନ୍ଦନପୁର ବ୍ଲକ୍ ଅଞ୍ଚଳର ବିକାଶ ନିମନ୍ତେ ଦାବିପତ୍ର ପ୍ରଦାନ

**ହରିଚନ୍ଦନପୁର, ନ୍ୟୁଜ୍‌ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ତେଲକୋଇ ନିର୍ବାଚନ ମଣ୍ଡଳୀର ନବ ନିର୍ବାଚିତ ଭାରତୀୟ ଜନତା ପାର୍ଟିର ବିଧାୟକ ଡାକ୍ତର ଫକୀର ମୋହନ ନାଏକ ହରିଚନ୍ଦନପୁର ପରିଦର୍ଶନ ଆସିଥିଲେ। ହରିଚନ୍ଦନପୁର ପ୍ରେସ୍ କ୍ଲବର ସଭାପତି ଶ୍ରୀନିବାସ ପାଇକରାୟଙ୍କ ନେତୃତ୍ୱରେ କ୍ଲବ୍ ପକ୍ଷରୁ ବିଧାୟକଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଦୀର୍ଘ ଦିନରୁ ହରିଚନ୍ଦନପୁର ବ୍ଲକ୍‌ର ମୁଖ୍ୟ ମୌଳିକ ସମସ୍ୟାଗୁଡ଼ିକ ମଧ୍ୟରେ ବ୍ଲକ୍ ମୁଖ୍ୟାଳୟ ବଜାରରେ ଶୌଚାଳୟ ନିର୍ମାଣ, କଲ୍ୟାଣୀ ମଣ୍ଡପ, ଡାକ ବଙ୍ଗଳା ନିର୍ମାଣ, ଲାଇବ୍ରେରୀ ସ୍ଥାପନ, ଖେଳକୁଦ ପାଇଁ ମିନି ଷ୍ଟାଡ଼ିୟମ, ବଜାରରେ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା, ହରିଚନ୍ଦନପୁର ଠାରୁ ତେଲକୋଇକୁ ପୂର୍ତ୍ତ ବିଭାଗର ରାସ୍ତା ନିର୍ମାଣ, ହରିଚନ୍ଦନପୁର ଠାରୁ ଦୈତାରି ରାସ୍ତାର ରେବଣାରୁ ଦୈତାରି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ, ଚାଷୀଙ୍କ ବୃହତ୍ ସ୍ୱାର୍ଥ ନିମନ୍ତେ ହରିଚନ୍ଦନପୁରର ଅର୍ଦ୍ଧନିର୍ମିତ ଧାନ ମଣ୍ଡି ଗୋଦାମ ଗୃହ ସମ୍ପୂର୍ଣ୍ଣ କରାଯିବା ନିମନ୍ତେ ପ୍ରେସ୍ କ୍ଲବ ପକ୍ଷରୁ ଦାବି ଉପସ୍ଥାପନ କରାଯାଇଛି। ଲୋକଙ୍କ ବୃହତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉପରୋକ୍ତ ଦାବି ଗୁଡ଼ିକୁ କାର୍ଯ୍ୟକ୍ଷମ କରାଇଲେ ହରିଚନ୍ଦନପୁର ଅଞ୍ଚଳବାସୀ ଉପକୃତ ହୋଇପାରିବେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଅନ୍ୟପଟେ ବିଧାୟକ ଡାକ୍ତର ଫକୀର ମୋହନ ନାଏକ ଉକ୍ତ ସମସ୍ୟା ଗୁଡ଼ିକର ସମାଧାନ ଦିଗରେ ଦୃଷ୍ଟି ଦେବାକୁ କହିଥିବା ବେଳେ ହରିଚନ୍ଦନପୁର ବାସୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରେସ୍ କ୍ଲବର ସମସ୍ତ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ରହିଥିଲେ।

# ଭାରିଯାନ ଚଳାଚଳ ନେଇ ଟ୍ରାଫିକ ସମସ୍ୟା ବାରଣ ସତ୍ତ୍ୱେ ବୋଲ ମାନୁନାହାନ୍ତି ଗାଡ଼ି ମାଲିକ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଦୀର୍ଘ ଦିନ ଧରି ଏହି ବ୍ଲକ ଆଗରପଡ଼ା ବଜାର ଦେଇ ଭାରିଯାନ ଚଳାଚଳ କରୁଥିବାରୁ ଟ୍ରାଫିକ ସମସ୍ୟା ଦେଖାଦେଇଛି। ଆନନ୍ଦପୁର ଅଞ୍ଚଳରୁ ଆସୁଥିବା ବାଲି ବୋଝେଇ ହାଇୱା ଭାରିଯାନ ଏହାର ମୁଖ୍ୟ କାରଣ ହୋଇଥିବା ବେଳେ ନାନା ବିରୋଧ ସତ୍ତ୍ୱେ ଗାଡ଼ିମାଲିକମାନେ ମୋଟା ଅଙ୍କର ବଟି ଦେଇ ଜନ ଗହଳି ପୂର୍ଣ୍ଣ ବଜାର ଅଞ୍ଚଳରେ ଗାଡ଼ି ଚଳାଚଳ କରିଆସୁଛନ୍ତି। ଫଳରେ ବିଶେଷ କରି ସକାଳ ଓ ସନ୍ଧ୍ୟା ସମୟରେ ଗୁରୁତ୍ୱର ଟ୍ରାଫିକ ସମସ୍ୟା ଦେଖା ଦେଉଛି। ଏହି ଭାରିଯାନ ଗୁଡ଼ିକ ଯା' ଆସ ଫଳରେ ପଛରୁ ଆସୁଥିବା ଛୋଟ ବଡ଼ ଗାଡ଼ି ଗୁଡ଼ିକ ପାସ୍ କରି ନପାରି ରାସ୍ତା ଜାମ କରୁଥିବା ବେଳେ ସମ୍ମୁଖ ପଟୁ ଆସୁଥିବା ଗାଡ଼ିକୁ ସାଇଟ୍ ଦେବାରେ ସମାସ୍ୟା ଯୋଗୁଁ ଲୋକମାନଙ୍କ ରାସ୍ତାରେ ଯାତାୟାତରେ ଘୋର ବିଭ୍ରାଟ ଦେଖା ଦେଉଛି। ଲୋକେ ଅଧିକ ସମୟ ଅପେକ୍ଷା କରିବା ସହିତ ଜୀବନ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଭାରିଯାନ ଚଳାଚଳ ବନ୍ଦକୁ ନେଇ ଆଗରପଡ଼ା ବରିଷ୍ଠ ନାଗରିକ ସଂଘ, ବ୍ୟବସାୟୀ ସଂଘ, ଯୁବ ଛାତ୍ର ଗୋଷ୍ଠୀ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଫଳରେ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଆଗରପଡ଼ା ଅଞ୍ଚଳର ଯୁବ ଓ ଛାତ୍ର ଗୋଷ୍ଠୀ ଆଗରପଡ଼ା ଥାନାଧିକାରୀ ଅମିତ୍ କୁମାର ଭୂୟାଁଙ୍କୁ ଭେଟି ପୂର୍ବରୁ ଲିଖିତ ଭାବେ ଦାବିପତ୍ର ପ୍ରଦାନ କରିଥିବା ବେଳେ ଶନିବାର ବିଜେପି ନେତା ଗୋପାଳକୃଷ୍ଣ ଦାଶ, ଅଶୋକ ପରିଡ଼ା ପ୍ରମୁଖ ଥାନାଧିକାରୀଙ୍କ ସହ ଉପରୋକ୍ତ ସମସ୍ୟା ନେଇ ଆଲୋଚନା କରିଛନ୍ତି। ସ୍ଥାନୀୟ ବଜାରର ଡାଏଟ ଛକ କିମ୍ବା କାଣ୍ଡବା ପୋଲ ଠାରେ ବାଲି ଗାଡ଼ିକୁ ଅଟକାଇ ଖବର ଦେଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନାଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟ ପକ୍ଷରେ ଅଞ୍ଚଳବାସୀ ଏହି ଭାରିଯାନ ଚଳାଚଳକୁ ସକାଳ ୮ରୁ ରାତ୍ର ୮ଟା ମଧ୍ୟରେ ଚଳାଚଳ ବନ୍ଦ ରଖିବାକୁ ଦାବି କରିଛନ୍ତି। ପ୍ରକାଶ ଥାଉକି ଏହି ବଜାର ସଲଗ୍ନ ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ, ମହିଳା କଲେଜ, ଆଗରପଡ଼ା ମହାବିଦ୍ୟାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଦମକଳ କେନ୍ଦ୍ର, ଥାନା, କୃଷି କାର୍ଯ୍ୟାଳୟ, ପଶୁ ଚିକିତ୍ସାଳୟ, ପୋଷ୍ଟ ଅଫିସ, କୃଷ୍ଣଚରଣ ବିଦ୍ୟାମନ୍ଦିର, ସରକାରୀ ବାଳିକା ବିଦ୍ୟାଳୟ, ତୋଫାବିବି ପ୍ରାଥମିକ ବିଦ୍ୟାଳୟ, ସରସ୍ୱତୀ ଶିଶୁ ମନ୍ଦିର ସମେତ ଏକାଧିକ ବ୍ୟାଙ୍କ ଆଦି ରହିଛି। ଫଳରେ ସକାଳୁ ସନ୍ଧ୍ୟା ଯାଏଁ ବଜାର ଅଞ୍ଚଳରେ ଭିଡ଼ ଲାଗିରହେ।

# କେନ୍ଦ୍ରାପଡ଼ା କଂଗ୍ରେସର ବିଧାନସଭା ନିର୍ବାଚନ ମଣ୍ଡଳୀ ସ୍ତରୀୟ କର୍ମୀ ବୈଠକ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

୨୦୨୪ ସାଧାରଣ ନିର୍ବାଚନ ପରେ ଜିଲ୍ଲାର ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ପ୍ରାର୍ଥୀଙ୍କ ପରାଜୟ ପରେ ପ୍ରଥମଥର ପାଇଁ ନିର୍ବାଚନୀ ସମୀକ୍ଷା ଓ କର୍ମୀ ବୈଠକ କଜଳା ସ୍ଥିତ ଜିଲ୍ଲା କଂଗ୍ରେସ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଂଗ୍ରେସ ନେତା ସଂଗ୍ରାମ କେଶରୀ ମଲିକ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିବାବେଳେ କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ କାଉନସିଲର ଧରଣୀଧର ସୁଆରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମୀ ବୈଠକରେ କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନୀ ମଣ୍ଡଳୀ ସ୍ତରୀୟ କର୍ମୀ ବୈଠକରେ କଂଗ୍ରେସ ବିଧାୟିକା ପ୍ରାର୍ଥୀ ଡଃ ସିପ୍ରା ମଲିକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ପୂର୍ବତନ ନଗରପାଳ ମହମ୍ମଦ ଆକବର ଅଲ୍ଲୀ, ବରିଷ୍ଠ କଂଗ୍ରେସ ନେତା ଫକୀର ଚରଣ ଖଟୁଆ, ହଳଧର ସେଠୀ, ସସ୍ମିତା ପଣ୍ଡା, ଅପର୍ଣ୍ଣା ମିଶ୍ର ପ୍ରମୁଖ ଯୋଗଦେଇ ଚଳିତ ନିର୍ବାଚନରେ କଂଗ୍ରେସ କର୍ମୀମାନଙ୍କର ପରିଶ୍ରମ ଫଳରେ କଂଗ୍ରେସ ପ୍ରାର୍ଥୀମାନଙ୍କର ସମ୍ମାନ ରକ୍ଷା ହୋଇପାରିଥିବା ଡଃ ମଲିକ ପ୍ରକାଶ କରିଥିଲେ। ଆସନ୍ତା ନିର୍ବାଚନରେ କଂଗ୍ରେସ ରାଜ୍ୟ କେନ୍ଦ୍ରରେ ପୁଣି ସରକାର ଗଢିବ ବୋଲି ବକ୍ତାମାନେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଆୟୋଜିତ ଏହି କର୍ମୀ ସମ୍ମିଳନୀରେ ବିଭିନ୍ନ ପଞ୍ଚାୟତ ଓ ପୌରାଞ୍ଚଳରୁ ଆସିଥିବା କଂଗ୍ରେସ କର୍ମୀମାନେ ନିଜ ନିଜର ଅନୁଭୂତି ସଂପର୍କରେ ପ୍ରକାଶ କରିଥିଲେ।

# ଜଳସମସ୍ୟା ସମାଧାନ ନହେଲେ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଲେ ଗ୍ରାମବାସୀ

**ବେଗୁନିଆ, ନ୍ୟୁଜ୍‌ବ୍ୟୁରୋ**

ଅନୁରୂପ ଭାବେ ବେଗୁନିଆ ବ୍ଲକରେ ମଧ୍ୟ ଉତ୍କଟ ପାନୀୟ ସମସ୍ୟା ବିଭିନ୍ନ ପଞ୍ଚାୟତରେ ଦେଖା ଦେଇଛି। ବେଗୁନିଆ ବ୍ଲକର ରାଉତପଡ଼ା ପଞ୍ଚାୟତର ରାଉତପଡ଼ା ଗ୍ରାମରେ ଦେଖିବାକୁ ମିଳିଛି। ପାନୀୟଜଳ ସମସ୍ୟା ବସୁଧା ଯୋଜନାରେ ବିଶୁଦ୍ଧ ପାନୀୟ ଜଳ ନଆସିବା କାରଣରୁ ଏବେ ମାଟି ଖୋଳି ଯାଇଥିବା ପାଇପରୁ ବିଶୁଦ୍ଧ ପାନୀୟ ଜଳ ସଂଗ୍ରହ କରୁଥିବା ଦେଖିବାକୁ ମିଳିଛି।

ଲୋକମାନେ ଏ ନେଇ ବ୍ଲକ ପ୍ରଶାସନିକ ଅଧିକାରୀ ସହ ସ୍ଥାନୀୟ ସରପଞ୍ଚଙ୍କୁ ବାରମ୍ବାର ଅଭିଯୋଗ କରିବା ପରେ ନିରାଶ ହେବା ପରେ ମାଟି ତଳେ ଯାଇଥିବା ପାଇପରୁ ପାନୀୟ ଜଳ ସଂଗ୍ରହ କରୁଥିବା ଦେଖିବାକୁ ମିଳିଛି। ଆଗାମୀ ଦିନରେ ଏହାର ସମାଧାନ ନହେଲେ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି। ଏନେଇ ଘଟଣା ସମ୍ପର୍କରେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ କହିଛନ୍ତି, ବେଗୁନିଆ ବୋଲଗଡ଼ ଅଞ୍ଚଳର ବିଭିନ୍ନ ସ୍ଥାନରେ ପାନୀୟ ଜଳ ସମସ୍ୟା ଲାଗିରହିଥିବା ଖବର ମୋ ପାଖରେ ଅଛି। ଏହାର କିଭଳି ତୁରନ୍ତ ସମାଧାନ କରାଯିବ ଏବଂ ମେଗା ପାନୀୟ ଜଳ ପ୍ରକଳ୍ପକୁ ତୁରନ୍ତ କାର୍ଯ୍ୟକାରୀ କରି ଲୋକମାନଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ। ସେ ନେଇ କାର୍ଯ୍ୟ କରିବି ଏବଂ ଏ ସମ୍ପର୍କରେ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରି ଲୋକମାନଙ୍କ ନିକଟରେ କିପରି ବିଶୁଦ୍ଧ ପାନୀୟ ଜଳ ପହଞ୍ଚିବ ସେ ଉପରେ ଗୁରୁତ୍ୱ ଦେବି।

# ଜୁଲାଇ ୨୮ରେ ଜୟପୁରରେ ହେବ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସ୍ତରୀୟ ସମ୍ମିଳନୀ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଅବିଭକ୍ତ କୋରାପୁଟ ଜିଲ୍ଲାର ଜୟପୁର ଠାରେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସ୍ତରୀୟ ସମ୍ମିଳନୀ ପାଇଁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲ୍ଲା ସଭାପତି ତଥା ଆବାହକ କେ. ଶ୍ରୀନିବାସ ରାଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମାଲକାନଗିରି, ରାୟଗଡା, ନବରଙ୍ଗପୁର ଏବଂ କୋରାପୁଟ ଜିଲ୍ଲାର ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ରହି ଆସନ୍ତା ଜୁଲାଇ ମାସ ୨୮ ତାରିଖରେ ଜୟପୁର ଠାରେ ରାଜ୍ୟସ୍ତରୀୟ ସମ୍ମିଳନୀ ନିମନ୍ତେ ନିଷ୍ପତ୍ତି ନେଇଥିଲେ। ପ୍ରଥମଥର ଅବିଭକ୍ତ କୋରାପୁଟ ଜିଲ୍ଲାରେ ଏହି ସମ୍ମିଳନୀ ଅନୁଷ୍ଠିତ ହେବାକୁ ଥିବାରୁ ସମ୍ମିଳନୀରେ ଓଡ଼ିଶାର ସମସ୍ତ ଜିଲ୍ଲାରୁ ୩୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଅଂଶଗ୍ରହଣ କରିବେ। ସେଥିପାଇଁ ପ୍ରତିନିଧି ମାନଙ୍କ ରହିବା, ସମ୍ମିଳନୀର ସ୍ଥାନ ନିରୂପଣ, ଖାଦ୍ୟ ପେୟ, ମୁଖ୍ୟ ଅତିଥି ସମ୍ମାନୀୟ ଅତିଥିମାନଙ୍କୁ ନିମନ୍ତ୍ରଣ, କୃତିତ୍ୱ ଅର୍ଜନ କରିଥିବା ପ୍ରତିନିଧି ଏବଂ ଅତିଥି ମାନଙ୍କୁ ସମ୍ମାନୀତ କରାଯିବ। ୨୯ ତାରିଖ ଦିନ ରାଜ୍ୟର ସମସ୍ତ ପ୍ରତିନିଧିମାନେ ଗୁପ୍ତେଶ୍ୱର ପୀଠ ପରିଦର୍ଶନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ବିଭିନ୍ନ କମିଟି ଗଠନ କରାଯାଇ ସମ୍ମିଳନୀକୁ କିପରି ସାଫଲ୍ୟମଣ୍ଡିତ କରାଯିବ ସେଥିପାଇଁ ବିସ୍ତୃତ ଆଲୋଚନା କରାଯାଇଥିଲ। ଏହି ବୈଠକରେ ରାଜ୍ୟ ସମ୍ପାଦକ ନୃସିଂହ ବ୍ରହ୍ମା, ମାଲକାନଗିରି ଜିଲ୍ଲା ସଭାପତି ଦୁର୍ଯ୍ୟୋଧନ ପାତ୍ର, ଉପଦେଷ୍ଟା ସୀମାଞ୍ଚଳ ପାଣିଗ୍ରାହୀ, କାର୍ଯ୍ୟାଳୟ ସମ୍ପାଦକ ସତ୍ୟନାରାୟଣ ଦାସ, କୋଷାଧ୍ୟକ୍ଷ ହୃଷିକେଶ ସେଠୀ, ନବରଙ୍ଗପୁର ଜିଲ୍ଲା ସଭାପତି ହୃଷିକେଶ ମିଶ୍ର, ସମ୍ପାଦକ ଧିରେନ କୁମାର ପଣ୍ଡା, ଦେବି ପଟ୍ଟନାୟକ କରେଶ ଚନ୍ଦ୍ର ଉପାସି, କୋରାପୁଟ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଜୟସିଂଙ୍ଗ ପଡ଼ା ସେଠୀ, ସୁଦର୍ଶନ ସେନାପତି, ମନୋଜ ଦାସ, ସୁଭ ନାରାୟଣ ମହାନ୍ତି, ଚିତରଂଜନ ଚୌଧୁରୀ, ମନୋଜ ଦାସ, ମଧୁସୂଦନ ପାତ୍ର, କୃଷ୍ଣଚନ୍ଦ୍ର ଗଲରି, ଶ୍ୟାମ ଖିଲ, ଅଚ୍ୟୁତ ପଣ୍ଡା, ପି. ଗୋପାଳ ରାଓ, ଆନନ୍ଦ ଖରାଙ୍କ ସହ ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ଅଂଶଗ୍ରହଣ କରିଥିଲେ।

# କାମରେ ଲାଗୁନି ମହିଳା ଚାଷୀ ବଜାର : ପାଣିରେ ପଡ଼ିଲା କୋଟି କୋଟି ଟଙ୍କା

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ବିଭିନ୍ନ ସମୟରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାକୁ ପଦକ୍ଷେପ ନିଆଯାଉଛି। ହାତ ଗଣତି କିଛି ଯୋଜନା ସଫଳ ରୂପାୟନ ହୋଇଥିବା ବେଳେ ଅନେକ ଯୋଜନା ଫେଲ୍ ମାରିଛି, ଯାହାକି କୋଟିକୋଟି ଟଙ୍କା ପାଣିରେ ପଡ଼ିବା ସଦୃଶ ହୋଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ବାରବାଟୀ ଅଞ୍ଚଳରେ। ସ୍ଥାନୀୟ ଅଞ୍ଚଳର ମହିଳାମାନଙ୍କୁ ସ୍ୱାବଲମ୍ବୀ ନିମନ୍ତେ ବାରବାଟୀ ଠାରେ ମହିଳା ଚାଷୀ ବଜାରର ପରିକଳ୍ପନା କରାଯାଇଥିଲା। ୨୦୨୦ ମସିହା ଜୁଲାଇ ମାସରେ ଏହାକୁ ଉଦ୍‌ଘାଟନ କରାଯାଇଥିଲା। ଦୀର୍ଘ ବର୍ଷ ପରେ ବି ଏହି ମହିଳା ବଜାର କାମରେ ଆସୁ ନ ଥିବା ଅଭିଯୋଗ ହୋଇଛି। କିଛି ଚାବି ଫେରାଇ ଦେଇଥିବା ବେଳେ ଆଉ କିଛି ଲୋକ ଜବରଦଖଲ କରି ରହିଛନ୍ତି। ଆଉ କିଛି ଦୋକାନ ଗୃହ ଭଡ଼ାରେ ଦିଆଯାଇଥିବା ଜଣାପଡ଼ିଛି। ମହିଳା ଚାଷୀ ବଜାର ତା'ର ଲକ୍ଷ୍ୟ ହୁଡିଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ତେଣୁ ତୁରନ୍ତ ମହିଳା ଚାଷୀ ବଜାରକୁ ପୁନଃ ବଣ୍ଟନ କରିବାକୁ ସାଧାରଣରେ ଦାବି ହେଉଛି। ଏହି ମହିଳା ଚାଷୀ ବଜାର ଯାଜପୁର ନିୟନ୍ତ୍ରଣ ବଜାର କମିଟି ଓ ବାରବାଟୀ ପଞ୍ଚାୟତର ୬୦-୪୦ ଅର୍ଥ ବ୍ୟୟରେ ୨୨ଟି ଦୋକାନ ଗୃହ ନିର୍ମାଣ କରାଯାଇଥିଲା। ୨୦୨୦ ଜୁଲାଇ ୧ ତାରିଖରେ ଯାଜପୁରର ତତ୍କାଳୀନ ଜିଲ୍ଲାପାଳ ରଞ୍ଜନ କୁମାର ଦାସ ଏହାକୁ ମହିଳାମାନଙ୍କ ଉଦ୍ଦେଶ୍ୟରେ ଉଦ୍‌ଘାଟନ କରିଥିଲେ। ନିର୍ମିତ ଦୋକାନ ଘରଗୁଡିକୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଭଡା ସୂତ୍ରରେ ଦିଆଯାଇଥିଲା। ଉଦ୍‌ଘାଟନର ୮ମାସ ପରେ ଏହି ଗୃହକୁ କାହାରିକୁ ଭଡ଼ା ଦିଆଯାଇ ନ ଥିଲା। ୨୦୨୧ ମସିହା ମାର୍ଚ୍ଚ ମାସରୁ ଏହି ଗୃହକୁ ଭଡ଼ା ଦିଆଯାଇଥିଲା। ସେଥିମଧ୍ୟରୁ ଗୋଟିଏ ଦୁଇଟି ଦୋକାନ ଗୃହ ପରବର୍ତ୍ତୀ ସମୟରେ ଖୋଲିଥିବା ବେଳେ ବାକି ବନ୍ଦ ପଡିଥିଲା। ପ୍ରଶାସନ ପକ୍ଷରୁ ବହୁ ତାଗିଦ୍ ପରେ ଅନ୍ୟ କିଛି ଦୋକାନ ଖୋଲା ଯାଇଥିଲା। ଫଳରେ ଏହି ମହିଳା ଚାଷୀ ବଜାର ଏବେ ଭୂତକୋଠି ପାଲଟିଛି। ବଜାର ପରିସର ଏବେ ଛୋଟ ଜଙ୍ଗଲରେ ପରିଣତ ହେଲାଣି। ଏହାର ପୁନଃରୁଦ୍ଧାର ଓ ଜବରଦଖଲ ନ ହଟିଲେ କୋଟି କୋଟି ଟଙ୍କାର ଅମୂଲ୍ୟ ସମ୍ପତି ନଷ୍ଟ ହେବାର ସମ୍ଭାବନା ରହିଥିବା ସ୍ଥାନୀୟ ବ୍ୟବସାୟୀ ସେମାନଙ୍କ ପ୍ରତିକ୍ରୀୟାରେ ପ୍ରକାଶ କରିଛନ୍ତି।

# ଜରଡ଼ା ଗଡ଼ର ପାର୍ଥସାରଥୀ ମନ୍ଦିର, ଶ୍ରୀମନ୍ଦିର ସହ ରହିଛି ଭିନ୍ନ ଏକ ସମ୍ପର୍କ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ପ୍ରାଚୀନ କୀର୍ତ୍ତିରାଜିର ଗନ୍ତାଘର ଗଞ୍ଜାମ। ଜଗନ୍ନାଥ ସଂସ୍କୃତି ସହ ଜଡ଼ିତ ଗଞ୍ଜାମ ଜିଲ୍ଲାର ପାତ୍ରପୁର ନିକଟବର୍ତ୍ତୀ ଜରଡ଼ା ଗଡ଼ରେ ଅବସ୍ଥିତ ପାର୍ଥସାରଥୀ ମନ୍ଦିର। ଏହି ମନ୍ଦିରରେ ପୂଜା ପାଆନ୍ତି ପାର୍ଥସାରଥୀ। ଏହି ମନ୍ଦିରକୁ ନେଇ ରହିଛି ଅନେକ କିମ୍ବଦନ୍ତୀ। କୁହାଯାଏ ପୁରୀ ବଡ଼ଦାଣ୍ଡ ଠାରୁ ଜରଡ଼ା ଗଡ଼ର ବଡ଼ଦାଣ୍ଡର ଧୂଳି ପବିତ୍ର, ଜଗଡ଼ାରେ ରଥ ଗଢ଼ିଲେ ପରେ ପୁରୀରେ ରଥ ଗଢୁଥିଲା। କଳିଙ୍ଗନଗରର ରାଜା ଶ୍ରୀଅନନ୍ତ ବର୍ମା ଚୋଡ଼ଗଙ୍ଗ ମହେନ୍ଦ୍ରଗିରିରୁ ଜଗନ୍ନାଥଙ୍କୁ ନେଇ ପୁରୀରେ ପ୍ରତିଷ୍ଠା କରିଥିଲେ। ମହେନ୍ଦ୍ରଗିରିରୁ ଦାରୁ ଜରଡ଼ା ପାତ୍ରପୁର ଦେଇ ବରୁଣା ବନ୍ଦର (ବାରୁଆ) ବାଟେ ପୁରୀକୁ ଭାସି ଭାସି ଯାଇଥିଲା।

ପୁରାତନ କଥାବସ୍ତୁ ଅନୁଯାୟୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମୂଳ ଆସ୍ଥାନ ମହେନ୍ଦ୍ରଗିରି। ମହେନ୍ଦ୍ରଗିରି ପର୍ବତମାଳାର ଏକ ଅଂଶ ଭାବରେ



ଗଞ୍ଜାମ ଜିଲ୍ଲାର ପାତ୍ରପୁର ନିକଟବର୍ତ୍ତୀ ଜରଡା ଗଡ଼ ସୁପରିଚିତ। ମହେନ୍ଦ୍ରଗିରି ପାର୍ବତ୍ୟାଞ୍ଚଳର ଜରାଶବର ବଂଶାବଳୀକୁ ନେଇ ଏକ ତାଳପତ୍ର ପୋଥି ରହିଛି, ଯାହା ବର୍ତ୍ତମାନ ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ। ଗଞ୍ଜାମର ଅବସ୍ଥିତ ଚିକିଟିର ପୂର୍ବ ନାମ ସ୍ୱେତକ ରହିଥିଲା। ସେଠାରେ ଗଙ୍ଗବଂଶର ରାଜାମାନେ ଶାସନ କରିଥିବା ବେଳେ ସେମାନେ ସର୍ବପ୍ରଥମେ ବିଷ୍ଣୁ ଉପାସନା ଆରମ୍ଭ କରିଥିବା କୁହାଯାଏ। ପୁରୀଠାରୁ ପ୍ରାଚୀନ ବିଷ୍ଣୁ ଉପାସନା କେନ୍ଦ୍ର ହେଉଛି ଚିକିଟି ଜରଡ଼ା ଅଞ୍ଚଳ। ମହେନ୍ଦ୍ରଗିରିର ଗୋଟିଏ ଅଞ୍ଚଳକୁ 'ଦାରୁବ୍ରହ୍ମ' ଏବଂ ଅନ୍ୟ ଏକ ବନାଞ୍ଚଳକୁ 'ଦେବଗିରି' କୁହାଯାଏ। ଏଣୁ ରଥଯାତ୍ରା ସମୟରେ ଲୋକକଥା ରହିଛି, ଯିବୁ ଯଦି ପୁରୀ ଯାଆ, ନହେଲେ 'ଜରଡ଼ା ଯାଆ' ପ୍ରତ୍ୟେକ ବର୍ଷ ରଥଯାତ୍ରା ପାଇଁ ଚଳଚଞ୍ଚଳ ହୋଇ ପଡ଼ିଥାଏ ଜରଡ଼ାଗଡ଼ର ପାର୍ଥସାରଥୀ ମନ୍ଦିର।

ପାର୍ଥସାରଥୀ ମହାପ୍ରଭୁ ଜରଡ଼ାଗଡ଼ ଗ୍ରାମରେ କାଞ୍ଚି ଅଭିଯାନ ସମୟରୁ ପୂଜା ପାଉଥିବା କିମ୍ବଦନ୍ତୀ ରହିଛି। ଜଗତସାରା ଜଗନ୍ନାଥ ବିଖ୍ୟାତ ଓ ବଡ଼ ଠାକୁର ହୋଇଥିବା ବେଳେ ଜରଡ଼ାରେ ପ୍ରଭୁ ପାର୍ଥସାରଥୀ ହିଁ ମୁଖ୍ୟ ଠାକୁର ଭାବେ ପୂଜା ପାଇଥାନ୍ତି। ଏପରିକି ମନ୍ଦିରର ଏକ ବିଶେଷତ୍ୱ ହେଉଛି ଯେ ଯେଉଁ ଶିଶୁମାନେ ଜନ୍ମ ପରେ ଭଲରେ କଥା କହିପାରୁନଥିବେ ସେମାନଙ୍କୁ ଆଣି ମନ୍ଦିର ପାହାଚରେ ଗଡ଼ାଇବା ସହ ଚଣା ବିଞ୍ଚି ଶିଶୁକୁ ଖାଇବାକୁ ଦେଇ ଭଗବାନଙ୍କ ଘଣ୍ଟ ପାଣି ପିଆଇଲେ ସେ କଥା କହିଥାଏ। ଏହି ଗଭୀର ବିଶ୍ୱାସ ବର୍ଷ ବର୍ଷ ଧରି ରହିଆସିଛି। ବହୁ ନିଃସନ୍ତାନ ଦମ୍ପତି ସନ୍ତାନ ଆଶାରେ ପାର୍ଥସାରଥୀ ଧାମକୁ ଆସିଥାନ୍ତି। ବର୍ଷ ତମାମ ଏହି ପୀଠରେ ଲାଗିଥାଏ ଭକ୍ତଙ୍କ ଗହଳି। ସେପଟେ ଚଳିତବର୍ଷ ଏଠାରେ ପାର୍ଥସାରଥୀଙ୍କ ରଥଯାତ୍ରା ପାଇଁ ଜୋରସୋରରେ ଚାଲିଛି ରଥ ନିର୍ମାଣ କାର୍ଯ୍ୟ। ଏହି ରଥରେ ପ୍ରଭୁ ପାର୍ଥସାରଥୀ ନିଜେ ସାରଥୀ ହୋଇ ଯାଇଥାନ୍ତି। ଏଠାକାର ରଥରେ ୮ ଗୋଟି ଚକ ଥିବାବେଳେ ଏହାର ଉଚ୍ଚତା ୪୨ ଫୁଟ ୬ ଇଞ୍ଚ ରହିଥାଏ। ଉଭୟ ଆନ୍ଧ୍ର-ଓଡ଼ିଶା ସୀମାନ୍ତରେ ଜରଡ଼ା ଗଡ଼ ରହିଥିବା ଯୋଗୁଁ ବହୁ ଭକ୍ତଙ୍କ ଏଠାରେ ସମାଗମ ହୋଇଥାଏ।

ପୁରୀ ରଥଯାତ୍ରା ସହ ଏହାର ସିଧାସଳଖ ସମ୍ପର୍କ ପୁରାତନ କାଳରୁ ରହିଥିବା ବେଳେ ପୂର୍ବରୁ ପାର୍ଥସାରଥୀଙ୍କ ଆଜ୍ଞାମାଳ ଗଲେ ପୁରୀ ରଥ ଟଣା ଯାଉଥିବା ଲୋକକଥା ଶୁଣିବାକୁ ମିଳେ। ହେଲେ ରଥଯାତ୍ରା ସମୟରେ ଏବେ ମଧ୍ୟ ସମସ୍ତଙ୍କ ବହୁ ମାତ୍ରାରେ ଭିଡ଼ ଜମିଥାଏ ଜରଡ଼ାଗଡ଼ରେ।

## ଦୁର୍ଘଟଣାରେ ଆହତ ଯୁବକଙ୍କୁ ଭେଟିଲେ ବିଧାୟକ

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**

ମାଲକାନଗିରି ଡିଏନକେ ଛକ ଠାରେ ହୋଇଥିବା ଦୁର୍ଘଟଣାରେ ପାର୍ବତୀ ପାଣିଗ୍ରାହୀ ନାମକ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ପୁଅ ସାଗର ଗୁରୁତର ଅବସ୍ଥାରେ ଆହତ ହୋଇ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଏ ଖବର ପାଇ ମାଲକାନଗିରି ବିଧାୟକ ନରସିଂହ ମାଡ଼କାମି ଚିକିତ୍ସାଳୟକୁ ଯାଇ ଆହତ ସାଗରର ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ ଏବଂ ତାଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବା ପାଇଁ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ବିଧାୟକଙ୍କ ସହ ଉପଜିଲ୍ଲାପାଳ ଓ ବିଜେପି ଜିଲ୍ଲା ସମ୍ପାଦକ ଭବାନୀ ଶଙ୍କର ମୁଖାର୍ଜୀ ଉପସ୍ଥିତ ଥିଲେ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୭ ଜୁନ୍ ୨୦୨୪ ଗୁରୁବାର





# ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ରାଜଧାନୀରେ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଉଛି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଲୋକଙ୍କୁ ଆଉ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ୍ ଛକରେ ଅପେକ୍ଷା କରିବାକୁ ପଡ଼ିବନି । ଦୂରହେବ ସହରାଞ୍ଚଳର ଟ୍ରାଫିକ୍ ସମସ୍ୟା । ଟ୍ରାଫିକ୍ ପୋଷ୍ଟରୁ ହଟିବ ରେଡ଼ ଲାଇଟ୍ । ଏଥିପାଇଁ ବିକଳ୍ପ ବ୍ୟବସ୍ଥା କରାଯିବ । ଖୁବ୍‌ଶୀଘ୍ର ଏନେଇ ବିଭାଗୀୟ ସ୍ତରୀୟ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି । ସେହିପରି ସହରାଞ୍ଚଳର ଟ୍ରାଫିକ୍ ବ୍ୟବସ୍ଥା ଉପରେ ମନ୍ତ୍ରୀ ସର୍ବାଧିକ ଗୁରୁତ୍ୱ ଦେଇଛନ୍ତି । ଲୋକେ ଅଳ୍ପ ସମୟ ମଧ୍ୟରେ ଯେଉଁଭଳି ଗନ୍ତବ୍ୟସ୍ଥଳରେ ପହଞ୍ଚିପାରିବେ ସେଥିପାଇଁ ଯୋଜନା



ପ୍ରସ୍ତୁତ କରିବାକୁ ଅଧିକାରୀମାନଙ୍କୁ କହିଛନ୍ତି । ଏଥିସହିତ ସହରାଞ୍ଚଳରେ ଆଇନ୍‌ଶୃଙ୍ଖଳା ପାଇଁ ଅଧିକରୁ ଅଧିକ ସିସିଟିଭି ଲଗାଯିବ। ସହରାଞ୍ଚଳରେ ଆହୁରି ସିସିଟିଭି ସଂଖ୍ୟା ବଢ଼ାଇବାକୁ ମନ୍ତ୍ରୀ ମତ ଦେଇଛନ୍ତି । ଟ୍ରାଫିକ୍ ପୋଷ୍ଟରେ ନାଲିବତି ହଟାଯାଇ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବାକୁ ଖସଡ଼ା ପ୍ରସ୍ତୁତ କରାଯାଉଛି । ଟ୍ରାଫିକ୍ ଭିଡ଼ ହେଉଥିବା ସ୍ଥାନରେ ଓଭରବ୍ରିଜ୍, ଆପ୍ରୋଚ୍ ରୋଡ଼, ସର୍ଭିସ୍ ରୋଡ଼ ପରି ବ୍ୟବସ୍ଥା କରାଯିବ । ଟ୍ରାଫିକ୍ ଛକରେ ଲୋକେ ହଇରାଣ ହେଉଥିବାରୁ ନାଲିବତି ହଟାଯାଇ ନୂଆ ରୂପରେଖ ପ୍ରସ୍ତୁତ ହୋଇଛି । ଏ ଦିଗରେ ପ୍ରକ୍ରିୟା ଆରମ୍ଭ ହେବାପରେ ଟ୍ରାଫିକ୍ ଛକରେ ଯାତାୟାତ ସୁଗମ ହୋଇପାରିବ । ସେହିପରି ସାଧାରଣ ଲୋକେ ଘଣ୍ଟା ଘଣ୍ଟା ଟ୍ରାଫିକ୍‌ରେ ଫସି ରହୁଛନ୍ତି । ସାଧାରଣ ଲୋକ କିପରି ସହଜରେ ଯାତାୟାତ କରିବେ ଏବଂ ଅଫିସ୍ ଯାଉଥିବା ଲୋକ ଠିକ୍ ସମୟରେ ଅଫିସ୍‌ରେ ପହଞ୍ଚିବେ ସେନେଇ ଆମେ ପଦକ୍ଷେପ ନେବୁ । ନାଲିବତି ହଟେଇ ଲୋକଙ୍କ ଯାତ୍ରା ସହଜ କରିବାକୁ ପଦକ୍ଷେପ ନିଆଯିବ । ଯେଉଁ ଛକରେ ଟ୍ରାଫିକ୍ ଘଣ୍ଟା ଘଣ୍ଟା ଧରି ଜାମ୍ ହୋଇଯାଉଛି, ସେଠାରେ ଓଭରବ୍ରିଜ୍, ଛକ ସାଇଡ଼ରେ ରାସ୍ତାର ବ୍ୟବସ୍ଥା ଓ ଅନ୍ୟାନ୍ୟ ଯୋଜନା ପ୍ରସ୍ତୁତ ହେବ । ଦୀର୍ଘଦିନର ଏହି ସମସ୍ୟା ହୋଇଥିବାରୁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ଯୋଜନା କରାଯିବ । ବଜେଟ୍ ବ୍ୟବସ୍ଥାର ତର୍ଜମା କରାଯିବ । ନାଲିବତି ହଟାଯାଇ ବିକଳ୍ପ ବ୍ୟବସ୍ଥା କଲେ ଏହି ସମସ୍ୟା ଦୂର ହେବ । ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଭଳି ସହରାଞ୍ଚଳରେ ଟ୍ରାଫିକ୍ ବ୍ୟବସ୍ଥା ସୁଧାରିବାକୁ ଏଭଳି ପରିକଳ୍ପନା କରିଛି ବିଭାଗ ।

## ଡିପ୍‌ଥେରିଆ ସଂକ୍ରମଣ ନିୟନ୍ତ୍ରଣକୁ ଆସୁଛି

# ଗତ ସପ୍ତାହରେ ସଂକ୍ରମଣ ହାର କମିଛି:ସ୍ୱାସ୍ଥ୍ୟମନ୍ତ୍ରୀ

**କଟକ, ନ୍ୟୁଜ୍ ବ୍ୟୁରୋ**

କଳାହାଣ୍ଡି, ରାୟଗଡା ଓ କୋରାପୁଟରେ ଡିପ୍‌ଥେରିଆ ସଂକ୍ରମଣ ନିୟନ୍ତ୍ରଣକୁ ଆସୁଛି । ଗତ ସପ୍ତାହେ ହେବ ସଂକ୍ରମଣ ହାର କମିଛି । ଯେଉଁ ୪ଟି ଗାଁ ମୁଖ୍ୟତଃ ପ୍ରଭାବିତ ହୋଇଛି, ସେହି ଗାଁ ଗୁଡ଼ିକୁ କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ରଖାଯାଇଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି । କଟକ ଏସ୍‌ସିବି ମେଡିକାଲରେ ଏକ ସମୀକ୍ଷା ବୈଠକ ଅବସରରେ ଏହି ସୂଚନା ଦେଇଛନ୍ତି



ମନ୍ତ୍ରୀ । ଡିପ୍‌ଥେରିଆ ସଂକ୍ରମଣ ବାବଦରେ ସରକାର ଦୈନିକ ସମୀକ୍ଷା କରୁଛନ୍ତି ଓ ମନ୍ତ୍ରୀ ନିଜେ ଜିଲ୍ଲାପାଳ ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସମ୍ପର୍କରେ ଏ ସମ୍ପର୍କରେ ଆଲୋଚନା କରୁଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି ।

# ରେଳ ଧାରଣାରୁ ଯୁବକର ରକ୍ତାକ୍ତ ମୃତଦେହ ଉଦ୍ଧାର

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ରେଳ ଧାରଣାରୁ ଜଣେ ଅଜଣା ବ୍ୟକ୍ତିଙ୍କ ରକ୍ତାକ୍ତ ଶବ ଉଦ୍ଧାର ହୋଇଥିବା ଖବର ମିଳିଛି । ବଲାଙ୍ଗିର ଦେଓଗାଁ ଥାନା ଅନ୍ତର୍ଗତ ଘୁଚିପାଲି ଗ୍ରାମ ନିକଟ ରେଳ ଧାରଣାରୁ ବିଳମ୍ବିତ ରାତିରେ ଜଣେ ବ୍ୟକ୍ତିଙ୍କ ରକ୍ତାକ୍ତ ଶବ ପଡିଥିବାର ବଲାଙ୍ଗିର ଜିଆରପି ପୋଲିସ୍ ଖବର ପାଇଥିଲା । ଘଟଣା ସ୍ଥଳରୁ ଲାଲ ରଙ୍ଗର ସାର୍ଟ ଓ ନୀଳ ଜିନ୍ସ ପିନ୍ଧିଥିବା ୩୦/୩୫ ବର୍ଷୀୟ ବ୍ୟକ୍ତିଙ୍କ ଶବ ଉଦ୍ଧାର କରିଥିଲା । ଦୁର୍ଘଟଣା ସ୍ଥାନରେ ଏକ ବାଇକ୍ ରଖାଯାଇଥିବା ଯୋଗୁଁ ଏହା ଏକ ଆତ୍ମହତ୍ୟା ମାମଲା ବୋଲି ଅନୁମାନ କରାଯାଉଛି । ଏହି ଘଟଣା କୁର୍ଲା ଦ୍ରୁତ ଗାମୀ ଟ୍ରେନ୍‌ରେ ହୋଇଥିବା କୁହାଯାଉଛି । ତେବେ ମୃତକର ପରିଚୟ ଏଯାଏଁ ମିଳିପାରି ନଥିବା ବେଳେ ବଲାଙ୍ଗିର ଜିଆରପି ପୋଲିସ୍ କେସ ନମ୍ବର୍ ୨୨/୨୪ରେ ଏକ ମାମଲା ରୁଜୁ କରି ଶବ ଭୀମ ଭୋଇ ମେଡିକାଲ କଲେଜ୍ ଡାକ୍ତରଖାନାର ଶବ ବ୍ୟବଚ୍ଛେଦ ଗୃହରେ ରଖାଯାଇଛି । ତେବେ ମୃତକଙ୍କ ପରିଚିତଙ୍କୁ ଖୋଜିବାକୁ ପୋଲିସ୍ ତଦନ୍ତ ଜାରି ରଖିଛି ବୋଲି ବଲାଙ୍ଗିର ଜିଆରପି ଥାନା ଅଧିକାରୀ ପ୍ରବୀଣ କୁମାର କୁଅଁର ପ୍ରକାଶ କରିଛନ୍ତି ।

# କେନ୍ଦୁଝର ଜିଲ୍ଲାର ବିକାଶ କାର୍ଯ୍ୟ ସମୀକ୍ଷା କଲେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ

**କେନ୍ଦୁଝର, ନ୍ୟୁଜ୍**

ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଶ୍ରୀକାନ୍ତ ପୃଷ୍ଟି କେନ୍ଦୁଝର ଜିଲ୍ଲା ଗସ୍ତରେ ଆସି ଜିଲ୍ଲାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଦରବାର ହଲ୍ ଠାରେ ଅନୁଷ୍ଠିତ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଜିଲ୍ଲାପାଳ ବିଶାଲ ସିଂହ, ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର, ବନଖଣ୍ଡ ଅଧିକାରୀ ଧନରାଜ ଏଚଡ଼ି, ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲା, ଲଳିତ ସୋରେଙ୍ଗ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ଓ ଜିଲ୍ଲାସ୍ତରୀୟ ଅନ୍ୟ ଅଧିକାରୀବୃନ୍ଦ ଉପସ୍ଥିତ ରହିଥିଲେ । ଧରଣୀଧର ବିଶ୍ୱବିଦ୍ୟାଳୟର ଉତ୍ତର କ୍ୟାମ୍ପସ ପାଇଁ ଚିହ୍ନଟ ହୋଇଥିବା ଜମି ହସ୍ତାନ୍ତର ନିମନ୍ତେ



କୁଳପତିଙ୍କୁ ଆବଶ୍ୟକୀୟ ନଥି ଜମା କରିବା ନିମନ୍ତେ ଶ୍ରୀ ପୃଷ୍ଟି ଅନୁରୋଧ କରିଥିଲେ । ସେହିପରି ବିଶ୍ୱବିଦ୍ୟାଳୟର ଦକ୍ଷିଣ କ୍ୟାମ୍ପସ ସଂପ୍ରସାରଣ ନିମନ୍ତେ ଆବଶ୍ୟକ ପଡୁଥିବା ଜମିର ଚିହ୍ନଟ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ କେନ୍ଦୁଝର ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଉପସ୍ଥିତ ଥିବା କେନ୍ଦୁଝର ଜିଲ୍ଲା ମେଡିକାଲ ଓ କଲେଜର ଅଧିକ୍ଷକଙ୍କ ଅନୁରୋଧ କ୍ରମେ ଟ୍ରମା ସେଣ୍ଟର ଏବଂ ନର୍ସିଂ କଲେଜ ନିମନ୍ତେ ଆବଶ୍ୟକୀୟ ଜମିର ତୁରନ୍ତ ୧୫ ଦିନ ଭିତରେ ଏକ ପ୍ରକୃଷ୍ଟ ସ୍ଥାନରେ ଚିହ୍ନଟ କରିବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ସଦରମହକୁମା ଡାକ୍ତରଖାନାରେ କାର୍ଯ୍ୟରତ ଥିବା ଡାକ୍ତରଙ୍କ କାର୍ଯ୍ୟର ସମୀକ୍ଷା କରି ରିପୋର୍ଟ ପ୍ରଦାନ କରିବାକୁ ଆରଡିସି ସିଡ଼ିଏମଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଆହୁରି ମଧ୍ୟ ଶ୍ରୀ ପୃଷ୍ଟି ସରକାରୀ ଜାଗା ଉପରୁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟାକୁ ରଥଯାତ୍ରା ପରେ ପରେ ତ୍ୱରାନ୍ୱିତ କରିବା ସହ ଡ୍ରେନେଜ୍‌କୁ ସୁବ୍ୟବସ୍ଥିତ କରିବା ପାଇଁ ଏକ ମାଷ୍ଟର ପ୍ଲାନ୍ ଏକ ମାସ ମଧ୍ୟରେ ପ୍ରସ୍ତୁତ କରିବା ପାଇଁ କେନ୍ଦୁଝରଗଡ଼ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଖଣିଜ ଦ୍ରବ୍ୟ ପରିବହନ କରୁଥିବା ଯାନକୁ ଉପଯୁକ୍ତ ଭାବେ ଘୋଡାଇବା, ବାୟୁର ମାନ ପରୀକ୍ଷା ନିମନ୍ତେ ମାଇନିଂ ହେଉଥିବା ସ୍ଥାନରେ ବାୟୁ ନିରୀକ୍ଷଣ ଯନ୍ତ୍ର ସ୍ଥାପନା ସହ ନିୟମ ଖିଲାପକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଖଣି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମା' ତାରିଣୀ ମନ୍ଦିରରେ ଭିଆଇପିଙ୍କ ଆଗମନ ସମୟରେ ସାଧାରଣ ଭକ୍ତଙ୍କ ଦର୍ଶନ ସମ୍ପୂର୍ଣ୍ଣ ଭାବେ ବନ୍ଦ ନକରି ବିକଳ୍ପ ବ୍ୟବସ୍ଥା ଆପଣାଇବା ପାଇଁ ରାଜସ୍ୱ ଆୟୁକ୍ତ ଶ୍ରୀ ପୃଷ୍ଟି କେନ୍ଦୁଝର ଉପଜିଲ୍ଲାପାଳ, ଦେବୋତ୍ତର ବିଭାଗ ଓ ମନ୍ଦିର ଟ୍ରଷ୍ଟ ବୋର୍ଡ ସଦସ୍ୟଙ୍କୁ ପରାମର୍ଶ ଦେଇଥିଲେ । ପରିଶେଷରେ ଜିଲ୍ଲାପାଳ ଶ୍ରୀ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।

# ପତ୍ନୀହନ୍ତାକୁ ଆଜୀବନ ଜେଲ୍

**ଚମ୍ପୁଆ, ନ୍ୟୁଜ୍ ବ୍ୟୁରୋ**

ଚମ୍ପୁଆ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ସରୋଜ କୁମାର ଦାଶ ମଙ୍ଗଳବାର ପତ୍ନୀହନ୍ତା ମଙ୍ଗଲୁ ମୁଣ୍ଡାକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ୧୩ ଜଣ ସାକ୍ଷୀଙ୍କ ବୟାନ୍, ଡାକ୍ତରୀ ରିପୋର୍ଟ, ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ୍ ଏବଂ କେମିକାଲ୍ ରିପୋର୍ଟକୁ ଭିତ୍ତି କରି ଦଫା ୩୦୨ରେ ମଙ୍ଗଲୁକୁ ଆଜୀବନ ଜେଲ୍ ଓ ୨୦୧ରେ ତିନି ବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ କରାଯାଇଛି । ସୂଚନାଅନୁସାରେ ସ୍ତ୍ରୀ ବାମାଇ ମୁଣ୍ଡା ଓ ୪ ଛୁଆଙ୍କ ସହ ମଙ୍ଗଲୁ ସେରେଣ୍ଡା ଜଗଦାସାହିରେ ରହୁଥିଲା । ସେ କୌଣସି କାମଧନ୍ଦା କରୁନଥିଲା । ଓଲଟି ବାମାଇଙ୍କ ରୋଜଗାରରେ ମଦ ପିଇ ବୁଲୁଥିଲା । ଏପରିକି ଟଙ୍କା ପାଇଁ ସେ ବିଭିନ୍ନ ସମୟରେ ବାମାଇଙ୍କୁ ମାରପିଟ୍ କରୁଥିଲା । ଗତ ୨୦୨୨ ଫେବୃୟାରୀ ୨୭ ତାରିଖ ଦିନବେଳା ଏହି କଥାକୁ ନେଇ ଦମ୍ପତିଙ୍କ ମଧ୍ୟରେ ଝଗଡ଼ା ହେବାରୁ ଏକ ପେଚ୍‌କସ୍‌ରେ ସେ ବାମାଇକୁ ମାଡ଼ ମାରି ନିର୍ମମ ଭାବେ ହତ୍ୟା କରିଥିଲା । ମାଆର ଚିତ୍କାର ଶୁଣି ପିଲାମାନେ ଉଠିପଡ଼ିବାରୁ ମଙ୍ଗଲୁ ରକ୍ତଲଗା ପେଚ୍‌କସ୍‌କୁ ଫିଙ୍ଗିଦେଇ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା । ଏ ସମ୍ପର୍କରେ ବାମାଇଙ୍କ ଭାଇ ଏତୁଆ ଚାତାର ବଡ଼ବିଲ ଥାନାରେ ଅଭିଯୋଗ କରିବାରୁ ପୋଲିସ ନଂ୩୬/୨୨ ଏକ ମାମଲା ରୁଜୁ କରି ମଙ୍ଗଲୁକୁ ଗିରଫ କରିଥିଲା । ସରକାରଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ମଧୁସୂଦନ ପତି ଏହି ମାମଲା ପରିଚାଳନା କରୁଥିଲେ ।

# ଗଛରେ ପିଟିହେଲା କାର୍:ଡ୍ରାଇଭର ମୃତ

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ୩୨୬ ନମ୍ବର ଜାତୀୟ ରାଜପଥର ସିଙ୍ଗଲାବେଞ୍ଚା ଛକ ନିକଟରେ ମଙ୍ଗଳବାର ସକାଳେ ସଡ଼କ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଗଛକୁ ପିଟିଲା କାର୍ । ମାଲକାନଗିରିରୁ ଜୟପୁର ଅଭିମୁଖେ ଆସୁଥିବା ଏକ କାର୍ ଭାରସାମ୍ୟ ହରାଇ ସିଙ୍ଗଲାବେଞ୍ଚା ଛକ ନିକଟରେ ଗଛରେ ପିଟି ହୋଇ ୫୦ ଫୁଟ୍ ଉପରକୁ ଉଠିଯାଇଥିଲା । ମୁଖ୍ୟରାସ୍ତାକୁ ସଂଯୋଗ କରୁଥିବା ଏହି ଛକରେ ସକାଳୁ ସକାଳୁ ଏଭଳି ଦୁର୍ଘଟଣା ଘଟିଛି। କାର୍‌ଟି ଦ୍ରୁତ ଗତିରେ ଥିବାରୁ ଏଭଳି ଘଟିଥିବା ଅନୁମାନ କରାଯାଉଛି । ତେବେ ଡ୍ରାଇଭର ଜଣକ ଗାଡ଼ିରୁ ଛିଟିକି ପଡ଼ି ତାଙ୍କର ମୃତ୍ୟୁ ହୋଇଛି । ମୃତ ଡ୍ରାଇଭରଙ୍କ ପରିଚୟ ମିଳିପାରିନାହିଁ । ଘଟଣାସ୍ଥଳରୁ ଡ୍ରାଇଭରଙ୍କ ମୃତଦେହ ଉଦ୍ଧାର କରି ମାଥିଲି ମେଡ଼ିକାଲରେ ଭର୍ତି କରାଯାଇଛି ।

# ବଜ୍ରାଘାତରେ ନବମ ଶ୍ରେଣୀ ଛାତ୍ର ମୃତ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ମଙ୍ଗଳବାର ଅପରାହ୍ନରେ ଯାଜପୁର ଜିଲ୍ଲା ସିହା ପଞ୍ଚାୟତରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଏହି ପଞ୍ଚାୟତ ମଙ୍ଗରାଜପୁର ଗ୍ରାମରେ ମଙ୍ଗଳବାର ଅପରାହ୍ନରେ ହଠାତ୍ ବଜ୍ରାଘାତ ହୋଇଥିଲା । ଏହି ବଜ୍ରାଘାତରେ ମଙ୍ଗରାଜପୁର ଗ୍ରାମର ମୋହନ ସେନାପତିଙ୍କ ସାନ ପୁଅ ଡିଜୁନ୍ (୧୪)ଙ୍କର ମୃତ୍ୟୁ ଘଟିଛି । ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି । ଡିଜୁନ୍ ସ୍ଥାନୀୟ ଭଗବତୀ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ବୋଲି ଜଣାପଡିଛି । ସୂଚନା ମୁତାବକ, ଅପରାହ୍ନ ୪ଟାରେ ବିଦ୍ୟାଳୟ ଛୁଟି ହେବାପରେ ଡିଜୁନ୍‌ର ବଡ ଭାଇ ଏବଂ ସେ ଆଗ ପଛ ହୋଇ ଘରକୁ ସାଇକେଲ ଯୋଗେ ଫେରୁଥିଲେ । ଫେରିବା ସମୟରେ ବାଟରେ ବଜ୍ରାଘାତ ହୋଇଥିଲା । ଫଳରେ ଡିଜୁନ୍ ଘଟଣାସ୍ଥଳରେ ଗୁରୁତର ହୋଇପଡିଥିଲା । ତାଙ୍କୁ ତୁରନ୍ତ ୧୦୮ ଆମ୍ବୁଲାନ୍ସ ଯୋଗେ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆ ଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଘଟଣା ପ୍ରଚାରିତ ହେବା ପରେ ବଡଚଣା ଅଞ୍ଚଳରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି ।

# ରାଜଧାନୀରେ ଯାନବାହାନ ସଂଖ୍ୟା ୨୦ ଲକ୍ଷରୁ ଉର୍ଦ୍ଧ୍ୱରେ ପହଞ୍ଚିଲା:ବାୟୁପ୍ରଦୂଷଣ ବୃଦ୍ଧି ପାଉଛି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ରାଜଧାନୀରେ ପୁଣି ମୁଣ୍ଡ ଟେକିଲା ପ୍ରଦୂଷଣ । ସହରର ସ୍ଥିତି ଧୀରେ ଧୀରେ ଜଟିଳ ହେଉଛି । ପ୍ରଦୂଷଣ ସ୍ୱାସ୍ଥ୍ୟ ପ୍ରତି ସାଂଘାତିକ କ୍ଷତି କରୁଛି । ଗାଡ଼ିର ପ୍ରଦୂଷଣ ଏବେ ଚିନ୍ତାଜନକ ସ୍ଥିତି ହୋଇପଡ଼ିଛି । ସହରରେ ଚଳାଚଳ କରୁଥିବା ଗାଡ଼ିଗୁଡ଼ିକରୁ ବାହାରୁଛି ବିଷାକ୍ତ କଳାଧୂଆଁ । ଗାଡ଼ିଗୁଡ଼ିକ ପ୍ରଦୂଷଣ ଯାଞ୍ଚ କରୁନଥିବାରୁ ସହରରେ ସାଂଘାତିକ ସ୍ଥିତି ଉପୁଜିଛି । ସହରରେ ଗଡୁଥିବା ଅଧିକାଂଶ ଗାଡ଼ିଗୁଡ଼ିକ ପ୍ରଦୂଷଣ ପ୍ରମାଣପତ୍ର ନାହିଁ । କିଛିଦିନ ହେଲା ଗାଡ଼ି ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚ କରାଯାଉନଥିବାରୁ ସ୍ଥିତି ବିଗିଡ଼ିବାରେ ଲାଗିଛି । ସହରର ବାୟୁମଣ୍ଡଳର ମାନ କ୍ରମଶଃ ନିମ୍ନଗାମୀ ହେବାରେ ଲାଗିଛି । ସମ୍ପ୍ରତି ସହରରେ ପ୍ରଦୂଷଣ ପ୍ରମାଣପତ୍ର ନଥିବା ଗାଡ଼ି ଚଳାଚଳ କରୁଥିବାରୁ ବିପଦ ଦେଖାଦେଇଛି । ସହରରେ ହୋଇଥିବା ସୌନ୍ଦର୍ଯ୍ୟକରଣରେ ଧୂଳି, ଧୂଆଁ ଭର୍ତ୍ତି ହୋଇଯାଇଛି । ଏଥିରେ କଳକାରଖାନା ଓ ସହରର ନିର୍ମାଣ କାର୍ଯ୍ୟ ଯେତିକି ଦାୟୀ,



ଗାଡ଼ିରୁ ବାହାରୁଥିବା ଧୂଆଁର ପ୍ରଦୂଷଣ ସେତିକି କ୍ଷତିକାରକ । ସହରରେ ଚଳାଚଳ କରୁଥିବା ବସ୍, ଟ୍ରକ୍, କାର୍, ଅଟୋ ଓ ବାଇକ୍‌ରୁ ପ୍ରବଳ ମାତ୍ରାରେ ପ୍ରଦୂଷଣର ଧୂଆଁ ବାହାରୁଛି । ଧୂଆଁରେ ଅଣନିଃଶ୍ୱାସୀ ହୋଇଯାଉଛନ୍ତି ସହରବାସୀ । ମଟରଯାନ ପ୍ରଦୂଷଣ ପ୍ରମାଣପତ୍ର ନରଖିବା ଦଣ୍ଡନୀୟ ଅପରାଧ । ପିୟୁସି ନଥିଲେ ୧୦ ହଜାର ଟଙ୍କା ଜରିମାନା ଓ ୩ ମାସ ଜେଲ୍ କିମ୍ବା ଉଭୟ ଦଣ୍ଡ ମିଳିବାର ନିୟମ ରହିଛି । ତଥାପି କିଛି ଚାଳକ ବିନା ମଟରଯାନ ପ୍ରଦୂଷଣ ପ୍ରମାଣପତ୍ରରେ ଗାଡ଼ି ଚଳାଉଛନ୍ତି । ଗାଡ଼ିରୁ ନିର୍ଗତ ହେଉଥିବା ଧୂଆଁ ସହର ସହ ସାଧାରଣ ଲୋକଙ୍କ ଲାଗି କ୍ଷତିକାରକ ସାବ୍ୟସ୍ତ ହୋଇଛି । ସେହିଭଳି ପୂର୍ବରୁ ଗାଡ଼ିର ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚ କରାଯାଉଥିଲା । ପ୍ରମାଣପତ୍ର ନଥିବା ଗାଡ଼ିଗୁଡ଼ିକ ଠାରୁ ଜରିମାନା ଆଦାୟ ହେଉଥିଲା । ଏହାକୁ କୋହଳ କରାଯିବା ସହ ପ୍ରମାଣପତ୍ର ଲାଗି ମହଲତ ଦିଆଯିବାରୁ ଗାଡ଼ିଗୁଡ଼ିକ ଆଉ ପ୍ରଦୂଷଣ ଯାଞ୍ଚ କରୁନାହାନ୍ତି । ଗାଡ଼ିରୁ ପ୍ରବଳ ଧୂଆଁ ବାହାରୁଥିବା ବେଳେ ଯେନତେନ ଉପାୟରେ ଗାଡ଼ି ଚଳାଉଛନ୍ତି । ଗାଡ଼ିଗୁଡ଼ିକ ଯାଞ୍ଚ ପ୍ରକ୍ରିୟାରୁ ଧିମା କରାଯାଇଥିବାରୁ ସହରରେ ପ୍ରଦୂଷଣର ବିସ୍ଫୋରକ ସ୍ଥିତି ଦେଖିବାକୁ ମିଳୁଛି । କେନ୍ଦ୍ରୀୟ ମଟର ଯାନ ଆଇନ୍-୧୯୮୯ର ନିୟମ ୧୧୫(୭) ଅନୁସାରେ ନୂତନ ଗାଡ଼ି (ବିଏସ୍-୪) ପଞ୍ଜୀକରଣର ଏକ ବର୍ଷ ପର୍ଯ୍ୟନ୍ତ ଯାନ ପ୍ରଦୂଷଣ ପ୍ରମାଣପତ୍ର (ପିୟୁସି) ଆବଶ୍ୟକ ନାହିଁ । ତା'ପରେ ପ୍ରତି ୬ ମାସରେ ଥରେ ପିୟୁସି ଆବଶ୍ୟକ । ଅନୁରୂପ ଭାବେ ମଟର ଯାନ ଆଇନ୍ ୧୯୮୮ର ଧାରା ୧୯୦(୨) ଅନୁଯାୟୀ, ପିୟୁସି ନଥିଲେ ୧୦ ହଜାର ଟଙ୍କା ଜରିମାନା ଓ ୩ ମାସ ଜେଲ୍ କିମ୍ବା ଉଭୟ ଦଣ୍ଡ ମିଳିବାର ନିୟମ ରହିଛି । ୩ ମାସ ପାଇଁ ଗାଡ଼ି ଚାଳନାରୁ ଅଯୋଗ୍ୟ ଘୋଷିତ ହେବ । ଗାଡ଼ିର ପ୍ରଦୂଷଣ ପ୍ରମାଣପତ୍ର ରଖିବାକୁ ପରିବହନ ବିଭାଗ ପକ୍ଷରୁ ନିବେଦନ କରାଯାଇଛି। ଯାନବାହାନ ପ୍ରଦୂଷଣ କମାଇବା ଲାଗି ଅଧିକ ପ୍ରଦୂଷିତ କରୁଥିବା ଗାଡ଼ିଗୁଡ଼ିକୁ ହଟାଯାଉଛି । ସରକାରୀ ବିଭାଗ ଓ ପିଏସୟୁ ସଂସ୍ଥାଗୁଡ଼ିକରେ ବ୍ୟବହାର ହେଉଥିବା ୧୫ ବର୍ଷରୁ ଅଧିକ ପୁରୁଣା ଗାଡ଼ିଗୁଡ଼ିକର ପଞ୍ଜିକରଣ ବାତିଲ୍ କରିବା ଏବଂ ସ୍କ୍ରାପ୍‌ରେ ପରିଣତ କରିବା ସମ୍ପର୍କିତ ଏକ ସ୍ୱତନ୍ତ୍ର ନୀତି ଅଣାଯାଇ ଗାଡ଼ିଗୁଡ଼ିକୁ ସ୍କ୍ରାପେଜ୍ କରି ହଟାଯାଉଛି । ଏପରିକି ପରିବେଶ ପ୍ରଦୂଷଣକାରୀ ଗାଡ଼ିର ବିକଳ୍ପ ଭାବେ ଇ-ବାଇକ୍ ବା ଇଲୋକ୍ଟ୍ରୋନିକ୍ ଗାଡ଼ିକୁ ବିବେଚନା କରାଯାଇଛି । ତେଣୁ ସହରରେ ଇ-ବାଇକ୍‌କୁ ଅଧିକ ଚାହିଦା ରହିଛି । ଇ-ବାଇକ୍ କିଣୁଥିବା ବ୍ୟକ୍ତିଙ୍କ ଲାଗି ବିଭିନ୍ନ ସରକାରୀ ସ୍ତରରେ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯାଉଛି । ସେପଟେ ଗାଡ଼ିର ପ୍ରଦୂଷଣ ପ୍ରମାଣପତ୍ର ଲାଗି ସହରର ପ୍ରଦୂଷଣ ଯାଞ୍ଚ କରୁଥିବା ଗାଡ଼ି କାର୍ଯ୍ୟ କରୁଛି । ଭୁବନେଶ୍ୱର ଆର୍‌ଟିଓ ଅଞ୍ଚଳରେ ୨୧ ଜଣଙ୍କୁ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ପ୍ରଦାନ କରିବାକୁ ସ୍ୱୀକୃତି ଦିଆଯାଇଥିବା ବେଳେ ମାତ୍ର ୬ ଜଣ ଯୋଗ୍ୟ ରହିଛନ୍ତି । ଯେଉଁଥିରେ ଭୁବନେଶ୍ୱର ୪ଟି ଓ ଖୋର୍ଦ୍ଧାରେ ୨ଟି ରହିଛି । ସେଭଳି ଆର୍‌ଟିଓ-୨ ଅଧିନରେ ୩୨ ଜଣ ସ୍ୱୀକୃତି ପାଇଥିବା ବେଳେ ୭ ଜଣ ଯୋଗ୍ୟ ରହିଛନ୍ତି ।

# କେନ୍ଦ୍ରାପଡ଼ା ଜିଲ୍ଲା ସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡାରେ ଜିଲ୍ଲା ସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ନିଲୁ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ, ଉପଜିଲ୍ଲାପାଳ ରବୀନ୍ଦ୍ର ପ୍ରଧାନ, ତହସିଲଦାର ତାପସ ରଞ୍ଜନ ଦେହୁରୀଙ୍କ ସମେତ ସମସ୍ତ ତହସିଲଦାର, ଆର.ଆଇ, ସୁପର ଭାଇଜର ପ୍ରମୁଖ ଯୋଗଦେଇଥିଲେ । ଜିଲ୍ଲାରେ ରାଜସ୍ୱ ଆଦାୟ, ହିତାଧିକାରୀ ମାନଙ୍କ ବିଭିନ୍ନ ପ୍ରକାର ପ୍ରମାଣପତ୍ର, ବକେୟା ଥିବା ଜମିଜମା ସମ୍ବନ୍ଧୀୟ ପୁରୁଣା କେଶ ଗୁଡିକର ସମାଧାନ କରିବା, ଜମି କିସମ ପରିବର୍ତ୍ତନ, ପଟା ପ୍ରଦାନ, ଜାତିଗତ ପ୍ରମାଣପତ୍ର ଆଦି ମାମଲା ଗୁଡିକ ତ୍ୱରିତ ଫଇସଲା କରି ହିତାଧିକାରୀ ମାନଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ କରିବା ସହ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ପ୍ରଦାନ ଆଦିରେ ସହାୟତା କରିବା ପାଇଁ ଆଲୋଚନା କରାଯାଇଥିଲା । ଏହି ସମୀକ୍ଷା ବୈଠକରେ ରାଜସ୍ୱ ସମ୍ବନ୍ଧୀୟ ସମସ୍ତ ମାମଲା ଗୁଡିକୁ ତୁରନ୍ତ ଫଇସଲା କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

# ଡ୍ରେନ୍‌ରେ ପଡ଼ି ଶିଶୁ ମୃତ୍ୟୁ ଘଟଣାରେ ବିଏମ୍‌ସିକୁ ନୋଟିସ୍

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱରରେ ମୁକ୍ତ୍ଲା ଡ୍ରେନ୍‌ରେ ପଡ଼ି ଶିଶୁ ମୃତ୍ୟୁ ଘଟଣାରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା କମିଶନ ବିଏମ୍‌ସି କମିଶନରଙ୍କୁ ନୋଟିସ୍ ଜାରି କରିଛନ୍ତି । ଏଭଳି ଦୁର୍ଘଟଣା ରୋକିବାକୁ କଣ ସବୁ ପଦକ୍ଷେପ ନିଆଯିବା ଆବଶ୍ୟକ ତାହା ଜଣାଇବା ପାଇଁ ନିର୍ଦ୍ଦେଶ ଜାରି କରାଯାଇଛି । ତୁରନ୍ତ ମୁକ୍ତ୍ଲା ଡ୍ରେନ୍ ଉପରେ ସ୍ଲାବ୍ ପକାଇବା ସହ ଡ୍ରେନ୍ କଡ଼ରେ ପାଚେରୀ, ବାଡ଼, ସୂଚନା ବୋର୍ଡ ଲଗାଇବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଡିପ୍‌ଥେରିଆ ପ୍ରସଙ୍ଗରେ ମଧ୍ୟ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବଙ୍କ ସମେତ ଜିଲ୍ଲା ପ୍ରଶାସନ ଠାରୁ ସ୍ପଷ୍ଟୀକରଣ ମାଗିଛନ୍ତି କମିଶନ । ସୂଚନାଯୋଗ୍ୟ ଯେ ଗତ ଜୁନ୍ ୧୮ ତାରିଖରେ ଭୁବନେଶ୍ୱର ମସ୍‌ଜିଦ୍ କଲୋନୀରେ ଡ୍ରେନ୍‌ରେ ଭାସି ଯାଇ ଜଣେ ଶିଶୁର ମୃତ୍ୟୁ ହୋଇଥିଲା ।

# ନବବଧୂଙ୍କ ଆତ୍ମହତ୍ୟା:୪ ବର୍ଷ ପରେ ଶଶୁର ଗିରଫ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବଧୂହତ୍ୟା ଅଭିଯୋଗରେ ୪ ବର୍ଷ ହେଲା ଫେରାର୍ ଥିବା ଶଶୁରଙ୍କୁ ଗିରଫ କରିଛି ଶ୍ରୀଲିଙ୍ଗରାଜ ଥାନା ପୋଲିସ । ଗିରଫ ଅଭିଯୁକ୍ତ କଟକ ବଡ଼ମ୍ବାର କୁମାର ପଲେଇ (୬୭) । ଅଭିଯୋଗ ଅନୁଯାୟୀ ୨୦୧୯ ମସିହାରେ ରାଜଲକ୍ଷ୍ମୀ ବେହେରାଙ୍କୁ କୁମାରଙ୍କ ପୁଅ ବିବାହ କରିଥିଲେ । ବିବାହ ସମୟରେ ଦାବି ମୁତାବକ ଯୌତୁକ ବରପକ୍ଷଙ୍କୁ ଦିଆଯାଇଥିଲେ ମଧ୍ୟ ଅଧିକ ୨ ଲକ୍ଷ ଟଙ୍କା ବାପଘରୁ ଆଣିବା ଲାଗି ବୋହୂ ଉପରେ ନିୟମିତ ଚାପ ପକାଉଥିଲେ ସ୍ୱାମୀ ଓ ଶଶୁର । ବାପ ଘରୁ ଟଙ୍କା ଆଣିବାରେ ଅସମର୍ଥ ପ୍ରକାଶ କରିବାରୁ ଉଭୟ ବାପ, ପୁଅ ତାଙ୍କ ଉପରେ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ଆରମ୍ଭ କରିଦେଇଥିଲେ । ମାନସିକ ଚାପରେ ପଡ଼ି ୨୦୨୦ ଜୁଲାଇ ୧ ତାରିଖରେ ରାଜଲକ୍ଷ୍ମୀ ଭଡ଼ାଘରେ ଆତ୍ମହତ୍ୟା କରିଥିଲେ । ଆତ୍ମହତ୍ୟାର ୩ ଦିନ ପରେ ମହିଳାଙ୍କ ସ୍ୱାମୀଙ୍କୁ ଗିରଫ କରାଯାଇଥିଲା । କିନ୍ତୁ ସେଇଦିନ ଠାରୁ ଶଶୁର ଫେରାର୍ ରହିଥିଲେ ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୨୭।୬।୨୦୨୪, ଆଷାଢ ଦି୧୩ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ୦୫।୧୦।୨୨** **ଚନ୍ଦ୍ରୋଦୟ- ରାଘ ୧୦।୫୯।୦୨**

**ଷଷ୍ଠୀ**- ସଂଘ ୬।୪୦ ପର୍ଯ୍ୟନ୍ତ । **ଶତଭିଷା ନକ୍ଷତ୍ର**- ଦିଘ ୧୧।୩୭ ପର୍ଯ୍ୟନ୍ତ । **କୁମ୍ଭ ଚନ୍ଦ୍ର**- ନିଘ ୪।୩୧ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି**- ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ ଓ କୁମ୍ଭ ରାଶିର । ନିଘ ୪।୩୧ ଗତେ ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର ଓ ମୀନ ରାଶିର । **ଘାତଚନ୍ଦ୍ର**- ମିଥୁନ ଓ ମୀନ ରାଶିର । ନିଘ ୪।୩୧ ଗତେ ଧନୁ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ**- ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ**- ନିମ ସଂଘ ୬।୪୦ ଗତେ ତାଳ ଖାଇବା ମନା । **ଆଜିର ଶୁଭବେଳା**- ପ୍ରାଘ ୫।୧୪ ଗତେ ଘ ୬।୦୭ ମଧ୍ୟେ । ଦିଘ ୯।୩୮ ଗତେ ଘ ୧୧।୨୩ ମଧ୍ୟେ । **ପର୍ବୋତ୍ସବ**- ଶରଣ ପଞ୍ଚକ ଶେଷ ।



**ମେଷ:** ଦୂରକୁ ଯାତ୍ରା କରି ସଫଳତା ହାସଲ କରିବେ । ଦେହ ଓ ମନ ଭଲ ରହିବ । ଦେବ ଦର୍ଶନ ସହ ଶୁଭ କାର୍ଯ୍ୟ ମଧ୍ୟ କରିପାରନ୍ତି । ରୋଜଗାର ଭଲ ହେବ । ଘରେ ଆନନ୍ଦ ଦେଖାଦେବ ।



**ବୃଷ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ନୂତନ କାର୍ଯ୍ୟ ଆରମ୍ଭ କରିବା ନିମନ୍ତେ ଚିନ୍ତା କରିବେ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନ ସୁଖ ଶାନ୍ତିରେ ଅତିବାହିତ ହେବାର ସୂଚନା ।



**ମିଥୁନ:** ଆଜି ଆପଣଙ୍କର ଘାତଚନ୍ଦ୍ର । ଏଣୁ ସାବଧାନତା ଅବଲମ୍ବନୀୟ । ବନ୍ଧୁଙ୍କ ସହ ମତାନ୍ତର ଦେଖାଦେଇପାରେ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ପାରିବାରିକ ଅସନ୍ତୋଷ ଦେଖାଦେବ । ମହିଳାମାନେ ଗର୍ବୀ ହେବେ ।



**କର୍କଟ:** ସତକଥା କହି ବନ୍ଧୁଙ୍କ ପାଖରେ ବିରୋଧି ହୋଇପାରନ୍ତି । ଦାମ୍ପତ୍ୟ ଜୀବନରେ କଳହ ଦେଖାଦେଇପାରେ । ମନ ଅସ୍ଥିର ରହିବ । ଆର୍ଥିକ ସ୍ଥିତି ମଧ୍ୟମ ଧରଣର ହେବ । ପିଲାମାନେ ପଢ଼ାପଢ଼ିରେ ଅବହେଳା କରିବେ ।



**ସିଂହ:** ବ୍ୟବସାୟରେ ଲାଭବାନ୍ ହେବେ । ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ରୋଜଗାର ସ୍ଥିର ରହିବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ମହିଳାମାନେ ସୁଖୀ ହେବେ । ଭ୍ରମଣ ଯୋଗ ମଧ୍ୟ ରହିପାରେ ।



**କନ୍ୟା:** ସାଧନାରେ ସିଦ୍ଧି ଲାଭ କରିବେ । ବନ୍ଧୁଙ୍କ ସହଯୋଗ ପାଇ ଉପକୃତ ହେବେ । ମାଲିମୋକଦ୍ଦମା କ୍ଷେତ୍ରରେ ଶୁଣାଣି ବିଳମ୍ବ ହୋଇପାରେ । ଆୟ ଓ ବ୍ୟୟ ସ୍ଥିର ରହିବ । ଘରେ ଶାନ୍ତି ରହିବ ।



**ତୁଳା:** ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଶୁଭ ଖବର ପାଇ ଆନନ୍ଦିତ ହୋଇପାରନ୍ତି । ପରୋପକାରୀ ହେବାର ସୂଚନା । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବାର ସୂଚନା ।



**ବିଛା:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହେବ । ଶରୀର ସୁସ୍ଥ ରହିବ । ଶତ୍ରୁଙ୍କ ଠାରୁ ଦୂରେଇ ରୁହନ୍ତୁ । ଖର୍ଚ୍ଚର ପରିମାଣ ସାମାନ୍ୟ ବଢ଼ିବ । ଘରେ ଶାନ୍ତିର ବାତାବରଣ ରହିବ ।



**ଧନୁ:** ଆର୍ଥିକ ସ୍ଥିତି ସ୍ୱଚ୍ଛଳ ରହିବ । ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ । ଶୁଭ କାର୍ଯ୍ୟ କରିବା ନିମନ୍ତେ ଅନୁକୂଳ ପରିସ୍ଥିତି ସୃଷ୍ଟି ହୋଇପାରେ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ ।



**ମକର:** ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହେବେ । କର୍ମକ୍ଷେତ୍ରରେ ମଧ୍ୟମ ଧରଣର ଫଳ ପାଇବେ । ରୋଜଗାର ଭଲ ହେବ । ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ । ଶରୀରରେ ସାମାନ୍ୟ ପୀଡ଼ା ଅନୁଭବ କରିପାରନ୍ତି ।



**କୁମ୍ଭ:** ଆଜି ଆପଣଙ୍କର ଦିନଟି ଆନନ୍ଦଦାୟକ ହେବ । ବ୍ୟବସାୟରେ ଲାଭବାନ୍ ହେବେ । ଆର୍ଥିକ ସ୍ଥିତି ସୁଦୃଢ଼ ରହିବ । ଘରେ ଶାନ୍ତିର ପରିସ୍ଥିତି ସୃଷ୍ଟି ହେବ । ଉତ୍ତମ ଭୋଜନରେ ଆପ୍ୟାୟିତ ହୋଇପାରନ୍ତି ।



**ମୀନ:** ଆଜି ଆପଣଙ୍କର ଦିନଟି ସେତେ ଭଲରେ କଟିବନାହିଁ । ଏଣୁ ସାବଧାନ ରହିବେ । ଖର୍ଚ୍ଚର ପରିମାଣ ବଢ଼ିବ । କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ କଳହ ସୃଷ୍ଟି ହୋଇପାରେ । ଘରେ ଅଶାନ୍ତି ଓ ବିଶୃଙ୍ଖଳା ଦେଖାଦେବ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୨୮।୬।୨୦୨୪, ଆଷାଢ ଦି୧୪ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ୦୫।୧୦।୩୯** **ଚନ୍ଦ୍ରୋଦୟ- ରାଘ ୧୧।୩୬।୧୨**

**ସପ୍ତମୀ**- ଦିଘ ୪।୨୮ ପର୍ଯ୍ୟନ୍ତ । **ପୂର୍ବଭାଦ୍ର ନକ୍ଷତ୍ର**- ଦିଘ ୧୦।୧୧ ପର୍ଯ୍ୟନ୍ତ । **ମୀନ ଚନ୍ଦ୍ର**- ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି**- ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର ଓ ମୀନ ରାଶିର । **ଘାତଚନ୍ଦ୍ର**- ଧନୁ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ**- ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ**- ତାଳ ଦିଘ ୪।୨୮ ପରେ ନଡ଼ିଆ ଖାଇବା ମନା । **ଆଜିର ଶୁଭବେଳା**- ପ୍ରାଘ ୬।୦୭ ଗତେ ଘ ୬।୫୯ ମଧ୍ୟେ । ଦିଘ ୧୨।୧୬ ଗତେ ଘ ୨।୫୫ ମଧ୍ୟେ ।

ସମ୍ପାଦକୀୟ

30 YEARS
ସମ୍ବାଦ କଳିକା

# କେନ୍ଦ୍ରକୁ ଘାରିଲାଣି ଗହମ ଚିନ୍ତା

ଗହମକୁ ନେଇ କେନ୍ଦ୍ର ସରକାରଙ୍କ ଚିନ୍ତା ବଢ଼ିଯାଇଥିବା ଭଳି ମନେ ହେଉଛି। ଦରଦାମକୁ ନିୟନ୍ତ୍ରଣରେ ରଖିବା ସହିତ ଗହମ ଉପଲବ୍ଧତା ସୁନିଶ୍ଚିତ କରିବା ଲାଗି ସରକାର ଏହାର ଷ୍ଟକ୍ ସୀମା ନିର୍ଦ୍ଧାରଣ କରିଛନ୍ତି। କେନ୍ଦ୍ର ଖାଦ୍ୟ ସଚିବ ସଞ୍ଜୀବ ଚୋପ୍ରା କହିଛନ୍ତି ଯେ ଖୁଚୁରା ବିକ୍ରେତା, ପାଇକାରୀ ବିକ୍ରେତା, ପ୍ରକ୍ରିୟାକରଣ କରୁଥିବା ସଂସ୍ଥା ଓ ବୃହତ ରିଟେଲ୍ ଶୃଙ୍ଖଳାଗୁଡ଼ିକୁ ପ୍ରତି ଶୁକ୍ରବାର ସେମାନଙ୍କ ଷ୍ଟକ୍ ଘୋଷଣା କରିବାକୁ ପଡ଼ିବ। ୨୦୨୫ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଗହମ ଷ୍ଟକର ସୀମା ଧାର୍ଯ୍ୟ କରାଯାଇଛି। ସାରା ଦେଶରେ ଏହା ଲାଗୁ କରାଯାଇଛି।

ଦେଶରେ ଗହମର ଅଭାବ ଥିବା ନେଇ ହେଉଥିବା ଚର୍ଚ୍ଚାକୁ ଦୃଢ଼ ଭାବେ ଖଣ୍ଡନ କରି ଶ୍ରୀ ଚୋପ୍ରା କହିଛନ୍ତି ଯେ ବର୍ତ୍ତମାନ ଗହମ ରପ୍ତାନିକୁ ନିଷିଦ୍ଧ କରିବା କିମ୍ବା ଚିନି ରପ୍ତାନି ଉପରୁ କଟକଣା ପ୍ରତ୍ୟାହାର କରିବାର କୌଣସି ଯୋଜନା ନାହିଁ। ସେ କହିଛନ୍ତି ଯେ ପାଇକାରୀ ବିକ୍ରେତାଙ୍କ ଲାଗି ଗହମର ଷ୍ଟକ୍ ସୀମା ୩୦୦୦ ଟନ୍ ଧାର୍ଯ୍ୟ କରାଯାଇଥିବା ବେଳେ ପ୍ରକ୍ରିୟାକରଣକାରୀ ସଂସ୍ଥାଗୁଡ଼ିକ ନିଜ ସ୍ଥାପିତ କ୍ଷମତାର ୭୦ ପ୍ରତିଶତ ଗହମକୁ ଷ୍ଟକ୍ ଭାବେ ରଖିପାରିବେ। ବୃହତ ଖୁଚୁରା ଶୃଙ୍ଖଳାଗୁଡ଼ିକ ନିଜ ଆଉଟଲେଟ୍‌ରେ ୧୦ ଟନ୍ ଲେଖାଏଁ ଏବଂ ମୋଟ ଉପରେ ନିଜ ପାଖରେ ୩୦୦୦ ଟନ୍ ଗହମ ରଖିପାରିବେ। ଖୁଚୁରା ବିକ୍ରେତାଙ୍କ ପାଖରେ ୧୦ ଟନ୍ ପର୍ଯ୍ୟନ୍ତ ଗହମ ରହିବ।

ଉପଭୋକ୍ତା ବ୍ୟାପାର ସଚିବ ନିଧି ଖାରେ କହିଛନ୍ତି ଯେ ହରଡ଼ ଡାଲି ଓ ବିରିର ଷ୍ଟକ୍ ସୀମା ନିର୍ଦ୍ଧାରଣ କରାଯିବା ପରେ ମୂଲ୍ୟରେ ସୁଧାର ଦେଖିବାକୁ ମିଳିଛି। ଏହି ଦୁଇ ଡାଲିର କ୍ୱିଣ୍ଟାଲ ପିଛା ଦରରେ ୫୦-୨୦୦ ଟଙ୍କା ପର୍ଯ୍ୟନ୍ତ ହ୍ରାସ ହୋଇଛି। ପିଆଜ ସମ୍ପର୍କରେ ସେ କହିଛନ୍ତି ଯେ ସରକାରଙ୍କ ଭଣ୍ଡାରରେ ଯଥେଷ୍ଟ ପିଆଜ ରହିଛି। ଗତବର୍ଷ ୨.୮୫ ଲକ୍ଷ ହେକ୍ଟରରେ ପିଆଜ ଚାଷ ହୋଇଥିଲା। ଚଳିତ ବର୍ଷ ୩.୫୩ ଲକ୍ଷ ହେକ୍ଟରରେ ଏହି ଚାଷ ହେବ ବୋଲି ସେ ଆକଳନ କରିଛନ୍ତି। ଭଲ ମୌସୁମୀ ବର୍ଷା ହେବାର ସମ୍ଭାବନା ଥିବାରୁ ଏହି ଲକ୍ଷ୍ୟ ହାସଲ ହୋଇଯିବ ବୋଲି ସେ ଆଶାବାଦୀ ଅଛନ୍ତି। ଗହମ ସମେତ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ଦାମ୍ ବଢୁଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଉଥିବାରୁ ତାହାକୁ ଦୃଷ୍ଟିରେ ରଖି ସରକାର ଗହମର ଷ୍ଟକ୍ ସୀମା ଧାର୍ଯ୍ୟ କରିଛନ୍ତି।



ଇଂ ଗୁରୁପ୍ରସାଦ ସରକାର
ମୋ : ୯୪୩୭୦୩୦୪୫୩

## ଶ୍ରୀ ସତ୍ୟସାଇ ମହିମା-୨୬୫

# ୧୯୬୫ ମସିହା ଏପ୍ରିଲ ମାସ ଶେଷ ବେଳକୁ ରାମଚନ୍ଦ୍ରନ୍ ନିଜ ପୂଜା ଘରେ ଥିବା ବେଳେ ଏପରି ଏକ ଟେଲିଗ୍ରାମ୍ ପାଇଲେ

୧୯୬୫ ମସିହା ଏପ୍ରିଲ ମାସ ଶେଷ ବେଳକୁ ରାମଚନ୍ଦ୍ରନ୍ ନିଜ ପୂଜା ଘରେ ଥିବା ବେଳେ ଏପରି ଏକ ଟେଲିଗ୍ରାମ୍ ପାଇଲେ। ସେଥିରେ ଲେଖାଥିଲା, 'ବ୍ରତୋପୟନ କରିବା ପାଇଁ ଓ ବ୍ରହ୍ମଉପଦେଶ ଦେବା ପାଇଁ ସତ୍ୟସାଇ ବାବା ତୁମଘରେ ମେ ମାସ ୫ ତାରିଖରେ ପହଞ୍ଚୁଛନ୍ତି।' ଏଥିରେ ରାମଚନ୍ଦ୍ରନ୍ ଅତୀବ ଆଶ୍ଚର୍ଯ୍ୟ ହୋଇଗଲେ। ଏଥିରେ ତାଙ୍କର ଦୁଇପୁଅଙ୍କ ପ୍ରସଙ୍ଗରେ ହିଁ ଲେଖାଥିଲା। ସେତେବେଳେ ତାଙ୍କର ବଡପୁଅ ରାଜାର ବୟସ ସତର ଉପରେ ହେଲାଣି। ରାମ ଚନ୍ଦ୍ରନ୍ ଏହି ଟେଲିଗ୍ରାମର ସତ୍ୟା ସତ୍ୟ ଜାଣିବା ପାଇଁ ଗୋଟିଏ ଟେଲିଗ୍ରାମ ବୃନ୍ଦାବନକୁ ଆଉ ଏକ ଟେଲିଗ୍ରାମ ପ୍ରଶାନ୍ତି ଆଶ୍ରମକୁ ପଠାଇଲେ। କିନ୍ତୁ କେଉଁଠାରୁ ମଧ୍ୟ ଉତ୍ତର ଆସିଲା ନାହିଁ। ଏହି ଥର ପାଇଁ ତାଙ୍କ ପାଖରେ ଅର୍ଥର ଅଭାବ ଥିଲା। କିନ୍ତୁ ସେ ବ୍ୟାଙ୍କକୁ ଯାଇ ଦେଖିଲେ ଯେ କେହି ଜଣେ ତାଙ୍କ ବ୍ୟାଙ୍କ ବହିରେ ୪୭୮ ଟଙ୍କା ଜମା କରିଛି। ଏହାର ରହସ୍ୟ ସେ ବୁଝି ପାରିଲେ ନାହିଁ। ନିଜ ବନ୍ଧୁ ଓ ସମ୍ପର୍କୀୟଙ୍କ ଠାରୁ ଆଉ କିଛି କରଜ ଆଣି ସେ ବ୍ରତୋପୟନ ଉତ୍ସବ ପାଇଁ ଲାଗି ପଡିଲେ। ଉତ୍ସବକୁ ତାଙ୍କର କିଛି ସମ୍ପର୍କୀୟ ଓ ଘନିଷ୍ଠ ବନ୍ଧୁଙ୍କୁ ମିଶେଇ ପ୍ରାୟ ୫୦ଜଣଙ୍କୁ ନିମନ୍ତ୍ରଣ କଲେ। ଏହା ଛଡା ବାବା ଆସିବା ବିଷୟ ପ୍ରଚାର ନହେବା ପାଇଁ ସମସ୍ତଙ୍କୁ ଅନୁରୋଧ କଲେ। ସବୁ ପ୍ରକାର ସାବଧାନତା ସତ୍ତ୍ୱେ ମେ ମାସ ୫ତାରିଖ ସକାଳୁ ରାମଚନ୍ଦ୍ରନ୍‌ଙ୍କ ଘର ସାମନା ବଗିଚାରେ ଭକ୍ତଙ୍କ ସଂଖ୍ୟା



ବଢ଼ିବାକୁ ଲାଗିଲା। ପ୍ରାୟ ହଜାରେ ଜଣେ ସ୍ତ୍ରୀ ପୁରୁଷ ଆସି ଶୃଙ୍ଖଳାର ସହିତ ଧାଡିବାନ୍ଧି ବସି ବାବାଙ୍କ ଦର୍ଶନ ପାଇଁ ଅପେକ୍ଷା କଲେ।

ଘର ଭିତରେ ଥିବା ଏକ ମଞ୍ଚରେ ରାମ ଚନ୍ଦ୍ରନ୍‌ଙ୍କ ଘରେ ସବୁଠାରୁ ମୂଲ୍ୟବାନ ଆରାମ ଚୌକିର ବାବାଙ୍କ ପାଇଁ ରଖାଗଲା। ତା ଉପରେ ସୁନ୍ଦର କପଡା ପକାଗଲା, ଚୌକିର ଦୁଇ ହାତ ଉପରେ ବିଭିନ୍ନ ଫୁଲ ସଜାଇ ରଖାଗଲା। ରାମଚନ୍ଦ୍ରନ୍ ଓ ତାଙ୍କ ପତ୍ନୀ ବାବାଙ୍କୁ ମନେମନେ ପ୍ରାର୍ଥନା କରି ଉତ୍ସବକୁ ଆଗେଇ ନେଲେ। ରାମଚନ୍ଦ୍ରନ୍ ନିଜେ ଦୁଇପୁଅଙ୍କର ବ୍ରତୋପୟନ କାର୍ଯ୍ୟ ଆରମ୍ଭ କଲେ। ଏହି ସମୟରେ ଜଣେ ସାତ ଆଠ ବର୍ଷର ବାଳକ ନିଜକୁ ଅନାଥ ବୋଲି ପରିଚୟ ଦେଇ ରାମଚନ୍ଦ୍ରନ୍‌ଙ୍କ ପତ୍ନୀଙ୍କ ପାଖରୁ କିଛି ଖାଦ୍ୟ ପଦାର୍ଥ ମାଗି ନେଇ ସେଥିରୁ ମାତ୍ର ଗୁଣ୍ଡାଏ ଦୁଇ ଗୁଣ୍ଡା ଖାଇ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ସେ ସ୍ଥାନରୁ ଅନ୍ତର୍ଦ୍ଧାନ ହୋଇଗଲା। ତାକୁ ଆଖପାଖରେ ଖୋଜିଲେ ବି ସେ ଦେଖାଗଲା ନାହିଁ। ସେଠରେ ଉପସ୍ଥିତ ଭକ୍ତମାନେ ମଧ୍ୟ ଏପରି ଏକ ବାଳକକୁ ସେ ଅଞ୍ଚଳରେ କେବେ କେହି ଦେଖିନଥିଲେ ବୋଲି କହିଲେ। ରାମଚନ୍ଦ୍ରନ ପ୍ରାୟ ଦିନ ଏଗାରଟା ବେଳେ ପୂଜା ଘରେ ପ୍ରବେଶ କରି ଲକ୍ଷ୍ୟ କଲେ ବାବାଙ୍କ ପାଇଁ ଉଦ୍ଦିଷ୍ଟ ଚୌକୀରେ କେହି ଜଣେ ବସିଥିଲା। ଚୌକୀ ଉପରେ ପଡିଥିବ କପଡା ଲୋଚା ହୋଇ ଯାଇଛି ଓ ହାତରେ ଥିବା ଫୁଲ ଗୁଡିକ ଚିପି ହୋଇଗଲା ପରି ଦେଖାଯାଉଛି। ତେଣୁ ସମସ୍ତେ ବିଶ୍ୱାସ କରିଗଲେ ଯେ ବାବା ତାଙ୍କ ସୂକ୍ଷ୍ମ ଶରୀରରେ ସେ ସେଠରେ ଉପସ୍ଥିତ ଥିଲେ। ଏହା ଛଡା ବ୍ରତୋପୟନ ପରେ ପୁଅକୁ କର୍ଣ୍ଣମନ୍ତ୍ର ଦେବା ବେଳକୁ ଦୁଇଜଣଙ୍କ ମୁହଁକୁ ଘୋଡେଇ ଏକାମ କଲା ବେଳେ ପୁଅ ପରେ ବାପାଙ୍କୁ କହିଲା ଯେ, ତା ଭିତରେ ନିଜ ବାପାଙ୍କ ମୁହଁ ନଦେଖି ସେ ସତ୍ୟ ସାଇବାବାଙ୍କ ମୁହଁ ଦେଖିବାକୁ ପାଇଲା। ଏହି ସବୁରୁ ଏହା ପ୍ରମାଣିତ ହେଲା ଯେ ବାବା ନିଜ କଥାନୁସାରେ ସୂକ୍ଷ୍ମ ଶରୀରରେ ସମସ୍ତ ବ୍ରତପୋନୟନ ଓ ବ୍ରହ୍ମୋପଦେଶ ନାମ ସମାପନ କରିଅଛନ୍ତି।

ଉତ୍ସବ ଶେଷରେ ଭୋଜନ ବ୍ୟବସ୍ଥା ହେଲା। ରାମଚନ୍ଦ୍ରନ ମାତ୍ର ପଚାଶ ଜଣଙ୍କୁ ନିମନ୍ତ୍ରଣ କରିଥିଲେ ମଧ୍ୟ ୧୦୦ ଜଣଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରିଥିଲେ। ବଗିଚାରେ ବସିଥିବା ପ୍ରାୟ ୧୦୦୦ ଜଣ ଭକ୍ତ ଆସି ବାବାଙ୍କ ଚୌକି ପାଖରେ ନତମସ୍ତକ ହୋଇ ତଳେ ଖାଇବା ପାଇଁ ବସିଗଲେ। ରାମଚନ୍ଦ୍ରନ୍‌ଙ୍କ ପରିବାର ସତ୍ୟସାଇ ବାବାଙ୍କୁ ମନେ ମନେ ପ୍ରାର୍ଥନା କରି ସମସ୍ତଙ୍କୁ ଖାଦ୍ୟ ପରଷିବାକୁ ଲାଗିଲେ। ଆଶ୍ଚର୍ଯ୍ୟର କଥା ସେଇ ଖାଦ୍ୟ ହଜାରେ ଜଣଙ୍କୁ ପରଷିବା ପରେ ମଧ୍ୟ ପାତ୍ରରେ ବଳକା ଖାଦ୍ୟ ଥିଲା। ଏହି ସବୁକୁ ଲକ୍ଷ୍ୟ କରି ବାବାଙ୍କର ଘନିଷ୍ଠ ଭକ୍ତମାନେ ଭାବିଲେ ଯେ ବାବା ସେଇ ସାତ ଆଠ ବର୍ଷ ବାଳକ ରୂପରେ ଆସି ପ୍ରସାଦ ଖାଇ ଯାଇ ଥିବାରୁ ସେଥିରେ ଉପସ୍ଥିତ ସମସ୍ତଙ୍କ ପେଟ ଭରିଗଲା। (କ୍ରମଶଃ)



ପ୍ରଣତି ଆଚାର୍ଯ୍ୟ ମିଶ୍ର
ନୟାଗଡ଼
ମୋ-୯୪୩୭୬୪୨୯୪୭

# କେବଳ ସ୍ୱପ୍ନ ଦେଖ

ନିର୍ବାଚନ ଋତୁ ସମାପ୍ତି ପରେ ଏବେ ନୂତନ ସରକାରଙ୍କ ରଣନୀତିକୁ ଅପେକ୍ଷା। ବିକଶିତ ରାଷ୍ଟ୍ରର ସ୍ୱପ୍ନ ସାକାର ହେବକି ନାହିଁ ଚିନ୍ତାରେ ଜନତା। ଗତ କିଛି ଦିନ ମଧ୍ୟରେ ଏମିତି ଅନେକ ଦୁଃଖଦାୟକ ଘଟଣା ଘଟିଛି, ଯାହା ଆମ ତଥାକଥିତ ପ୍ରଗତିଶୀଳ ବିଶ୍ୱଗୁରୁ ଭାବେ ପରିଚିତ ଭାରତର ଚେହେରାକୁ ଦର୍ପଣ ଦେଖାଇ କହୁଛି, ଆମେ ଏକ 'ବିକଶିତ' ଦେଶଠାରୁ କେତେ ଦୂରରେ ଅଛୁ। ଏହି ଦୁଃଖଦାୟକ, ଲଜ୍ଜାଜନକ ଘଟଣା ଗୁଡ଼ିକ ମଧ୍ୟରୁ ସବୁଠାରୁ ଲଜ୍ଜାଜନକ ଘଟଣା କିଛି ଦିନ ତଳେ ପୁଣେରେ ଘଟିଥିଲା, ଯାହା ବିଷୟରେ କହିବାକୁ କଷ୍ଟଲାଗେ। ବାପ ପଇସାରେ ଅନ୍ଧ ହୋଇ ମଦ ନିଶାରେ ପୁତ୍ର ଏକ ବିଳାସପୂର୍ଣ୍ଣ କାରକୁ ଦ୍ରୁତ ଗତିରେ ଚଳାଉଥିବା ବେଳେ ଦୁଇ ଜଣ ଯୁବକଙ୍କ ଉପରେ ଚଢ଼ି ଯାଇଥିଲା। ଉତ୍ୟକ୍ତ ଜନତା ଏକତ୍ରିତ ହୋଇ କାର୍ ଭିତରୁ ଟାଣି ଆଣି ମାଡ଼ ମାରିବା ଆରମ୍ଭ କରନ୍ତେ, ସେ ଲଜ୍ଜାଜନକ ଭାବେ କହିଲା, 'ତୁମେ ଯେତିକି ଚାହୁଁଛ ମୁଁ ତାଠାରୁ ଅଧିକ ଟଙ୍କା ଦେବି, ଆମକୁ ମାରନାହିଁ। କଥାର ଏଠାରେ ଅନ୍ତ ନୁହେଁ, ପରବର୍ତ୍ତୀ ସମୟରେ ଯାହା ଘଟିଲା ତାହା କୌଣସି ବିକଶିତ ରାଷ୍ଟ୍ରରେ ହୋଇନପାରେ। ପିଲାଟି ଜେଲରେ ବନ୍ଦ ହେବାରୁ ତାକୁ ବଞ୍ଚାଇବା ପାଇଁ ବାପା ଓ ଜେଜେବାପା ନିଜ ଡ୍ରାଇଭରଙ୍କୁ ଅପହରଣ କରି ସେ ଗାଡ଼ି ଚଳାଉଥିବା କହିବାକୁ ଚାପ ପକାଇଥିଲେ। ଏହି ଘଟଣାକୁ ଦବାଇବା ପାଇଁ ଡାକ୍ତରଖାନାର ଡାକ୍ତରମାନେ ମଧ୍ୟ ପରୀକ୍ଷାରେ ହେରଫେର କରିଥିଲେ। ଯାହାଫଳରେ ସେ ମଦ୍ୟପାନ କରି କାର୍ ଚଳାଉଥିବାର କୌଣସି ପ୍ରମାଣ ମିଳିନଥିଲା। କିଛି ନେତା ଓ ପୁଲିସ କର୍ମୀ ମଧ୍ୟ ଏହି ଅପରାଧକୁ ସମର୍ଥନ କରିଥିବା କୁହାଯାଉଛି। ଏସବୁ ଏକ ଚଳଚ୍ଚିତ୍ରର ଦୃଶ୍ୟ ମନେହୁଏ ନିଶ୍ଚୟ, ହେଲେ ନିରାଟ ସତ୍ୟ। ଏଠାରେ ପ୍ରଶ୍ନଉଠେ ବିକଶିତ ଦେଶମାନଙ୍କରେ ଏଭଳି ଘଟଣା ଘଟେ କି? ଦେଶର ରାଜଧାନୀରେ ତିରିଶ ପ୍ରତିଶତ ଡାକ୍ତରଖାନା ବେଆଇନ ଢଙ୍ଗରେ ଚାଲିବା ଆମ ଆଇନ୍ ଶୃଙ୍ଖଳା ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରେ। । ଏହାର ଜ୍ୱଳନ୍ତ ଉଦାହରଣ ବେଆଇନ ଶିଶୁ ଚିକିତ୍ସାଳୟରେ ଅଗ୍ନିକାଣ୍ଡ ଘଟି ଅନେକ ନବଜାତ ଶିଶୁଙ୍କ ମୃତ୍ୟୁ ଘଟଣା। ବେଆଇନ ହସ୍ପିଟାଲର ଆଇସିୟୁରେ ଜନ୍ମ ହେବା ମାତ୍ରେ ଯେଉଁ ନବଜାତ ଶିଶୁମାନେ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ ସେମାନଙ୍କୁ ନ୍ୟାୟ କେବେ ମିଳିବ କି? ଭାରତରେ - ସାଧାରଣ ନାଗରିକଙ୍କ ପାଇଁ ନ୍ୟାୟ ପାଇବାର ରାସ୍ତା ବହୁତ କଷ୍ଟକର। ଏହା ସହଜ - କେବଳ ଧନୀ, ରାଜନେତା ଏବଂ ଶୀର୍ଷ ସରକାରୀ ଅଧିକାରୀଙ୍କ ପାଇଁ। ଆମେ ଜାଣିଛନ୍ତି ଯେ, ପିଲାମାନେ ଯାଉଥିବା ଡାକ୍ତରଖାନା, ସ୍କୁଲ ଏବଂ ମନୋରଞ୍ଜନ ସ୍ଥଳରେ ମଧ୍ୟ ବେଆଇନ ନିର୍ମାଣ ହୋଇଥାଏ। ଏହି ସବୁ ସ୍ଥାନରେ ଅନେକ ସମୟରେ ଅଗ୍ନିକାଣ୍ଡ ଘଟେ। ପୁରୀର ବାଣ ଦୁର୍ଘଟଣା ପରି ଅନେକ ସମୟରେ ବାଣକୁ ନେଇ ହୃଦୟ ବିଦାରକ ଦୃଶ୍ୟ ସାମ୍ନାକୁ ଆସୁଛି। ବିଗତ ଦିନ ଭଳି ଅନେକ ସମୟରେ ଲୋକଙ୍କ ମୃତ୍ୟୁ ହୋଇଛି। ରାଜକୋଟର ଏକ ମନୋରଞ୍ଜନ ପାର୍କରେ ୨୭ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ, ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ ଶିଶୁ ଥିଲେ। ଗୁଜରାଟ ଏକ ବିକଶିତ ରାଜ୍ୟ, କିନ୍ତୁ ଏଠାରେ ପ୍ରାୟ ଦୁଇ ବର୍ଷ ତଳେ ମୋର୍ବି ସହରରେ ଏକ ପୋଲ ଭୁଶୁଡ଼ି ପଡ଼ିବାରୁ ୧୪୧ ଜଣଙ୍କ ମୃତ୍ୟୁ ଘଟିଥିଲା ଏବଂ ପ୍ରାୟ ୨୦୦ ଲୋକ ଆହତ ହୋଇଥିଲେ। ପରେ ଜଣାପଡ଼ିଥିଲା ଯେ ପୋଲମରାମତି କାମ ବେଆଇନ ଭାବେ ନିର୍ମାଣ କରାଯାଇଥିଲା ଯାହାର କୌଣସି ପ୍ରମାଣ ନଗରପାଳିକା ପାଖରେ ନଥିଲା। ସେହି ଦୁର୍ଘଟଣା ପରେ କମ୍ପାନିର ମାଲିକ ଅନେକ ଦିନ ଧରି ଫେରାର ହୋଇଯାଇଥିଲେ। ଏବେ ତାଙ୍କୁ ଦଣ୍ଡ ମିଳିଛି କି ନାହିଁ- କେହି ଜାଣନ୍ତି କି? କିନ୍ତୁ ଯେତେବେଳେ ବି ଏଭଳି ଘଟଣା ଘଟେ, ଆମେ ଆମକୁ ମନେ ପକାଇ ଦେଇଛୁ ଯେ ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହେବାକୁ ଦଶନ୍ଧି ଲାଗିବ। ୨୦୪୭ ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ର ଶ୍ରେଣୀରେ ଆଣିବାକୁ ପ୍ରଧାନମନ୍ତ୍ରୀ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। କିନ୍ତୁ ଏହା କେତେଦୂର ସମ୍ଭବ ଦେଖିବାକୁ ବାକି। ଆଇନ ଆଖିରେ ଧୂଳି ଦେଇ ଯେତେଦିନ ପର୍ଯ୍ୟନ୍ତ ଏପରି ଘଟଣା ଦୁର୍ଘଟଣା ଚାଲିଥିବ ଯେଉଁଥିରେ ନିରିହ ମାନେ ଅକାଳେ ମୃତ୍ୟୁ ବରଣ କରୁଥିବେ ସେତେଦିନ ପର୍ଯ୍ୟନ୍ତ ଆମେ କେବଳ ବିକଶିତ ରାଷ୍ଟ୍ରର ସ୍ୱପ୍ନ ଦେଖୁଥିବା। ଗତ ସପ୍ତାହରେ ନ୍ୟୁୟର୍କର ଏକ ଅଦାଲତରେ ଡୋନାଲ୍ଡ ଟ୍ରମ୍ପଙ୍କୁ ଯେପରି ଦଣ୍ଡିତ କରାଯାଇଥିଲା, ଏହା ଆଶ୍ଚର୍ଯ୍ୟକର। ବିକଶିତ ଦେଶମାନଙ୍କରେ ରାଷ୍ଟ୍ରପତିଙ୍କୁ ମଧ୍ୟ ଦଣ୍ଡ ମିଳିପାରେ। ଟ୍ରମ୍ପ୍ ଅନେକ ଥର କହିଛନ୍ତି ଯେ ତାଙ୍କ ବିରୋଧରେ ଥିବା ମାମଲା ସବୁ ମିଥ୍ୟା, ତାଙ୍କଠାରୁ ରାଜନୈତିକ ପ୍ରତିଶୋଧ ନିଆଯାଉଛି, କିନ୍ତୁ ମାମଲା ଏବେ ବି ଚାଲିଛି ଏବଂ ତାହା ମଧ୍ୟ ଏତେ ସ୍ୱଚ୍ଛତାର ସହ ଯେ ଗଣମାଧ୍ୟମ ମାମଲାର ପ୍ରତ୍ୟେକ ଦିଗ ଉପରେ ଖୋଲାଖୋଲି ମନ୍ତବ୍ୟ ଦେଉଛି। ଟିଭିରେ ଏସବୁ ବିଷୟରେ ଆଲୋଚନା ହେଉଛି, ଯେଉଁଥିରେ ଲୋକମାନେ ସାହସିକତାର ସହ କହୁଛନ୍ତି ଯେ ଟ୍ରମ୍ପ ରାଷ୍ଟ୍ରପତି ହୋଇଥିଲେ ମଧ୍ୟ ଆଇନ ଆଗରେ ସମସ୍ତେ ସମାନ ବୋଲି ମନେ ରଖିବା ଉଚିତ୍। ଭାରତରେ ଏଭଳି ଆଇନ ଶୃଙ୍ଖଳା ପ୍ରତିଷ୍ଠା ହେଲେ ଆମେ ପ୍ରକୃତରେ ବିକାଶର ସ୍ୱପ୍ନ ଦେଖିପାରିବା। ଆମେ କେବଳ ଆଶା କରିପାରିବା ଯେ ଦେଶର ପ୍ରଧାନମନ୍ତ୍ରୀ, ଆଇନ ଶୃଙ୍ଖଳାକୁ ସୁଦୃଢ଼ କରିବା ଉପରେ ଧ୍ୟାନ ଦେବେ। ଅଦାଲତ ଉପରେ ସାଧାରଣ ଭାରତୀୟ ନାଗରିକଙ୍କ ବିଶ୍ୱାସ ଏତେ ଦୁର୍ବଳ ଯେ ଏହି ଦେଶରେ ଅନେକ ଲୋକ ଅଛନ୍ତି ଯେଉଁମାନେ ଅଦାଲତକୁ ମଧ୍ୟ ଯାଆନ୍ତି ନାହିଁ। ପ୍ରଥମତଃ, ନ୍ୟାୟ ପାଇବାପାଇଁ ଦଶନ୍ଧି ଲାଗିପାରେ - ଏବଂ ଦ୍ୱିତୀୟତଃ, ଦେଶରେ ବହୁତ କମ୍ ଲୋକ ଅଛନ୍ତି ଯେଉଁମାନେ ଓକିଲମାନଙ୍କୁ ଦରମା ଦେବା ପାଇଁ ସମ୍ବଳ ରଖନ୍ତି। ତେଣୁ ବର୍ତ୍ତମାନ ପାଇଁ କେବଳ ସ୍ୱପ୍ନ ଦେଖ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ



ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

### ପ୍ରଥମ ଅଧ୍ୟାୟ

ମା।

ଗାଧୁଆ ପାଧୁଆ ନ ହେଲା ନାହିଁ
ଅଖିଆ ଅପିଆ ରହିବି ମୁହିଁ
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ (୧)

ଚନ୍ଦନ ସିନ୍ଦୂର ନ ହେଲା ନାହିଁ
ତୁଳସୀର ମାଳା ମୋ ଲୋଡା ନାହିଁ
ତଥାପ "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ (୨)

ପାଟ ପିତାମ୍ବରୀ ନ ହେଲା ନାହିଁ
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ (୩)

ଦହି ଦୁଧ ଛେନା ନ ହେଲା ନାହିଁ
ଲହୁଣୀରେ ମନ ମୋହର ନାହିଁ
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ (୪)

ତୋ ନାମ ମୋହର ଗଙ୍ଗା ଯମୁନା
ତୋ ନାମେ ସିନ୍ଦୂର ଚିତା ପଇତା
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ (୫)

ତୋ ସ୍ନେହ ମମତା କ୍ଷୀର ଲବଣୀ
ତୋ ପାଦଧୂଳି ମୋ ମଥାର ମଣି
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ (୬)

କିପରି ଭାବେ ମୁଁ ତୋତେ କହିବି
ଯୁଗେ ଯୁଗେ ମୋର ତୁହି ଜନନୀ
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ (୭)

ଲୋଡା ନାହିଁ ମୋର ସାରା
ଜଗତ ତୋ ନାମ ମୋ ହୃଦେ
କେବଳ ମାତ
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ (୮)

ଲକ୍ଷ୍ମୀ ସରସ୍ୱତୀ ତୁ କାଳୀ ମାତ
ଦୁର୍ଗସ୍ଥା ନାରାୟଣୀ ଶକ୍ତି ମୋ ମା
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ (୯)

ଯୁଗେ ଯୁଗେ ଅଭି ତୋ ନାମ ଭଜି
ମାୟା ସଂସାରରୁ ଯାଏ ସେ ହଜି
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ(୧୦)

(କ୍ରମଶଃ)



ଡ. ସୀତାକାନ୍ତ ତ୍ରିପାଠୀ
ଭଦ୍ରକ
ମୋ-୯୭୭୮୭୬୪୩୯୪
tripathysk1947@gmail.com

# ଶ୍ରୀମନ୍ଦିରରେ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା

ଗତ କିଛି ବର୍ଷ ଧରି ଶ୍ରୀମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ପାଇଁ କେବଳ ଆମ ରାଜ୍ୟ କାହିଁକି ସାରା ଦେଶରେ ଚର୍ଚ୍ଚା ଚାଲିଛି। ବିଶ୍ୱନିୟନ୍ତା, ସର୍ବଶକ୍ତିମାନ, ସର୍ବବିଦ୍ୟମାନ ଏବଂ ସର୍ବଜ୍ଞାତା ଶ୍ରୀଜୀଉମାନଙ୍କୁ ଦର୍ଶନ କରି ନପାରି ବିଭିନ୍ନ ପାର୍ଶ୍ୱଦେବାଦେବୀ ମାନଙ୍କୁ ଦର୍ଶନ କରି ଅନେକ ଭକ୍ତ ଦୁଃଖ, କୋହ ତଥା ଅବସୋସ ଭରା ମନକୁ ସାନ୍ତ୍ୱନା ଦେଇ ଫେରୁଛନ୍ତି। କିଛି ବର୍ଷ ପୂର୍ବରୁ ଉକ୍ତ ଭିଡ଼ ସମସ୍ୟା ସାମୟିକ ଥିଲା। ସାଧାରଣତଃ ମହାପ୍ରଭୁଙ୍କର ବିଭିନ୍ନ ଯାନିଯାତ୍ରା ଓ ପର୍ବପର୍ବାଣି ସମୟରେ ଉକ୍ତ ଭିଡ ପରିଲକ୍ଷିତ ହେଉଥିଲା କିନ୍ତୁ ବର୍ତ୍ତମାନ ପରିପ୍ରେକ୍ଷୀରେ ଏହା ଏକ ନିତିଦିନିଆ ସମସ୍ୟା ହୋଇ ଉଭା ହେଲାଣି ଯାହା କେବଳ ଭକ୍ତମାନଙ୍କର ଭାବାବେଗକୁ କୁଠାରଘାତ କରି ନିରାଶା ତଥା ହତାଶାର ଭାବ ସୃଷ୍ଟି କରୁନି ବରଂ ଧନ-ଜୀବନର ସୁରକ୍ଷା ତଥା ଆଇନଶୃଙ୍ଖଳା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। କୋଭିଡ୍ ସମୟରେ ଜନସ୍ୱାସ୍ଥ୍ୟକୁ ପ୍ରାଧାନ୍ୟ ଦେଇ ସାମାଜିକ ଦୂରତାକୁ କଡାକଡି ଭାବେ ପାଳନ କରିବା ଲକ୍ଷ୍ୟ ନେଇ କେବଳ ସିଂହଦ୍ୱାର ଦେଇ ଭକ୍ତମାନେ ପ୍ରବେଶ କରିବାର ନିୟମ କରାଯାଇଥିଲା ଯାହା ପରବର୍ତ୍ତୀ ସମୟରେ ମଧ୍ୟ ଅକାରଣରେ ବଳବତ୍ତର ରହିଲା। ଯାହା ଫଳରେ ଦର୍ଶନାର୍ଥୀମାନେ ସିଂହଦ୍ୱାର ପାଖରେ ହୋଇଥିବା ବ୍ୟାରିକେଡ ମାନଙ୍କରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ରହିଲେ ଏବଂ ଏହା ଭକ୍ତ ମାନଙ୍କର ଅସନ୍ତୋଷକୁ ବହୁଗୁଣିତ କଲା। ବର୍ତ୍ତମାନ ନୂତନ ସରକାର ତାଙ୍କର ନିର୍ବାଚନୀ ଇସ୍ତାହାର ଅନୁଯାୟୀ ମନ୍ଦିରର ଥିବା ଚାରିଟି ଯାକ ଦ୍ୱାର ଭକ୍ତମାନଙ୍କ ଉନ୍ମୁକ୍ତ କରିବା ପରେ ମଧ୍ୟ ଉକ୍ତ ସମସ୍ୟାର ସମାଧାନ ହୋଇ ପାରୁନାହିଁ। ମନ୍ଦିର ମଧ୍ୟରେ ଠେଲାପେଲାରେ ଅଣନିଃଶ୍ୱାସୀ ହୋଇ ଭକ୍ତମାନେ ଡାକ୍ତରଖାନା ଯାଉଛନ୍ତି ଯାହା ଉଭୟ ଶ୍ରୀମନ୍ଦିର ଦର୍ଶନ ବ୍ୟବସ୍ଥା ତଥା ସାରା ଓଡିଶାର ଆଧାତ୍ମିକ ତଥା ଆଇନଶୃଙ୍ଖଳା ଛବିକୁ ବିକୃତ କରୁଛି। କେବଳ ସାନ୍ତ୍ୱନାର ବିଷୟ ହେଲା ପୂର୍ବରୁ ଭକ୍ତମାନେ ମନ୍ଦିର ଭିତରକୁ ପ୍ରବେଶ କରିନପାରି ଫେରି ଯାଉଥିବା ବେଳେ ବର୍ତ୍ତମାନ ଅନ୍ତତଃ ମନ୍ଦିର ବେଢ଼ା ମଧ୍ୟରେ ଥିବା ପାର୍ଶ୍ୱଦେବାଦେବୀଙ୍କୁ ଦର୍ଶନ କରି ମନକୁ ସାନ୍ତ୍ୱନା ଦେଇ ପାରୁଛନ୍ତି। ଉକ୍ତ ସମସ୍ୟାକୁ ଅନୁଧ୍ୟାନ କଲେ ଜଣାପଡେ ଯେ କ୍ରମବର୍ଦ୍ଧିଷ୍ଣୁ ଯାତ୍ରୀମାନଙ୍କ ଦର୍ଶନ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ପାଇଁ ଏପର୍ଯ୍ୟନ୍ତ କୌଣସି ଠୋସ୍ ପଦକ୍ଷେପ ନିଆଯାଇ ପାରିନାହିଁ। ଭକ୍ତମାନେ ବେଢ଼ାରୁ ମନ୍ଦିର ମଧ୍ୟକୁ ପ୍ରବେଶ କରିବା ପାହାଚ ପାଖରୁ ହିଁ ଦଳାଚକଟା ଆରମ୍ଭ ହୋଇଯାଏ। ପରେ ପରେ ପୁଣି ଗରୁଡସ୍ତମ୍ଭକୁ ଛୁଇଁବା ପାଇଁ ସମସ୍ତଙ୍କର ମନ। ବାହାର କାଠରୁ ଚତୁର୍ଦ୍ଧା ମୂର୍ତ୍ତିମାନଙ୍କୁ ଏକ ସାଙ୍ଗରେ ଦର୍ଶନ କରିବା କଷ୍ଟକର। ତେଣୁ ଭକ୍ତମାନେ ବାରମ୍ବାର ଡାହାଣରୁ ବାମ କିମ୍ବା ବାମରୁ ଡାହାଣ ହେଉଥାଆନ୍ତି। ପରବର୍ତ୍ତୀ ସମୟରେ ବାହାର କାଠରୁ ଭିତର କାଠକୁ ଯିବା ସମୟରେ ଭକ୍ତମାନେ ପୁଣି ଥରେ ପାହାଚ ପାଖରେ ଭିଡ ମଧ୍ୟରେ ଝୁଣ୍ଟି ପଡିଯିବାର ସମ୍ଭାବନା ଥାଏ। ଅନ୍ୟପକ୍ଷରେ ଭକ୍ତ ପାହାଚ ମାନଙ୍କରେ କିଛି ସମୟ ଛିଡା ହୋଇଯାଇ ମହାପ୍ରଭୁଙ୍କ ଅପରୂପ ଦର୍ଶନ କରିବା ଫଳରେ ଭିଡ ଜମିଯାଏ। ଏତଦ୍‌ବ୍ୟତୀତ କିଛି ଅସାମାଜିକ ଲୋକ ଜାଣିଶୁଣି ଭିଡ ସୃଷ୍ଟି କରି ତା'ର ଫାଇଦା ଉଠାଇବାକୁ ଚେଷ୍ଟା କରିଥାଆନ୍ତି ଯେଉଁଥିପାଇଁ ପ୍ରଶାସନକୁ ଅଯଥାରେ ବଦନାମ ହେବାକୁ ପଡିଥାଏ। ଏଥିରୁ ମୁକୁଳିବା ପାଇଁ ନିମ୍ନଲିଖିତ ପଦକ୍ଷେପମାନ ନିଆଯାଇ ପାରେ। ପ୍ରଥମତଃ ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗମାନଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରାଯିବା ସହିତ ଏକ ନିର୍ଦ୍ଦିଷ୍ଟ ସମୟ ସାରଣୀ ପ୍ରସ୍ତୁତ କରାଯାଉ। ଦ୍ୱିତୀୟତଃ ବେଢ଼ାରୁ ମନ୍ଦିର ମଧ୍ୟକୁ ପ୍ରବେଶ କରିବା ସମୟରେ ଦଳଦଳ ହୋଇ ପ୍ରବେଶ କରିବା ବଦଳରେ ବ୍ୟାରିକେଡ ମଧ୍ୟରେ ଜଣ ଜଣ ହୋଇ ପ୍ରବେଶ କରିବା ଆବଶ୍ୟକ। ଏଥିପାଇଁ ମନ୍ଦିର ମଧ୍ୟରେ ଉଭୟ ବାହାର କାଠ ଓ ଭିତର କାଠକୁ ଯିବା ବାଟରେ ବ୍ୟାରିକେଡ ବ୍ୟବସ୍ଥା ରହିବା ଦରକାର। ତୃତୀୟତଃ ଉଭୟ ଭିତରକାଠ ଓ ବାହାରକାଠ ପାଖରେ ମହାପ୍ରଭୁଙ୍କର ଶ୍ରୀ ଅଙ୍ଗ ଲାଗି ତୁଳସୀ ଓ ଫୁଲ ଭକ୍ତ ମାନଙ୍କୁ ଦିଆଯିବା ପାଇଁ ଯେଉଁ ବ୍ୟବସ୍ଥା ରହିଛି ତାକୁ ବନ୍ଦ କରି ବାହାରେ ସ୍ୱତନ୍ତ୍ର କାଉଣ୍ଟରରେ ଏହାକୁ ଦିଆଯାଉ। ଚତୁର୍ଥତଃ ମନ୍ଦିର ମଧ୍ୟରେ ତାପମାତ୍ରା ହ୍ରାସ କରିବା ପାଇଁ ବିଭିନ୍ନ ସ୍ଥାନରେ ଯଥେଷ୍ଟ ଷ୍ଟାଣ୍ଡ ଏସି ଲଗାଇବାର ବ୍ୟବସ୍ଥା କରାଯାଉ। ପଞ୍ଚମତଃ କେବଳ ଭିତରକାଠ ପରିସରରେ ଭକ୍ତମାନଙ୍କୁ ବ୍ୟାରିକେଡ ମୁକ୍ତ କରାଯାଇ ଯଥାଶୀଘ୍ର ବାହାରକୁ ଯିବାପାଇଁ ବ୍ୟବସ୍ଥା ହେବା ଆବଶ୍ୟକ। ଷଷ୍ଠତଃ ପ୍ରତ୍ୟେକ ଦିନ ଦର୍ଶନ ବ୍ୟବସ୍ଥାର (ଉଭୟ ଭିତର କାଠ ଓ ବାହାର କାଠ) ସମୟ ସାରଣୀ ସ୍ୱାଧରଣ ଲୋକଙ୍କୁ ଅବଗତ କରାଯିବାର ବ୍ୟବସ୍ଥା ହେଉ ଏବଂ ଦର୍ଶନ ସମୟରେ ନର୍ଦ୍ଦିଷ୍ଟତା ଆଣିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଯତ୍ନଶୀଳ ହେବା ଦରକାର। ଦୂର ଦୂରାନ୍ତରୁ ଆସୁଥିବା ଭକ୍ତମାନଙ୍କ ପାଇଁ ଅନ୍‌ଲାଇନ୍ ଟିକେଟ୍ ବୁକିଂ କରିବାର ସୁବିଧା କରାଯାଇ ପାରେ। ଦର୍ଶନ କରାଇବା ଦାୟିତ୍ୱ ନିଭାଇବା ପାଇଁ ଆରକ୍ଷୀ ବାହିନୀ ସହିତ ନିର୍ଦ୍ଦିଷ୍ଟ ହାତଗଣତି ସେବାୟତ ମାନଙ୍କୁ ନିଯୁକ୍ତି କରାଯାଉ ଯାହାଦ୍ୱାରା ଭକ୍ତମାନଙ୍କର ମନ୍ଦିର ମଧ୍ୟରେ ପୂଜା କରିବାର ଭ୍ରମ ଦୂର ହୋଇପାରିବ। ଶ୍ରୀମନ୍ଦିର ମଧ୍ୟରେ ଉନ୍ନତମାନର ସିସିଟିଭି ଲଗାଇଯାଇ ତାହାକୁ ପ୍ରତିଦିନ ଟିକିନିଖି ଯାଞ୍ଚ କରି ରିପୋର୍ଟ ଦେବାପାଇଁ ବ୍ୟବସ୍ଥା ରହୁ। ଏସବୁ ପ୍ରସଙ୍ଗ ଉଣାଅଧିକ ପ୍ରାୟ ସମସ୍ତଙ୍କୁ ଜଣା। ତେବେ ଭିଡ ନିୟନ୍ତ୍ରଣ କେବେ ଆଉ କେମିତି ହେଉଛି ତାହା ସମୟ କହିବ।

ସୁବାଷ କୁମାର ତାରଣିଆଁ
ବାଲିକୁଦା, ଜଗତସିଂହପୁର
ମୋ-୮୩୨୮୮୪୦୨୧୪

# ଏତେ ସହାନୁଭୂତି କାହିଁକି

ହୋଲିଛୁଟି ପରେ ମୁଁ ଗାଁରୁ ବସ୍ ଯୋଗେ ଭୁବନେଶ୍ୱର ଫେରୁଥାଏ। ବସ୍ ଯେତେ ଆଗକୁ ଆଗକୁ ଗତି କରୁଥାଏ, ଯାତ୍ରୀମାନଙ୍କର ଭିଡ଼ ସେତେ ଜମୁଥାଏ। ଯେହେତୁ ହୋଲିଛୁଟିରେ ଅଧିକାଂଶ ଲୋକ ଗାଁକୁ ଯାଇଥିଲେ, ଛୁଟି ପରେ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ କର୍ମକ୍ଷେତ୍ରକୁ ଫେରୁଥିବାରୁ ବସ୍‌ରେ ଭିଡ଼ ହେବା ସ୍ୱାଭାବିକ। ବସ୍‌ଟି ତାର ଗନ୍ତବ୍ୟ ପଥରେ ଆଗେଇ ଚାଲିଥାଏ ଓ ଯାତ୍ରୀମାନେ ନିଜ ନିଜ ଭିତରେ କଥାବାର୍ତ୍ତାରେ ମାତି ଯାଇଥାନ୍ତି। ଏହି ସମୟରେ ହଠାତ ଗୋଟିଏ ଗାଈ ରାସ୍ତାମଝିକୁ ଚାଲିଆସିଲା। ଡ୍ରାଇଭର ଗାଈକୁ ବଞ୍ଚାଇବାକୁ ଯାଇ ହଠାତ୍ ବ୍ରେକ୍ ମାରିବାରୁ ବସ୍‌ରେ ଛିଡ଼ାହୋଇ ଯାତ୍ରା କରୁଥିବା ଜଣେ ଯୁବକ ନିୟନ୍ତ୍ରଣ ହରାଇ ପାଖରେ ଛିଡ଼ାହୋଇ ଯାତ୍ରା କରୁଥିବା ଜଣେ ଯୁବତୀଙ୍କ ସହ ପିଟି ହୋଇଯାଇଥିଲେ। ଏଥିରେ ଯୁବତୀଜଣ ରାଗିଯାଇ ଯୁବକଜଣଙ୍କୁ ଚାପୁଡ଼ା ପରେ ଚାପୁଡ଼ା ମାରି ଚାଲିଥିଲେ। ବସ୍‌ଟି ହଠାତ୍ ଅଟକିଯିବାରୁ ମୁଁ ନିୟନ୍ତ୍ରଣ ହରାଇ ଆପଣଙ୍କ ସହ ପିଟି ହୋଇଗଲି ଯୁବକ ଜଣକ କହିବାରୁ, ଯୁବତୀ ଜଣକ ପୂର୍ବଭଳି ଯୁବକଜଣଙ୍କୁ ଚାପୁଡ଼ା ମାରି ଚାଲିଥିଲେ ଏବଂ ଜାଣିଶୁଣି ମୋ ଦେହରେ ବାଜିଲୁ, ଏଥିପାଇଁ ତୋତେ ଭୁଲ ମାଗିବାକୁ ପଡ଼ିବ ବୋଲି ଯୁବକଙ୍କୁ ଧମକ ଦେଲେ। ଯୁବକ ଜଣକ ବାରମ୍ବାର ବୁଝାଇବାକୁ ଚେଷ୍ଟା କରୁଥିଲେ ମଧ୍ୟ ଯୁବତୀଙ୍କ ରାଗ ଶାନ୍ତ ହୋଇନଥିଲା। ବରଂ ଯୁବତୀଙ୍କୁ ସହାନୁଭୂତି ଦେଖାଇ ବସ୍‌ରେ ଥିବା ଅଧିକାଂଶ ଯାତ୍ରୀ ଯୁବକଙ୍କୁ ଭୁଲ୍ ମାଗିବାକୁ ବାଧ କରିଥିଲେ। ଶେଷରେ ଯୁବକ ଜଣକ ଯୁବତୀଙ୍କୁ ଭୁଲ୍ ମାଗିଥିଲେ ଓ ଏହା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

୨୨ ଜୁଲାଇ, ୨୦୨୦ ମସିହା ସମୟ ପାଖାପାଖି ସନ୍ଧ୍ୟା ୫ ଘଟିକା। ଜଣେ ବରିଷ୍ଠ ନାଗରିକ ଭୁବନେଶ୍ୱରର ରସୁଲଗଡ଼ ଛକରେ ତାଙ୍କର ଜଣେ ବନ୍ଧୁଙ୍କୁ ଅପେକ୍ଷା କରିଥିଲେ। ଏହି ସମୟରେ ଦୁଇଜଣ ଯୁବତୀ ଗୋଟେ ସ୍କୁଟିରେ କଟକ ରୋଡ଼ରୁ ରସୁଲଗଡ଼ ଅଭିମୁଖେ ଆସୁଥିଲେ। ସ୍କୁଟି ଚଳାଉଥିବା ଯୁବତୀ ମୋବାଇଲରେ କଥା ହେଉଥିଲେ ଏବଂ ଅନ୍ୟମନସ୍କ ହୋଇ ବରିଷ୍ଠ ନାଗରିକଙ୍କୁ ଧକ୍କା ଦେଇଥିଲେ। ଫଳରେ ସେ ତଳେ ପଡ଼ିଯାଇଥିଲେ, ତାଙ୍କର ମୁଣ୍ଡ ଓ ପିଠିରେ ଗଭୀର କ୍ଷତ ଲାଗିଥିଲା। ଅବଶ୍ୟ ଧକା ଦେଇଥିବା ଯୁବତୀ ଦ୍ୱୟଙ୍କ କୌଣସି କ୍ଷତି ହୋଇନଥିଲା, କିନ୍ତୁ ସ୍କୁଟିଟି ସାମାନ୍ୟ ଭାଙ୍ଗିରୁଜି ଯାଇଥିଲା। କିଛି ସମୟ ପରେ ସେଠାରେ ଲୋକମାନେ ରୁଣ୍ଡ ହୋଇଯାଇଥିଲେ। ସେଠାରେ ଉପସ୍ଥିତ ଥିବା କିଛି ଲୋକ ଯନ୍ତ୍ରଣାରେ ଛଟପଟ ହେଉଥିବା ବରିଷ୍ଠ ନାଗରିକଙ୍କୁ ଚିକିତ୍ସା ପାଇଁ ଡ଼ାକ୍ତରଖାନା ନେବା ବଦଳରେ, ତାଙ୍କୁ ବହେ ଗାଳି ଗୁଲଜ କରିଥିଲେ ଓ ଯୁବତୀଙ୍କ ଭଙ୍ଗା ସ୍କୁଟିକୁ ପାଖରେ ଥିବା ଏକ ଗ୍ୟାରେଜକୁ ଯାଇ ମରାମତି କରିଥିଲେ।

ମହାମାରୀ କରୋନା କାଳରେ ଯେତେବେଳେ ସାରା ରାଜଧାନୀରେ ସଟଡ଼ାଉନ ଜାରି ହୋଇଥିଲା, ସେହି ସମୟରେ ଜଣେ ମହିଳା ଅନଲାଇନ ମାଧ୍ୟମରେ ଭୁବନେଶ୍ୱରର ଏକ ହୋଟେଲରୁ ଖାଦ୍ୟ ମଗାଇଥିଲେ। ଡ଼େଲିଭରି ଯୁବକ ହୋଟେଲରୁ ଖାଦ୍ୟ ନେଇ ମହିଳାଙ୍କ ଘରକୁ ଯାଉଥିବା ସମୟରେ ତାଙ୍କ ଗାଡ଼ିରୁ ପେଟ୍ରୋଲ ସରିଯାଇଥିଲା ଯେଉଁଥି ପାଇଁ ନିର୍ଦ୍ଧାରିତ ସମୟ ଠାରୁ ସାମାନ୍ୟ ବିଳମ୍ବରେ ମହିଳାଙ୍କ ନିକଟରେ ଖାଦ୍ୟ ପହଞ୍ଚାଇଥିଲେ। ଏଥିରେ ମହିଳା ଜଣଙ୍କ ରାଗିଯାଇ ଡ଼େଲିଭରି ଯୁବକଙ୍କୁ ଗାଳିଗୁଲଜ କରିଥିଲେ। ଡ଼େଲିଭରି ଯୁବକ ବିଳମ୍ବର କାରଣ ପାଇଁ କ୍ଷମା ମାଗିଥିଲେ ମଧ୍ୟ, ତାଙ୍କର ପାରିଶ୍ରମିକ ଦେବାକୁ ରୋକଠୋକ ମନା କରିଦେଇଥିଲେ। ଯେଉଁଥି ପାଇଁ ଉଭୟ ଡ଼େଲିଭରୀ ଯୁବକ ଓ ମହିଳାଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏହା ପରେ ମହିଳା ଜଣକ ଉତ୍‌କ୍ଷିପ୍ତ ହୋଇ ଡ଼େଲିଭରି ଯୁବକଙ୍କୁ ଚପଲରେ ପିଟିଥିଲେ। ଏହି ସମୟରେ ସ୍ଥାନୀୟ ଲୋକମାନେ ସେଠାରେ ଜମା ହୋଇଯାଇଥିଲେ ଏବଂ ଘଟଣା କଣ ବୁଝିବା ଆଗରୁ ଯୁବକଙ୍କୁ ଘେରିଯାଇ ଆକ୍ରମଣ କରିଥିଲେ। ଏଥିରେ ଯୁବକ ଜଣକ ଗଭୀର ଆଘାତ ପାଇଥିଲେ ଏବଂ ନିଜର ପାରିଶ୍ରମିକ ନପାଇ ନିରାଶ ହୋଇ ଫେରିଥିଲେ।

୨୦୨୦ ମସିହା ମାର୍ଚ୍ଚ ମାସ ୧୫ ତାରିଖ ସନ୍ଧ୍ୟା ୭ଟା ସମୟରେ ଜଣେ ଯୁବତୀ ତାଙ୍କର ପୁରୁଷ ବନ୍ଧୁଙ୍କ ସହ ନିଜ କାର୍ ଯୋଗେ ଜୟଦେବ ବିହାରରୁ ଡମଣା ଛକ ଅଭିମୁଖେ ଯାଉଥିଲେ। ସନ୍ଧ୍ୟା ସମୟରେ ଗହଳି ଥିବାରୁ ରାସ୍ତାରେ ଗାଡ଼ିଗୁଡ଼ିକ ଅଟକି ରହିଥିଲା। ଯୁବତୀଙ୍କ କାର୍ ପଛେ ପଛେ ଆସୁଥିବା ଜଣେ ବାଇକ୍ ଚାଳକ ଆଗକୁ ଯିବା ପାଇଁ ବାରମ୍ବାର ହର୍ଣ୍ଣ ମାରିବାରୁ ଯୁବତୀଙ୍କ ମୁଣ୍ଡକୁ ପିତ୍ତ ଚଢ଼ି ଯାଇଥିଲା। ସେ କାର୍‌ରୁ ଓହ୍ଲାଇ ଆସି ବାଇକ ଚାଳକଙ୍କୁ ପିଟି ଚାଲିଥିଲେ। ଏଥିରେ ସହଯୋଗ କରିଥିଲେ ତାଙ୍କର ପୁରୁଷ ବନ୍ଧୁ। ଏହି ଦୃଶ୍ୟକୁ ସେଠାକାର ଲୋକମାନେ ଉପଭୋଗ କରୁଥିଲେ ଓ ନିଜ ମୋବାଇଲେ ଫଟୋ ଉତ୍ତୋଳନ କରିବାରେ ମାତି ଯାଇଥିଲେ, କିନ୍ତୁ ଯୁବତୀଙ୍କୁ ଅକ୍ରୋଶରୁ ବାଇକ ଚାଳକଙ୍କୁ ଉଦ୍ଧାର କରିବା ପାଇଁ କେହି ପ୍ରୟାସ କରିନଥିଲେ। ବରଂ ଅପେକ୍ଷା କରିଥିଲେ ବାଇକ ଚାଳକ ଯଦି ଯୁବତୀଙ୍କୁ ପାଲଟା ଅକ୍ରମଣ କରନ୍ତି ତେବେ ସ୍ଥାନୀୟ ଲୋକମାନେ ତାଙ୍କୁ ବହେ ଉତ୍ତମ ମଧ୍ୟମ ଦେବା ସହ ପିସିଆରକୁ ଡ଼କାଇ ଥାନାକୁ ପଠାଇ ଦେଇଥାନ୍ତେ।

୨୦୨୨ ମସିହା ମଇ ମାସ ୧୧ ତାରିଖ ଦିନ ଜଣେ ଯୁବତୀଙ୍କ ହାଇଡ୍ରାମ ଦେଖିବାକୁ ମିଳିଥିଲା। ଯୁବତୀ ଜଣଙ୍କ ହାତରେ କିରୋସିନୀ ବୋତଲ ଧରି ଆତ୍ମହତ୍ୟା କରିବାକୁ ଧମକ ଦେବା ସହ ଜଣେ ଯୁବକଙ୍କୁ ଗାଳିଗୁଲଜ କରୁଥାନ୍ତି। ତାଙ୍କର ଏହି ଡ୍ରାମା ଦେଖିବାକୁ ସେଠାରେ ଲୋକଙ୍କ ଗହଳି ହୋଇଯାଇଥିଲା। ପରେ ଜଣାପଡ଼ିଥିଲା ଯୁବତୀ ଜଣକ ୯ ବର୍ଷ ପୂର୍ବରୁ କେନ୍ଦୁଝର ଜିଲ୍ଲାର ଜନୈକ ଯୁବକଙ୍କୁ ବିବାହ କରିଥିଲେ। ତାଙ୍କ ସ୍ୱାମୀ ଏକ ଗାଡ଼ି ଦୁର୍ଘଟଣାର ଶିକାର ହୋଇ ଡ଼ାକ୍ତର ଖାନାରେ ଚିକିତ୍ସିତ ହେଉଥିବା ବେଳେ, ଡ଼ାକ୍ତରଖାନାରେ ସ୍ୱାମୀଙ୍କୁ ଛାଡ଼ି ଜଣେ ଯୁବକ ସହିତ ଫେରାର ହୋଇଯାଇଥିଲେ। ଉଭୟେ କିଛିଦିନ ଏକାଠି ରହିବା ପରେ ଯେତେବେଳେ ଜାଣିଲେ ଯୁବତୀ ଜଣକ ବିବାହିତ ଏବଂ ତାଙ୍କର ୯ ବର୍ଷ ପୁତ୍ରଟିଏ ଅଛି, ସେତେବେଳେ ଯୁବକ ଜଣଙ୍କ ତାଙ୍କୁ ଘରୁ ବିଦା କରିଦେଇଥିଲେ। ଏହାପରେ ଯୁବତୀ ଜଣକ ନ୍ୟାୟ ପାଇଁ ଯୁବକଙ୍କ ବିରୁଦ୍ଧରେ ଥାନାରେ ଏତଲା ଦେଇ, ରାସ୍ତାରେ ଏଭଳି ନାଟକବାଜି କରୁଥିଲେ।

ପାରିବାରିକ ହେଉ ବା ସାମାଜିକ କ୍ଷେତ୍ରରେ, ଯଦି ପୁରୁଷଟିଏ ମହିଳାମାନଙ୍କ ଦ୍ୱାରା ନିର୍ଯାତନାର ଶିକାର ହୁଏ, ତେବେ ଆଇନ ବା ସମାଜ ସେସବୁ ଦେଖିପାରେନା। ଆଇନ୍‌ରେ କେବଳ ପୁରୁଷଙ୍କୁ ଦଣ୍ଡବିଧାନ କରିବାର ବ୍ୟବସ୍ଥା ରହିଛି, କିନ୍ତୁ ପୁରୁଷମାନଙ୍କୁ ସମର୍ଥନ କଲାଭଳି କୌଣସି ଅନୁଷ୍ଠାନ ଏପର୍ଯ୍ୟନ୍ତ ଗଠନ ହୋଇପାରି ନାହିଁ କିମ୍ବା କୌଣସି ବ୍ୟକ୍ତିବିଶେଷ ଆଗେଇ ଆସିନାହାଁନ୍ତି। ଏହିସବୁ ଘଟଣାର ପ୍ରତିବାଦ କରିବାର ସାମର୍ଥ୍ୟ ଥିଲେ ମଧ୍ୟ ଆତ୍ମସମ୍ମାନ ଭୟରେ ପୁରୁଷମାନେ ସାହସ କରିପାରନ୍ତି ନାହିଁ। କାରଣ ସେ ଭଲଭାବେ ଜାଣିଛି ଯେ, ଏଭଳି ଘଟଣାର ପ୍ରତିବାଦ କଲେ, କାଲି ତାକୁ ଜେଲ୍‌ର ଚାରିକାନ୍ଥ ଭିତରେ ବନ୍ଦୀ ଜୀବନ ବିତାଇବାକୁ ପଡ଼ିବ, ଘରୋଇ ହିଂସାରେ ଅଭିଯୁକ୍ତ ଭାବେ କାଠଗଡ଼ାରେ ଛିଡ଼ା ହେବାକୁ ପଡ଼ିବ। ହେଲେ ମହିଳାଟିଏ ଯଦି ପୁରୁଷ ଦ୍ୱାରା ନିର୍ଯାତନା ଶିକାର ହୁଏ, ତେବେ ସଙ୍ଗେ ସଙ୍ଗେ ମହିଳା କମିଶନରେ କେସ୍ କରି ପୁରୁଷଟିକୁ ଜେଲର ଚାରିକାନ୍ଥ ମଧ୍ୟରେ ଭର୍ତ୍ତି କରିବାକୁ ବେଶିଦିନ ଲାଗେନି। ଏଥିପାଇଁ ବହୁ ଅନୁଷ୍ଠାନ ଓ ସ୍ୱେଚ୍ଛାସେବୀ ସଂଗଠନ ମହିଳାଙ୍କୁ ସହାନୁଭୂତି ଦେଖାଇ ପୁରୁଷଟିକୁ ବର୍ଷ ବର୍ଷ ଧରି ଜେଲ୍‌ରେ ରହିବା ପାଇଁ ରାସ୍ତା ତିଆରି କରିଥାନ୍ତି। ଏ ବିଷୟରେ ବୁଦ୍ଧିଜୀବୀ, ଚିନ୍ତାଶୀଳ ବ୍ୟକ୍ତି, ସାମାଜିକ ସଂଗଠନ ଏବଂ ସର୍ବୋପରି ରାଜ୍ୟ ସରକାର ଚିନ୍ତା କରିବା ସହିତ ଦୃଢ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି। ନଚେତ୍ ସମୟ ଆସିବ ମହିଳାମାନଙ୍କ ଭଳି ପୁରୁଷମାନେ ଦିନେ ନ୍ୟାୟ ପାଇବା ପାଇଁ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ



# ମାଙ୍କଡ଼ ଛୁଆ ଟିମ୍ପୁ

**ସନ୍ତୋଷ କୁମାର ଅଦାବର**

ଗୋଟିଏ ବିରାଟକାୟ ଝଙ୍କାଳିଆ ବରଗଛରେ ମାଙ୍କଡ଼ଟିଏ ତା'ର ଛୁଆ ସହ ରହୁଥିଲା । ମାଆ ପୁଅ ବେଶ ଖୁସିରେ ରହୁଥାନ୍ତି । ମାଆ ଖୁସିରେ ତା'ର ନାମ ଦେଇଥାଏ ଟିମ୍ପୁ । ଟିମ୍ପୁକୁ ମାଆ ମାଙ୍କଡ଼ଟି ଡେଇଁବା, ଗଛକୁ ଚଢ଼ିବା, କୁଦା ମାରିବା ଠାରୁ ଆରମ୍ଭ କରି ଡାଳରୁ ଡାଳକୁ ଡେଇଁବା ଶିଖେଇ ଦେଇଛି । ମାଆ ପୁଅ ମିଶିକି ନିଜ ନିଜର ଖାଇବା ସଂଗ୍ରହ କରି ଖାଇଥା'ନ୍ତି । ଟିମ୍ପୁ ବେଳେ ବେଳେ ମାଆ ସାଙ୍ଗରେ ଅଳି ଅଝଟ କରି ଲାଗିଥାଏ । ମାଆ ମାଙ୍କଡ଼ଟି ପୁଅକୁ ସବୁବେଳେ ଠିକ୍ ଉପଦେଶ ଦେଇ ଭଲ ରାସ୍ତାକୁ ଆଣିବାକୁ ଚେଷ୍ଟାକରେ । ସେହି ବିରାଟକାୟ ବରଗଛରେ ରହୁଥା'ନ୍ତି ଆହୁରି କିଛି ମାଙ୍କଡ଼ । ସେ ମାଙ୍କଡ଼ମାନଙ୍କ ମଧ୍ୟରେ ଥାଏ ଆଉ ଗୋଟିଏ ସୁନ୍ଦର ଶିଶୁ ମାଙ୍କଡ । ତା'ର ମାଆ ତାକୁ ସବୁବେଳେ ପାଖେ ପାଖେ ରଖିଥାଏ । କାରଣ ଶିଶୁ ମାଙ୍କଡ଼ଟି ତାଙ୍କ ମାଙ୍କଡ଼ ଜାତିର ଡିଆଁଡେଇଁ ଆଦି ବିଷୟରେ ସେତେ କିଛି ଜାଣିନଥାଏ । ଦିନେ ସେ ବରଗଛର ଗୋଟିଏ ଡାଳ ଉପରକୁ ଚଢ଼ିବାକୁ ବାରମ୍ବାର ଚେଷ୍ଟା କରୁଥାଏ, କିନ୍ତୁ ଖସି ପଡୁଥାଏ । ଏହା ଦେଖି ଟିମ୍ପୁ ଜୋର୍‌ରେ ହସୁଥାଏ । ଟିମ୍ପୁର ହସର କାରଣ ତା ମାଆ ପଚାରିବାରୁ ଟିମ୍ପୁ କହିଲା- ଦେଖ ମାଆ ସେ ଛୁଆ ମାଙ୍କଡ଼ଟି ମୋଭଳି ଉପରକୁ ଚଢ଼ି ପାରୁନାହିଁ ହାଃ...ହାଃ...ହାଃ...!! ଏହା ଶୁଣି ତା' ମାଆ ଟିମ୍ପୁକୁ କହିଲା- ସେ ଛୁଆ ମାଙ୍କଡ଼ଟି ଛୋଟ ଅଛି । ଧିରେ ଧିରେ ବଡ଼ ହେଲେ ସେ ଡେଇଁବା, କୁଦିବା, ଚଢ଼ିବା ଶିଖି ଜାଣିପାରିବ । ତୁ ମଧ୍ୟ ତା'ରି ବୟସର ଥିଲାବେଳେ ଚଢ଼ିପାରୁନଥିଲୁ । ଏସବୁ ଶୁଣିଲା ପରେ ବି ଟିମ୍ପୁକୁ ହସ ମାଡୁଥାଏ । କିଛିଦିନ ପରେ ଛୁଆ ମାଙ୍କଡ଼ଟି ଡେଇଁବା, କୁଦିବା, ଚଢ଼ିବା ଆଦି ଜାଣିପାରିଲା । ଦିନେ ଟିମ୍ପୁ ସେହି ମାଙ୍କଡ଼ ଛୁଆ ସହ ଖେଳୁଥାଏ । ଉଭୟଙ୍କର ମାଆ ତାଙ୍କର ପାଖରେ ନଥା'ନ୍ତି । ଏହି ସମୟରେ ଏକ ଭୟଙ୍କର ଶବ୍ଦ ହୋଇ ବରଗଛର ଗୋଟିଏ ଡାଳ ଭାଙ୍ଗି ପଡ଼ିଲା । ଟିମ୍ପୁ ଏବଂ ସେ ମାଙ୍କଡ଼ ଛୁଆ ଦୁହେଁ ଭୟରେ ସେ ବରଗଛରେ ଥିବା ଏକ କୋରଡ଼କୁ ପଶି ଯିବାକୁ ଚେଷ୍ଟାକଲେ । ଗଛ କୋରଡ଼ଟିର ଛୋଟ ବାଟ ହୋଇଥିବାରୁ ଟିମ୍ପୁ ପଶି ପାରିଲାନାହିଁ । କିଛି ବିଶେଷ ଘଟଣା ନଥିବା ଜାଣି କିଛି ସମୟ ପରେ ଟିମ୍ପୁ ସେ ମାଙ୍କଡ଼ ଛୁଆଟିକୁ କୋରଡ଼ରୁ ବାହାରି ଆସିବାକୁ କହିଲା । ମାଙ୍କଡ଼ ଛୁଆଟି ସେ ଭିତରୁ ବାହାରି ଆସିଲା ଏବଂ ସେ ଦୁହେଁ ପୁଣି ଖେଳରେ ମାତିଲେ ।

କିଛି ସମୟ ପରେ ଟିମ୍ପୁର ମାଆ ଫେରିବା ପରେ ଟିମ୍ପୁ ସେ ଦିନର ସବୁ ଘଟଣା କହିଲା । ତା' ମାଆକୁ ସେ ଗଛ କୋରଡ଼କୁ ପଶି ପାରିଲାନି ବୋଲି କହିବାରୁ ମାଆ ବୁଝାଇଦେଲା- ବୁଝିଲୁ ଟିମ୍ପୁ, ତୁ ସେଦିନ ସେ ମାଙ୍କଡ଼ ଛୁଆକୁ ଉପରକୁ ଚଢ଼ିପାରୁନି ବୋଲି ହସୁଥିଲୁ; କିନ୍ତୁ ତୁ ନିଜେ ଆଜି ସେ ଗଛ କୋରଡ଼କୁ ପଶିପାରିଲୁନାହିଁ । ସେ ଛୋଟ ଥିବାରୁ ଛୋଟିଆ ବାଟରେ ପଶି ପାରିଲା । ଯେଉଁ କାମ ଜଣକ ଦ୍ୱାରା ହୁଏ, ସେ କାମ ହୁଏତ ଆଉ କାହା ଦ୍ୱାରା ହୋଇନପାରେ । ଆମେ ଯେଉଁ କାମ କରିନପାରୁ, ତାକୁ ଆଉ ଜଣେ ଅକ୍ଳେଶରେ କରିପାରେ । ଆଉ ଗୋଟିଏ କଥା, ନିଜଠୁ ବୟସରେ ସାନ ମାନଙ୍କୁ 'ଜାଣୁନି ପାରୁନି' କହି ହସିବା ଅନୁଚିତ । କାରଣ ଆମଠୁ ଯେଉଁମାନେ ବଡ଼ ସେମାନେ ଆମଠାରୁ ଅଧିକ ଦକ୍ଷ ଥାଆନ୍ତି । ଏଣୁ ସାନ ମାନଙ୍କୁ ସ୍ନେହ କରି ଶିଖାଅ ଏବଂ ବଡ଼ ମାନଙ୍କୁ ସମ୍ମାନ ଦେଇ ତାଙ୍କ ଠାରୁ ଭଲ ଜିନିଷ ଶିଖ । ଏସବୁ ଶୁଣି ସାରିବା ପରେ ଟିମ୍ପୁ ସବୁ ବୁଝି ପାରିବା ଢଙ୍ଗରେ ମୁରୁକି ହସି ମୁଣ୍ଡ ହଲାଇଲା ଏବଂ ହୁଃ ହୁଃ ଶବ୍ଦ କରି ମାଙ୍କଡ଼ ଛୁଆ ସହ ଖେଳିବା ପାଇଁ ତା' ପାଖକୁ ଗଲା ।

*ବୀରମହାରାଜପୁର, ସୁବର୍ଣ୍ଣପୁର*
*ମୋ-୯୭୭୭୯୧୦୭୨୮*



# ଅଣସର ଘରେ ଠାକୁର

**ସୁଧାକର ରାଉତ**

ଆଷାଢ଼ର ଶୁକ୍ଳ ଅଷ୍ଟମୀ ତିଥିରେ
ସିନାନ ମଣ୍ଡପେ ଆସି
ସୁନା କୂପର ସୁବାସିତ ଜଳରେ
ଗାଧୋଇଲ ହସି ହସି
ଜୁଡୁସୁଡୁ ହୋଇ ଗଧୋଇଲ ଭୁଲି
ଯାଇ ପରିଣାମ କଥା
ଖଇଫୁଟା ଜ୍ୱରରେ ଆକ୍ରାନ୍ତ ହୋଇ
ଭୋଗିବଟି କେତେ ବ୍ୟଥା
ବ୍ରହ୍ମାଣ୍ଡ ଠାକୁର ହୋଇ ପୁଣି କିଆଁ
ଏଡ଼େ ଅମାନିଆ ହେଲ
ଭକତ ଭାବରେ ଭୋଳ ହୋଇ ପ୍ରଭୁ
ନିଜ କଷ୍ଟ ଭୁଲି ଗଲ
ଗୁପତ ସେବାରେ ଲାଗିବେ ବଇଦେ
ଏବେ ଅଣସର ଘରେ
ପଞ୍ଚଦଶ ଦିନ ନାନା ପଥ୍ୟ ଖାଇ
ସୁସ୍ଥ ହେବ ଧୀରେ ଧୀରେ
ରତ୍ନସିଂହାସନ ପଡ଼ିଯିବ ଶୂନ୍ୟ
ପଟିଦିଅଁ ତୁମ ସ୍ଥାନେ
ପୂଜା ପାଇଲେ ବି ଭକତେ ତୁମକୁ
ଝୁରୁଥିବେ ମନେ ମନେ
ସଂପୂର୍ଣ୍ଣ ଆରୋଗ୍ୟ ଲାଭ କଲା ପରେ
ନବ ଯଉବନ ବେଶେ
ଦରଶନ ଦେଇ ତୋଷିବ ଭକତେ
ରଥେ ବିଜେ ହେବା ଆଶେ
ତୁମ ଲୀଳା ପ୍ରଭୁ ତୁମକୁ ଗୋଚର
ଆମେ ତ କୋମଳମତି
ଦୟାପରବଶ ହୋଇଲେ ଠାକୁର
ରଖିବୁଟି ଯଶ ଖ୍ୟାତି ।

*ପ୍ରତାପ ନଗରୀ, କଟକ*
*ମୋ- ୮୨୪୯୯୩୨୭୯୨*

# ସଂସାରେ କରିବ ନାଁ

**ଗୋପୀନାଥ ଦାଶ**

ଛୋଟ ପିଲା ତୁମେ ବଡ ହେବ ଦିନେ
ସଂସାରେ କରିବ ନାଁ
ତୁମରି ହାତରେ ଦେଶ ଭବିଷ୍ୟତ
ତୁମକୁ ଚାହିଁଛି ମା
ସାନକଡ଼ି ଦିନେ ବଡ ହୋଇ ତେଣେ
ବିତରି ଯାଏ ବାସ
ଜନମ ମରଣ ସ୍ୱାଗତ କାମରେ
ମନ୍ଦିରେ କରଇ ବାସ
ବାଛୁରୀଟିଏ ବଡ ହୋଇ ଦିନେ
ଗୋମାତାଟିଏ ହୁଏ
ଅମୃତ ସମାନ ଗୋରସ ଦେଇଣ
ସମାଜକୁ ସୁସ୍ଥ ରଖେ
ଚାରାଟିଏ ପୁଣି ବଡ ହୋଇ ଯେବେ
ବିଶାଳ ଦ୍ରୁମ ହୁଏ
ଫଳ ଛାୟା ଦେଇ ପୃଥିବୀ ପୃଷ୍ଠରେ
ଆଶ୍ରୟ ପ୍ରଦାନ କରେ
ଛୋଟ ଧାରଟିଏ ବହି ଆସେ ଯେବେ
ପାହାଡର କୋଳ ଚିରି
ବଡ ହୋଇ ସିଏ ସ୍ରୋତସ୍ୱିନୀ ହୋଇ
ସବୁଜିମା ଦିଏ ଭରି
ମନଦେଇ ପିଲାଏ ପାଠ ପଢିବ
ବଡ଼ଲୋକ ତୁମେ ହେବ
ଶିକ୍ଷିତ ସମାଜ ଗଠନ କରିବ
ରାଷ୍ଟ୍ରର ବିକାଶ ହେବ ।

*ବରପାଲିପଡ଼ା, ବଲାଙ୍ଗିର*
*ମୋ-୬୩୭୧୮୦୫୦୭୦*



# ରଥରେ ଜଗାକୁ ଦେଖି ଆସିବା

**ସୁରମା ମିଶ୍ର**



ଝୁମୁରି ନାନୀଲୋ ଝୁମୁରି ନାନୀ
ପିଇବାକୁ ମନ ଟଙ୍କତୋରାଣି
ଭାରି ଗୁଲୁଗୁଲି ଏବେ ହେଉଛି
ଦିନରାତି ଅସ୍ତବ୍ୟସ୍ତ ଲାଗୁଛି

ଅସହ୍ୟ ଗରମ ସହି ନପାରି
ଜଗା ଗଧୋଇଲା ବହୁତ ବାରି
ଏବେତ ଜଗାକୁ ଜର ହୋଇଛି
ଅଣସର ଘରେ ଶୋଇ ପଡ଼ିଛି

ସେବାୟତ ମାନେ ତତ୍ପର ହୋଇ
ଜଗାର ସେବା କରନ୍ତି ଯାଇ
ନାନା ଜଡ଼ିବୁଟି ଓଷଦ ଖାଇ
ଦେହରୁ ଜରଟା ଯିବ ଓହ୍ଲାଇ

ଫୁଲୁରି ତେଲ ଦେହେ ଲଗାଇ
ଜଗାକୁ ସତେଜ କରିବେ ସେହି
ନୀତିକାନ୍ତି କିଛି ହେଉନି ଆଉ
ଟଙ୍କତୋରାଣି ମୁଁ ପାଇବି କାହୁଁ

ରତ୍ନ ସିଂହାସନ ଖାଲି ପଡ଼ିଛି
କୋଳାହଳ ଆଉ ଶୁଭୁନି କିଛି
ତଥାପି ଆଲୋ ପୁରୀକୁ ଯିବା
ଶ୍ରୀମନ୍ଦିର ପରିକ୍ରମା କରିବା

ବାହାରୁ ଜଗାକୁ ମୁଣ୍ଡିଆ ମାରି
ସମୁଦ୍ରକୂଳକୁ ଯିବା ବାହାରି
ସୁଲୁସୁଲୁ ସୁଲୁ ଥଣ୍ଡା ପବନ
ବୋଳିଦେବ ଆମ ଦେହେ ଚନ୍ଦନ

ସବୁ ଅବସାଦ ଦୂର ହୋଇବ
ଖୁସିରେ ମନଟା ନାଚି ଉଠିବ
ଜଗାର ହାତଟି ଯା'ମୁଣ୍ଡେ ଥିବ
ସିଏତ ଜଗତ ଜିତା ହୋଇବ

ମଥାରେ ଜଗାର ଆଶିଷ ନେଇ
ଫେରିବା ଲୋ ଆମେ ଉଷତ ହୋଇ
ଶ୍ରୀଗୁଣ୍ଡିଚା ଦିନ ଯିବାଲୋ ଯିବା
ରଥରେ ଜଗାକୁ ଦେଖି ଆସିବା ।

*ବିଏଲ-୩୯, ଭିଏସଏସ ନଗର, ଭୁବନେଶ୍ୱର*
*ମୋ- ୯୮୫୩୩୪୩୯୬୫*

# ଆଣିଛି ଜାମୁକୋଳି

**ମହେନ୍ଦ୍ର କୁମାର ଘଡ଼େଇ**



ଅତି ଯତନେ ବାଡ଼ିରୁ ମୋର
ଆଣିଛି ହାତେ ତୋଳି
ବଡ଼ ରସାଳ ବଡ଼ ସୁଆଦ
ନିଅ ହେ ଜାମୁକୋଳି
ଗଛ ଡାଳରେ ପେନ୍ଥାକୁ ପେନ୍ଥା
ନେଉଛି ମନ କିଣି
ଖାଇଛି ଯିଏ ପାରିଛି ସିଏ
ରୋଗର ଗଡ଼ ଜିଣି
କଳା କଷରା ବାଇଗଣିଆ
ହେଉ ତା' ପଛେ ରଙ୍ଗ
ବଡ଼ ବାଗରେ ଦେହରୁ ରୋଗ
କରଇ ସିଏ ଭଙ୍ଗ
ପେଟକୁ ସଫା ମୁହଁକୁ ତୋଫା
ଚିକଣ କଳା କେଶ
କାଛୁ କୁଣ୍ଡିଆ ମଧୁମେହକୁ
ଦେହରୁ କରେ ଶେଷ
ପତର ଫୁଲ ଫଳ ବକଳ
ମଞ୍ଜିର ଉପକାର
ଦେଇଛି ବୋଲି ଭାରି ଆଦର
ମରତେ ଅଛି ତା'ର
ରୂପ ରଙ୍ଗକୁ ନେଇ ମନରେ
ଗରବ କର ନାହିଁ
ପର ସେବାକୁ ଶିଖିବା ରଖ
ଜାମୁ ପାଖରୁ ନେଇ
ଧନ ଜୀବନ ମାନ ମହତ
ଅଳିକ ଧରା ପରେ
ଆସନ ତା'ର ଉପରେ ଯିଏ
ମାନବ ସେବା କରେ ।

*କ୍ଷେତ୍ରମୋହନ ବିଦ୍ୟାପୀଠ, କଟରପଡ଼ା, ପିଠାପଡ଼ା, ନିଶ୍ଚିନ୍ତକୋଇଲି, କଟକ*
*ମୋ- ୯୪୩୭୭୪୦୫୬୬*

# ମାଆ ପାଇଁ ଗଛଟିଏ

**ନୀଳମଣି ଚନ୍ଦ**



ମମତାମୟୀ ସେ ନାଆଁଟି ମାଆ
ମନ ଜାଣି ସବୁ ଦିଅନ୍ତି ଆହା
ବୁଝେଇ ଦିଅନ୍ତି କରିଲେ ଅଳି
କୁହ କିଏ ହେବ ମାଆର ଭଳି

ସହିବା ଶକତି ମାଟିର ପରି
ଆମ ଦୁଃଖେ ଲୁହ ଯାଏ ଯା ଝରି
ଆହା କି ମଧୁର ମାଆର କଥା
ଆପେ ନଇଁଯାଏ ତା' ଆଗେ ମଥା

ଏତେ ସବୁ କରେ ସେ ଆମ ପାଇଁ
ସତରେ ମାଆର ତୁଳନା ନାଇଁ
କହିଛନ୍ତି ଆମ ଶାସନ ମୁଖ୍ୟ
ପୂରଣ କରିବା ଗୋଟିଏ ଲକ୍ଷ୍ୟ

ଚାରାଟିଏ ଆଣି ଲଗେଇ ଦେବା
ବଡ଼ କରିବାକୁ ଯତନ ନେବା
କରିବରେ ସେ କେତେ ଉପକାର
ଗଛଟିଏ ଆମକୁ ଦରକାର

ଲଗାଅ ମାଆ ପାଇଁ ଗଛଟିଏ
ଦେଖ ବେଶୀ ଖୁସି ହୋଇବ ସିଏ
ତାଲାଗି କରିବା ଗୋଟିଏ କାମ
ସେ ମହତ କାମ ହୋଇବ ଆମ ।

*ଭୁବନେଶ୍ୱର*
*ମୋ- ୯୫୮୩୨୦୨୩୫୭*

# ଏହି ଅଳି ଜଗନ୍ନାଥ

**ଅନନ୍ତ କୁମାର ସେନାପତି**

ଷାଠିଏ ପଉଟି ଛାଡ଼ି ଆସ ପ୍ରଭୁ
ଭାଇ ଭଉଣୀଙ୍କୁ ଧରି,
ସଜ୍ଜା ହୋଇଥାଏ ଦାଣ୍ଡେ ତିନି ରଥ
ଭକତ ଦେଖିବେ ବୋଲି
ଖରା ହେଉ ଅବା ବରଷା ଅଜାଡୁ
ନ ଥାଏ କାହା ଖାତିର,
ବରଷକେ ଥରେ ସେ ରଥ ଟାଣିଲେ
ଦୁଃଖ ଯାଏ ସବୁ ହରି
ମୁଁ ଟିକି ଶିଶୁଟେ ମୋ ମନ ଦାଣ୍ଡରେ
ଆଙ୍କିଛି ତୁମରି ରଥ,
ବେଳ ଦେଖି ଟିକେ ମୋ ରଥେ ଆସିବ
ଏହି ଅଳି ଜଗନ୍ନାଥ
ବହୁ ଦୂର ବୋଲି ମନା କରିବନି
ଆସିବାକୁ ଏହି ଘର,
ସଜାଇ ଦେଇଛି ଅତି ଶରଧାରେ
ଅଗଣା ଦାଣ୍ଡ ଦୁଆର
ତୁମେ ଇଛା କଲେ ଝଲସି ଉଠିବ
ମୋ ମନ ରଥର ରୂପ,
ଭକତି, ଶକତି ନାହିଁ କିଛି ମୋର
ଜାଳିଦିଅ ଆଶା ଦୀପ ।



*ବାଣ୍ଡୁପଡା, ରେଲୱେ ସାଇଡିଙ୍ଗ, ରାଜଗାଙ୍ଗପୁର, ସୁନ୍ଦରଗଡ଼*
*ଫୋନ୍- ୭୦୦୮୩୦୪୨୨୫*

# ଆଷାଢ଼ ଆସିଲା

**ନିରଞ୍ଜନ ସାହୁ**



ଆଷାଢ଼ ଆସିଲା ବଉଦ ଭାସିଲା
ଖରା ତାପ ହେଲା ନାଶ
ବରଷା ଋତୁ ଯେ ପାଦ ପକାଇଲା
ଆଗେଇବ ଏବେ ଚାଷ
ଧୀରେ ଧୀରେ ଖରା ପାଗ ବଦଳିବ
ହୋଇବ ମେଘୁଆ ପାଗ
ବିଜୁଳି, ପବନ ନେଇ ବର୍ଷା ହେବ
ଶୁଭିବ ବଜର ନାଦ
ଶସ୍ୟକ୍ଷେତ୍ର ଏବେ ସବୁଜ ଦିଶିବ
ଖୁସି ହେବ ଚାଷୀ ମନ
ଅନ୍ନଦାତା ଚାଷୀ ଅଟଇ ଜଗତେ
ସଭିଙ୍କ ଜୀବନ ଧନ
ଧୀରେ ଧୀରେ ବର୍ଷା ପାଣି ଜମା ହେବ
ଜଳପୂର୍ଣ୍ଣ ହେବ ସର
କୂଅ, ନଦୀ, ନାଳ ଜଳପୂର୍ଣ୍ଣ ହେବ
ଖୁସି ହେବେ ଜଳଚର
ଫଳିବ ଏଣିକି ନାନାଦି ପରିବା
ଫୁଟିବ ଅନେକ ଫୁଲ
ପାହାଡ଼ ପର୍ବତ, ପଡିଆ, ବଗିଚା
ସବୁଜ ଏହା ନ ଭୁଲ
ସବୁଜ ରଙ୍ଗର ଘାସ ପଡିଆରେ
ଚାଲିବେ ସାଧବ ବୋହୂ
ଆହା କି ସୁନ୍ଦର ରୂପଟି ତାଙ୍କର
ତାଙ୍କ ସରି କେହି ନୋହୁ
ବେଳେ ବେଳେ ଇନ୍ଦ୍ରଧନୁ ଦେଖାଦେବ
ସପତ ରଙ୍ଗକୁ ନେଇ
ପଚର ପଚର ହେବ ଗାଆଁ ଦାଣ୍ଡ
ଚାଲୁଥିବା ଧାନ ଦେଇ
ମଣ୍ଡୁକେ ରଡ଼ିବେ ଉଚ୍ଚସ୍ୱରେ ଏବେ
ଖଦ୍ୟୋତ ଉଡ଼ିବେ ସଞ୍ଜେ
ସାପ, ବିଛା ଏବେ ହଳ ହଳ ହେବେ
ଶିକାର କରିବେ ଖଞ୍ଜେ
ଆଷାଢ଼ ମାସରେ ଛତୁ ଫୁଟିବ ଯେ
ପାଳଗଦା, ବିଲହିଡ଼
ଏକାଳେ ପଡିବ ରଥ ଯାତରା ଯେ
ଶ୍ରୀକ୍ଷେତ୍ରେ ଲାଗିବ ଭିଡ଼
ଗୁଣ୍ଡିଚା ମନ୍ଦିରେ ଲାଗିବ ଗହଳି
ବାହୁଡ଼ା ଯାତରା ଯାଏ
ଠାକୁରମାନଙ୍କ ରଥ ଟାଣିବାକୁ
ସଭିଙ୍କର ମନ ଥାଏ
ଆଷାଢ଼ ଆସିଲେ ମୌସୁମୀ ବରଷା
ଝରଝର ଯିବ ଝରି
ଆଷାଢ଼ ପରିକା ମାସ କିଏ କୁହ
ହୋଇବ ତା ସମସରି ।

*ନିହଲ ପ୍ରସାଦ, ଗଁଦିଆ ପାଟଣା, ଢେଙ୍କାନାଳ- ୭୫୯୦୧୬*
*ମୋ- ୯୯୩୮୭୪୧୫୮୩*

# ବାପା

**ସୁହଂସ ଭୋଇ**

ଭାରି ଭୟ ଲାଗେ କାନେ ଯଦି ବାଜେ
ଦୂରୁ ଡାକୁ ଥିଲେ ବାପା
ଭାରି ସୁଆଦିଆ ଲାଗଇ ପାଟିକୁ
କହୁଥିଲେ ବାପା ବାପା

ଲାଗେ ଟାଣ ଟାଣ କଥା ଓଜନିଆ
ହୃଦୟଟି କଅଁଳିଆ
ବୁଝି ଗଲା ଯିଏ ଜିତି ଗଲା ସିଏ
ଦୁନିଆ ଦୁଆରେ ଠିଆ

ଉପରକୁ ପିତା ଭିତରକୁ ମିଠା
ପିତା ସବୁବେଳେ ହିତା
ଖରାକୁ ଯେମିତି ବହଲିଆ ଛାଇ
ବରଷାକାଳକୁ ଛତା

ଜୀବନର ବାଟ ବଡ ଅଙ୍କାବଙ୍କା
ବାପା ଏକ ସିଧା ରାସ୍ତା
ଚାଲୁ ଥିଲେ ତହିଁ ନ ଆସଇ ବାଧା
କଷ୍ଟକୁ ନଥାଏ ଚିନ୍ତା ।

*ପହଣ୍ଡି, ବରଗଡ଼*
*ମୋ- ୯୪୩୭୫୨୨୪୫୫*





# ସତକଥା କହିବି

**ଜୟନ୍ତ କୁମାର ମଲ୍ଲିକ**

ସରିଗଲା ଖରାଛୁଟି ମନଦୁଃଖ ହୁଅଇ
ବାହାନା କରିକି ଘରେ ମାମୁନିଟା ଶୁଅଇ,
ଖେଳୁଥିଲେ କେତେ ସାଙ୍ଗ ସବୁ ଚାଲି ଗଲେଣି
ଥଟ୍ଟା ମଜା କରୁଥିବା ବୁଢ଼ା ବୁଢ଼ୀ ମଲେଣି,
ରଜ ସାଥେ ଫେରିଗଲା ହସ ଖୁସି ଯେତେକ
ପାଖରେ ଅଛନ୍ତି ଖାଲି ପଢ଼ା ସାଥୀ କେତେକ,
ଖୋଲିଲାଣି ବିଦ୍ୟାଳୟ ଫୁରୁସତ ମିଳେନା
ଘରେ ବସି ବସି ଆଉ ବେଶି ବେଶି ଗିଳେନା,
ଲେଖି ଲେଖି ଦୁଇ ଟିପ ଦରଜ ତ ହେଲାଣି
ମୋବାଇଲ ଦେଖି ଦେଖି ଆଖି ଦଗା ଦେଲାଣି,
ଯେତେ କଷ୍ଟ ହେଉ ପଛେ ପାଠ ମୁହଁ ପଢ଼ିବି
ଭଲ ମଣିଷଟେ ହୋଇ ନ୍ୟାୟ ପାଇଁ ଲଢ଼ିବି,
ସତ୍ୟ ଧର୍ମ ପଥେ ଚାଲି ସୁଖେ ସଦା ରହିବି
ଜୀବନ ପଛକେ ଯାଉ ସତକଥା କହିବି ।

*ଶୁରଡିହ, ନନ୍ଦିପୁର, ଦଶରଥପୁର, ଯାଜପୁର*
*ମୋ- ୯୪୩୭୮୬୫୭୨୭*



# ହାତୀବେଶ

**ଜଗଦୀଶ ସାହୁ**

ଆଲୋ ମକର ଖେଳିବା ଦୋଳି
ରଜଗୀତ ଗାଇ ଭଳିକି ଭଳି
ଦୋଳି କଲା କଟକଟ
କାଳିଆ ପିନ୍ଧିଛି ଫୁଲ ଟାହିଆଲୋ
ଦିଶୁଅଛି ଝଟଝଟ
ଆସଗୋ ସଙ୍ଗାତ ନ କରି ଡେରି
ଗୀତ ଗାଇ ମନ କରିବା ଚୋରି
ଦୋଳି ଚାଲେ ଘାଇଁ ଘାଇଁ
ସିନାନ ମଣ୍ଡପେ ସୁନାକୂଅ ପାଣି
ଗାଧୋଇବେ ଲକ୍ଷ୍ମୀସାଇଁ
ଆଲୋ ବଉଳ ତେଜି ଅଳସ
ରଜଦୋଳି ଗୀତ ଲାଗେ ସରସ
ହାତୀବେଶ କାଳିଆର
ବଡ଼ଦାଣ୍ଡେ ଭକ୍ତ ଦରଶନ କରି
ବାହୁଡ଼ିବେ ନିଜ ଘର ।

*ସଂଜପଡା, ହିନ୍ଦୋଳ,*
*ଢେଙ୍କାନାଳ-୭୫୯୧୨୮*
*ମୋ-୯୦୭୮୧୮୫୬୧୬*

30 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୨୭ ଜୁନ୍, ଗୁରୁବାର, ୨୦୨୪



# ସୂର୍ଯ୍ୟକୁମାରଙ୍କୁ ହଟାଇ ବିଶ୍ୱର ନମ୍ବର-୧ ବ୍ୟାଟ୍ସମ୍ୟାନ ହେଲେ ଟ୍ରାଭିସ ହେଡ୍



**ନୂଆଦିଲ୍ଲୀ**

ଟି-୨୦ ବିଶ୍ୱକପ ୨୦୨୪ ମଧ୍ୟରେ ଆଇସିସି ଦ୍ୱାରା ଟି-୨୦ ର୍ୟାଙ୍କିଙ୍ଗ୍ ପ୍ରକାଶ ପାଇଛି। ଏଥର ର୍ୟାଙ୍କିଙ୍ଗରେ ବହୁତ ବଡ଼ ଓଲଟପାଲଟ ଘଟିଛି। ବିଶେଷ କଥା ହେଉଛି ଦୀର୍ଘ ଦିନ ଧରି ଏକ ନମ୍ବର ସ୍ଥାନ ଅଧିକାର କରିଥିବା ଭାରତର ସୂର୍ଯ୍ୟକୁମାର ଯାଦବ ବର୍ତ୍ତମାନ ତଳକୁ ଖସିଛନ୍ତି। ଅଷ୍ଟ୍ରେଲିଆର ଟ୍ରାଭିସ ହେଡ୍ ଟି-୨୦ରେ ଏକ ନମ୍ବର ବ୍ୟାଟ୍ସମ୍ୟାନ ହେବାରେ ସଫଳ ହୋଇଛି। ଇଂଲଣ୍ଡର ଫିଲ ସଲ୍ଟ, ପାକିସ୍ତାନର ବାବର ଆଜମ ଏବଂ ମହମ୍ମଦ ରିଜୱାନ ମଧ୍ୟ କ୍ଷତି ସହିଛନ୍ତି। ଆଇସିସି ଦ୍ୱାରା ପ୍ରକାଶିତ ନୂତନ ଟି-୨୦ ର୍ୟାଙ୍କିଙ୍ଗରେ ଅଷ୍ଟ୍ରେଲିଆର ଟ୍ରାଭିସ ହେଡ୍ ଏକ ନମ୍ବର ବ୍ୟାଟ୍ସମ୍ୟାନ ହୋଇଛନ୍ତି। ଏଥର ସେ ଏକାସାଙ୍ଗରେ ୪ଟି ସ୍ଥାନକୁ ଡେଇଁଛନ୍ତି। ବର୍ତ୍ତମାନ ଟ୍ରାଭିସ ହେଡଙ୍କର ରେଟିଂ ୮୪୪ ହୋଇଛି। ଭାରତର ସୂର୍ଯ୍ୟକୁମାର ଯାଦବ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ବର୍ତ୍ତମାନ ସୂର୍ଯ୍ୟଙ୍କ ମୂଲ୍ୟାୟନ ହେଉଛି ୮୪୨। ଏହାର ଅର୍ଥ ହେଉଛି ପ୍ରଥମ ଏବଂ ଦ୍ୱିତୀୟ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ କେବଳ ଦୁଇଟି ରେଟିଂ ପଏଣ୍ଟର ପାର୍ଥକ୍ୟ ଅଛି। ଇଂଲଣ୍ଡର ଫିଲ ସଲ୍ଟ ଗୋଟିଏ ସ୍ଥାନ ହରାଇଛନ୍ତି, ତାଙ୍କର ରେଟିଂ ବର୍ତ୍ତମାନ ୮୧୬ ପାକିସ୍ତାନର ବାବର ଆଜମ ମଧ୍ୟ ଗୋଟିଏ ସ୍ଥାନ ହରାଇଛନ୍ତି। ସେ ୭୫୫ ରେଟିଂ ସହ ଚତୁର୍ଥ ସ୍ଥାନରେ ପହଞ୍ଚିଛନ୍ତି। ପାକିସ୍ତାନର ମହମ୍ମଦ ରିଜୱାନ ବର୍ତ୍ତମାନ ୭୪୬ ରେଟିଂ ସହ ୫ ନମ୍ବରରେ ପହଞ୍ଚିଛନ୍ତି।

# ଅଲିମ୍ପିକ୍ସ ପାଇଁ ଘୋଷଣା ହେଲା ହକି ଟିମ୍

## ହରମନପ୍ରୀତ ସିଂହ କ୍ୟାପ୍ଟେନ, ଓଡ଼ିଶାର ଜଣେ ଖେଳାଳିଙ୍କୁ ସୁଯୋଗ



**ନୂଆଦିଲ୍ଲୀ**

ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ଭାରତୀୟ ହକି ଟିମ୍ ଘୋଷିତ ହୋଇଛି। ହରମନପ୍ରୀତ ସିଂହଙ୍କ ନେତୃତ୍ୱରେ ୧୯ ଜଣିଆ ହକି ଦଳ ଘୋଷଣା କରାଯାଇଛି। ଏକମାତ୍ର ଓଡ଼ିଆ ଖେଳାଳି ଭାବେ ଅମିତ ରୋହିଦାସଙ୍କୁ ମିଳିଛି ସୁଯୋଗ। ସେହିପରି ହାର୍ଦ୍ଦିକ ସିଂହଙ୍କୁ ଉପ ଅଧିନାୟକ କରାଯାଇଛି। ପ୍ୟାରିସ ଅଲିମ୍ପିକ୍ସରେ ପାଞ୍ଚ ଜଣ ନବାଗତଙ୍କୁ ମଧ୍ୟ ସୁଯୋଗ ମିଳିଛି। ଜରମନପ୍ରୀତ ସିଂହ, ସଞ୍ଜୟ, ରାଜ କୁମାର ପାଲ, ଅଭିଷେକ ଏବଂ ସୁଖଜିତ ସିଂହ ଡେବ୍ୟୁ କରିବାକୁ ଯାଉଛନ୍ତି ।

ପିଆର ଶ୍ରୀଜେଶ ଗୋଲକିପର ଥିବାବେଳେ ନୀଳକାନ୍ତ ଶର୍ମା, ଯୁଗରାଜ ସିଂହ ଏବଂ କୃଷ୍ଣ ପଠକଙ୍କୁ ବିକଳ୍ପ ଆଥଲେଟ୍ ଭାବେ ନାମିତ କରାଯାଇଛି। କୋଚ୍ କ୍ରେଗ ଫୁଲଟନ କହିଛନ୍ତି ଯେ, ଚୟନ ପ୍ରକ୍ରିୟା ଖୁବ୍ କଠିନ ଥିଲା, ତଥାପି ଟିମ୍ ଚୟନର ଏକ ଅଂଶ ହୋଇଥିବାରୁ ସେ ବେଶ୍ ଖୁସିବ୍ୟକ୍ତ କରିଛନ୍ତି।

ଜୁଲାଇ ୨୬ରୁ ପ୍ୟାରିସ ଅଲମ୍ପିକ୍ସ ଆରମ୍ଭ ହେବ। ୨୭ରେ ନ୍ୟୁଜିଲାଣ୍ଡ ବିପକ୍ଷରୁ ଅଭିଯାନ ଆରମ୍ଭ କରିବ ଭାରତ।

ପ୍ୟାରିସ ଅଲିମ୍ପିକ୍ସ ୨୦୨୪ ଭାରତୀୟ ହକି ଟିମ୍ – ଗୋଲକିପର୍ସ : ଶ୍ରୀଜେଶ ପରନ୍ନୁ ରବୀନ୍ଦ୍ରନ। ଡିଫେଣ୍ଡର୍ସ : ଜାରମାନପ୍ରୀତ ସିଂହ, ଅମିତ ରୋହିଦାସ, ହରମନପ୍ରୀତ ସିଂ, ସୁମିତ, ସଞ୍ଜୟ। ମିଡଫିଲ୍ଡର୍ସ : ରାଜକୁମାର ପାଲ, ଶାମଶେର ସିଂହ, ମନପ୍ରୀତ ସିଂହ, ହାର୍ଦ୍ଦିକ ସିଂହ, ବିବେକ ସାଗର ପ୍ରସାଦ। ଫରୱାର୍ଡ୍ସ : ଅଭିଷେକ, ସୁଖଜିତ ସିଂହ, ଲଳିତ କୁମାର ଉପାଧ୍ୟାୟ, ମନଦୀପ ସିଂହ, ଗୁରୁଜନ୍ତ ସିଂହ। ଅଲଟରନେଟ ଆଥଲେଟ୍ସ : ନୀଳକାନ୍ତ ଶର୍ମା, ଜୁଗରାଜ ସିଂହ, କୃଷ୍ଣ ବାହାଦୂର ପଠକ।

# ଭାରତ ଉପରେ ବଲ ଟାମ୍ପରିଂ ଅଭିଯୋଗ ଲଗାଇଲେ ପାକିସ୍ତାନର ଇଞ୍ଜାମାମ-ଉଲ୍-ହକ୍



**ନୂଆଦିଲ୍ଲୀ**

ପୂର୍ବତନ ପାକିସ୍ତାନ କ୍ରିକେଟର ତଥା ଅଧିନାୟକ ଇଞ୍ଜାମାମ-ଉଲ-ହକ ଏକ ବିଚିତ୍ର ଦାବି କରିଛନ୍ତି ଯେ ଭାରତର ଦ୍ରୁତ ବୋଲର ମାନେ ୨୦୨୪ ଟି -୨୦ ବିଶ୍ୱକପ ଅଭିଯାନରେ ଲଗାତାର ବଲରେ ଟାମ୍ପରିଂ କରୁଛନ୍ତି। ଇଞ୍ଜାମାମ କହିଛନ୍ତି ଯେ ଭାରତର ବୋଲରମାନେ ବଲକୁ ରିଭର୍ସ ସୁଇଙ୍ଗ ସୁନିଶ୍ଚିତ କରିବା ପାଇଁ ବଲ ଟାମ୍ପରିଂ କରୁଛନ୍ତି, ଟୁର୍ଣ୍ଣାମେଣ୍ଟରେ ଏପର୍ଯ୍ୟନ୍ତ ସେମାନଙ୍କ ସଫଳତା ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ।

ଅର୍ଶଦୀପ ଏବଂ ଜସ୍‌ପ୍ରୀତ ବୁମ୍‌ରାଙ୍କ ପରି ଭାରତର ତାରକା ବୋଲରମାନେ ବଲ୍‌ରେ ଶୀର୍ଷ ଫର୍ମରେ ଅଛନ୍ତି, ଯାହା ଟି-୨୦ ବିଶ୍ୱକପ୍‌ରେ ଦଳର ସଫଳତାରେ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରୁଥିବା ଦେଖିବାକୁ ମିଳିଛି।

ଇଞ୍ଜାମାମ ଏବଂ ଅନ୍ୟ ଜଣେ ପୂର୍ବତନ ପାକିସ୍ତାନୀ ଅଧିନାୟକ ସଲିମ ମଲିକ ଜୁନ ୨୪ ରେ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତର ସୁପର ୮ ମୁକାବିଲାରେ ଆର୍ଶଦୀପଙ୍କ ରିଭର୍ସ ସୁଇଙ୍ଗ ସମ୍ପର୍କରେ ଆଲୋଚନା କରି ଏପରି କହିଛନ୍ତି। ଉଭୟ ପୂର୍ବତନ କ୍ରିକେଟର ଦାବି କରିଛନ୍ତି ଯେ ୧୪ କିମ୍ବା ୧୫ ଓଭରରେ ଏକ ପେସର ପାଇଁ ବଲ ରିଭର୍ସ ସୁଇଙ୍ଗ ପାଇବା ସହଜ ନୁହେଁ।

ଅଷ୍ଟ୍ରେଲିଆର ୨୦୫ ରନ ପଛରେ ୧୬ତମ ଓଭରରେ ଅର୍ଶଦୀପଙ୍କର ରିଭର୍ସ ସ୍ୱିଙ୍ଗ ହେବାର ଦେଖିବାକୁ ମିଳିଥିଲା। ଏହି ମ୍ୟାଚ୍‌ରେ ୨୨ ବର୍ଷୀୟ ଆର୍ଶଦୀପ ୩୭ ରନ ବ୍ୟୟ କରି ୩ ୱିକେଟ ଅକ୍ତିଆର କରିଥିଲେ, ଯାହା ଅଷ୍ଟ୍ରେଲିଆ ବିପକ୍ଷ ବିଜୟରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା।

# ଜାତୀୟ ତାଏକୋଣ୍ଡୋ ଚାମ୍ପିଅନସିପ୍ ପାଇଁ ଟିମ୍ ଭଦ୍ରକର ଲକ୍ଷ୍ନୌ ଯାତ୍ରା

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

'ତାଏକୋଣ୍ଡୋ ଫେଡେରେସନ୍ ଅଫ୍ ଇଣ୍ଡିଆ' ଆନୁକୂଲ୍ୟରେ, ଲକ୍ଷ୍ନୌ ସ୍ଥିତ କେ.ଡି. ସିଂହ ବାବୁ ଷ୍ଟାଡିୟମ୍‌ରେ ଚଳିତ ମାସ ୨୮ ରୁ ୩୦ ତାରିଖ ପର୍ଯ୍ୟନ୍ତ ୪୧ ତମ ଜାତୀୟ ତାଏକୋଣ୍ଡୋ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ୩୧ ଜଣ ପ୍ରତିଯୋଗୀ ଓଡ଼ିଶାର ପ୍ରତିନିଧିତ୍ୱ କରିବେ। ସେମାନଙ୍କ ମଧ୍ୟରେ ଭଦ୍ରକ ଜିଲ୍ଲାରୁ ୯ ଜଣ ପ୍ରତିଯୋଗୀ ସ୍ଥାନ ପାଇଛନ୍ତି। ସେମାନେ ହେଲେ : ଦିବ୍ୟାଶା ପ୍ରଧାନ, ଦିବ୍ୟ ପ୍ରିୟାଂଶୁ ପୃଷ୍ଟି, ଧନେଶ୍ୱର ଜେନା, ଦେବାଶିଷ ପୋହି, ବିବେକ ନାୟକ, ପ୍ରିତମ୍ ଚନ୍ଦ୍ର ଉପାଧ୍ୟାୟ, ଉପମନ୍ୟୁ ନାୟକ, ସାଇ ସୁଜିତ ପରିଡ଼ା ଓ ଅଭିମାନ ଅନୁପ୍ରାସ ମଲ୍ଲିକ। ପ୍ରଶିକ୍ଷକ ରୂପେ ସୁଶ୍ରୀ ତାରିଣୀ ସାହୁ ଓ ସୁଧାକର ଜେନା ଏବଂ ରେଫରୀ ରୂପେ ଯୋଗଗୁରୁ ସୁରେଶ ନାୟକ ଓ ଶେକ୍ ସମୀର୍ ଟିମ୍ ସହିତ ଯାତ୍ରା କରିବେ। ଟିମ୍‌ର ନେତୃତ୍ୱ ନେବେ 'ତାଏକୋଣ୍ଡୋ ଆସୋସିଏସନ୍ ଅଫ୍ ଭଦ୍ରକ' (ଟାବ୍)ର ସାଧାରଣ ସମ୍ପାଦକ ସଂଗ୍ରାମ ତ୍ରିପାଠୀ। ୨୬ ତାରିଖ ପୂର୍ବାହ୍ନରେ ଟିମ୍ ଭଦ୍ରକ ରେଳଯୋଗେ ଲକ୍ଷ୍ନୌ ଅଭିମୁଖେ ଯାତ୍ରା କରିବ। ରବିବାର ଦିନ ଟିମ୍ ଭଦ୍ରକକୁ ସମ୍ବର୍ଦ୍ଧନା ଦେବା ପାଇଁ ତାଏକ୍ୱୋଣ୍ଡୋ ଆସୋସିଏସନ୍ ଅଫ୍ ଭଦ୍ରକ ତରଫରୁ ଏକ ସଂକ୍ଷିପ୍ତ ଶୁଭେଚ୍ଛା ଉତ୍ସବ ହେପ୍ପୀ ହୋମ୍ ସ୍କୁଲ୍ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ 'ତାଏକୋଣ୍ଡୋ ଆସୋସିଏସନ୍ ଅଫ୍ ଓଡ଼ିଶା' (ତାଓ)ର କାର୍ଯ୍ୟକାରୀ ସଭାପତି ପ୍ରଫେସର୍ ବିଜୟ କୁମାର ଜେନା, ସାଧାରଣ ସମ୍ପାଦକ ରବି ନାରାୟଣ ପାଣିଗ୍ରାହୀ ଓ ବାଣପୁର ସ୍ଥିତ ଶ୍ରୀ ସାଇ ଶାରଳା ଫାଉଣ୍ଡେସନ୍‌ର ପରିଚାଳନା ନିର୍ଦ୍ଦେଶକ ଜ୍ଞାନ ରଞ୍ଜନ ବାରିକ ଅତିଥି ରୂପେ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରତିଯୋଗୀମାନଙ୍କୁ ତାଏକୋଣ୍ଡୋ ୟୁନିଫର୍ମ ସହ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ଟିମ୍‌ର ସଫଳତା ନିମନ୍ତେ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା।

# ଆଜି ସେମିଫାଇନାଲ : ରୋହିତଙ୍କ ବ୍ୟାଟିଂ ଦେଖି ଡରିଲେଣି ଇଂଲଣ୍ଡ ଖେଳାଳି



**ନୂଆଦିଲ୍ଲୀ**

ଟି-୨୦ ବିଶ୍ୱକପରେ ସୁପର-୮ରେ ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ହୋଇଥିବା ମ୍ୟାଚ୍‌ରେ ଅଧିନାୟକ ରେହିତ ଶର୍ମାଙ୍କ ବ୍ୟାଟିଂ ଫର୍ମ ଦେଖି ଭୟଭୀତ ହୋଇଛନ୍ତି ଅନ୍ୟ ଦଳର ଖେଳାଳି। ଗୁରୁବାର ଭାରତ-ଇଂଲଣ୍ଡ ମଧ୍ୟରେ ସେମିଫାଇନାଲ ମ୍ୟାଚ୍ ଖେଳାଯିବ। ଏହା ପୂର୍ବରୁ ଇଂଲଣ୍ଡର ପୂର୍ବତନ ଅଧିନାୟକ ରୋହିତଙ୍କ ବ୍ୟାଟିଂକୁ ଖୁବ୍ ପ୍ରଶଂସା କରିଛନ୍ତି। ଏକ ସୋ'ରେ ଇଂଲଣ୍ଡର ପୂର୍ବତନ ଅଧିନାୟକ ଭାରତୀୟ ଦଳର ଖୁବ୍ ପ୍ରଶଂସା କରିବା ସହ କହିଛନ୍ତି ଯେ ମୋତେ ଲାଗୁଛି ଏଥର ଭାରତୀୟ ଦଳ ହାରିବା ନାହିଁ। କାରଣ ଦଳରେ ଏଥର ସମସ୍ତ ଖେଳାଳି ପୂରା ଫର୍ମରେ ରହିଛନ୍ତି। ଜସ୍‌ପ୍ରୀତ ବୁମ୍ରା ଯେଉଁ ଫର୍ମରେ ତାହା ଅନ୍ୟ ଦଳର ଖେଳାଳିଙ୍କ ଲାଗି ବିପଜ୍ଜନକ। ଆମେରିକାର କଠିନ ପିଚ୍‌ରେ ମଧ୍ୟ ଭାରତୀୟ ଦଳ ଅତ୍ୟଧିକ ଆତ୍ମବିଶ୍ୱାସରେ ଖେଳୁଥିବା ଦେଖିବାକୁ ମିଳୁଛି। ସତ କହିବାକୁ ଗଲେ ଏଥର ଭାରତୀୟ ଦଳ ହାରିବ ନାହିଁ। ଭାରତକୁ ପରାସ୍ତ କରିବାକୁ ହେଲେ ଇଂଲଣ୍ଡକୁ ସ୍ୱତନ୍ତ୍ର ଓ ଏକ ଅସାଧାରଣ ଖେଳ ପ୍ରଦର୍ଶନ କରିବାକୁ ପଡ଼ିବ।

୨୦୨୨ ଆଇସିସି ଟି୨୦ ବିଶ୍ୱକପରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ସେମିଫାଇନାଲ ମୁକାବିଲ ହୋଇଥିଲା। ଭାରତୀୟ ଦଳ ପ୍ରଥମେ ବ୍ୟାଟିଂ କରି ୬ ୱିକେଟ ହରାଇ ୧୬୮ ରନ କରିଥିଲା। ଏହି ରନ ପିଛା କରି ଇଂଲଣ୍ଡ ସହଜରେ ବିଜୟ ହାସଲ କରିଥିଲା। କାରଣ ଭାରତୀୟ ବୋଲର ଗୋଟିଏ ବି ୱିକେଟ ନେଇପାରିନଥିଲେ। ଏଥର ଉଭୟ ଟିମ୍ ପୁଣି ଥରେ ସେମିଫାଇନାଲ ଖେଳୁଥିବାରୁ ଏହି ମ୍ୟାଚ୍ ବେଶ୍ ରୋମାଞ୍ଚକର ହୋଇପାରେ।

# ବୌଦ୍ଧରେ କ୍ରୀଡ଼ା କ୍ଷେତ୍ରରେ ହୋଇ ପାରୁନି ବିକାଶ : ଅସନ୍ତୋଷ ବ୍ୟକ୍ତ କଲେ ବିଧାୟକ

**ବୌଦ୍ଧ**

ଆକ୍ସନ ମୋଡ୍‌ରେ ନବ ନିର୍ବାଚିତ ବିଧାୟକ ସରୋଜ ପ୍ରଧାନ। ଜିଲ୍ଲା ସଦର ମହକୁମା ବସ୍‌ଷ୍ଟାଣ୍ଡ ଓ ଷ୍ଟାଡ଼ିୟମ ପରିଦର୍ଶନ କରି ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ବୌଦ୍ଧ ବିଧାୟକ। ଜିଲ୍ଲାରେ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ପାଇଁ ବିରାଟ ସମ୍ଭାବନା ରହିଥିବା ବେଳେ ଆବଶ୍ୟକ ଭିତ୍ତିଭୂମି ଅଭାବରୁ ଅନେକ କ୍ରୀଡ଼ାବିତ୍‌ଙ୍କ ଭବିଷ୍ୟତ ଅନ୍ଧାରରେ ରହିଯାଇଛି। ତେଣୁ କ୍ରୀଡ଼ା କ୍ଷେତ୍ରରେ ଥିବା ସମସ୍ତ ସମସ୍ୟାକୁ ସମାଧାନ ହେବ ବୋଲି ସୂଚନା ଦେଇଛନ୍ତି।

ବୌଦ୍ଧର ନୂତନ ଯୁବ ବିଧାୟକ ସରୋଜ କୁମାର ପ୍ରଧାନ ଜିଲ୍ଲା ଷ୍ଟାଡ଼ିୟମରେ ପହଞ୍ଚି ସ୍ଥିତି ପରଖିଥିଲେ। ଷ୍ଟାଡ଼ିୟମ ପରିସରରେ ଥିବା ହେଲିପ୍ୟାଡ୍‌କୁ ତୁରନ୍ତ ହଟାଇବାକୁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେବା ସହିତ କ୍ରୀଡ଼ା ଅଧିକାରୀଙ୍କ ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଷ୍ଟାଡ଼ିୟମ ପରିସରରେ କେବଳ ସନ୍ତରଣ କେନ୍ଦ୍ର ଠିକ୍‌ରେ ଚାଲିଥିବା ବେଳେ ଅନ୍ୟ ସବୁକିଛି ଅବ୍ୟବସ୍ଥା। ଘେରରେ ରହିଥିବା ବିଧାୟକ କହିଛନ୍ତି। ଷ୍ଟାଡ଼ିୟମରେ ବିଭିନ୍ନ ବିଭାଗ ଉନ୍ନୟନ ନାଁରେ କେବଳ କିଛି ନିର୍ଦ୍ଦିଷ୍ଟ ଠିକାଦାରଙ୍କ ପାଇଁ ବ୍ୟବସ୍ଥା କରାଯାଇଥିବା ବେଳେ ବିଧାୟକ ଏନେଇ ବିଭାଗୀୟ ଅଧିକାରୀ ଓ କ୍ରୀଡ଼ା ଅଧିକାରୀଙ୍କୁ କଡ଼ା ଚେତାବନୀ ଦେଇଥିଲେ। ଆଗାମୀ ଦିନରେ ଏସବୁ ସମସ୍ୟାର ସମାଧାନ କରି ଖେଳ ଓ ଖେଳାଳିଙ୍କ ବିକାଶ ଦିଗରେ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ନୂତନ ବିଧାୟକ ସୂଚନା ଦେଇଛନ୍ତି।



ଜିଲ୍ଲାରେ କ୍ରୀଡ଼ା କ୍ଷେତ୍ରରେ ରହିଛି ବିରାଟ ସମ୍ଭାବନା। କିନ୍ତୁ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ତଥା ବିଭିନ୍ନ ଅନିୟମିତତା କାରଣରୁ ଖେଳାଳିଙ୍କ ଭବିଷ୍ୟତ ଅନ୍ଧକାର ମଧ୍ୟରେ ରହିଯାଉଛି। ବୌଦ୍ଧ ଜିଲ୍ଲାରେ ସନ୍ତରଣଠାରୁ ନେଇ କ୍ରିକେଟ, ଫୁଟ୍‌ବଲ, ଆଥ୍‌ଲେଟ୍, ତୀରନ୍ଦାଜ ଭଳି ବିଭିନ୍ନ କ୍ରୀଡ଼ାରେ ବେଶ୍ ସୁନାମ ରହି ଆସିଛି। ଅନେକ କୃତି କ୍ରୀଡ଼ାବିତ୍ ରାଜ୍ୟ ତଥା ଜାତୀୟ ସ୍ତରରେ ଅଂଶଗ୍ରହଣ କରି ସଫଳତା ପାଇଛନ୍ତି। କିନ୍ତୁ ସେମାନଙ୍କ ପ୍ରତି କ୍ରୀଡ଼ା ବିଭାଗର କୌଣସି ଆନ୍ତରିକତା ରହୁନାହିଁ। ଏପରିକି ଜଣେ କ୍ରୀଡ଼ା ଅଧିକାରୀ ଜିଲ୍ଲାରେ ଥାଇ ମଧ୍ୟ ନଥିଲା ଭଳି। କ୍ରୀଡ଼ାର ବିକାଶ ପାଇଁ ସରକାର ସମସ୍ତ ପଞ୍ଚାୟତରେ ଖେଳପଡ଼ିଆର ଉନ୍ନତି ପାଇଁ ପର୍ଯ୍ୟାପ୍ତ ଅର୍ଥ ଯୋଗାଇ ଦେଇଥିଲେ ମଧ୍ୟ ସେସବୁ ଅର୍ଥର ବ୍ୟାପକ ଦୁରୂପଯୋଗ ହୋଇ ଆସୁଛି ବୋଲି ଅଭିଯୋଗ ହୋଇଛି।

ଅନେକ ପଞ୍ଚାୟତରେ ଖେଳପଡ଼ିଆର ଉନ୍ନତି ନାଁରେ ବ୍ୟାପକ ଦୁର୍ନୀତି କରାଯାଇଛି। ବୌଦ୍ଧ ଜିଲ୍ଲା ସଦର ମହକୁମାଠାରେ କ୍ରୀଡ଼ାର ବିକାଶ ପାଇଁ ବିଗତ ୨୦ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିବା ଜିଲ୍ଲା ଷ୍ଟାଡ଼ିୟମ ସମ୍ପୂର୍ଣ୍ଣ ହେବାର ନା ଧରୁନି। ଏଠାରେ କେବଳ ଠିକାଦାର ପୋଷା ନୀତିରେ କେବଳ କୋଟି କୋଟି ଟଙ୍କାର ଅର୍ଥ ଶ୍ରାଦ୍ଧ କରାଯାଇଥିବା ବେଳେ ଷ୍ଟାଡ଼ିୟମର ନିର୍ମାଣ ସମ୍ପୂର୍ଣ୍ଣ ହେବା ପୂର୍ବରୁ ତାହା ମରାମତି କାମର ଆବଶ୍ୟକତା ଅନୁଭବ ହେଲାଣି। ବ୍ୟାପକ ଅବ୍ୟବସ୍ଥା ତଥା ଅନିୟମିତତା ଘେରରେ ଥିବା ବୌଦ୍ଧ ଜିଲ୍ଲା ଷ୍ଟାଡ଼ିୟମରେ ସମସ୍ୟାର ଲମ୍ବା ତାଲିକା ରହିଥିବା ବେଳେ ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା।

# ମୟୂରଭଞ୍ଜ ଜିଲ୍ଲା ୧୯ ବର୍ଷରୁ କମ୍ କ୍ରିକେଟ ଦଳ ଘୋଷିତ



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

କଟକ ଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଓସିଏ ୧୯ ବର୍ଷରୁ କମ୍ ଆନ୍ତଃ ଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ-୨୦୨୪ ପାଇଁ ୧୫ ଜଣିଆ ମୟୂରଭଞ୍ଜ ଦଳ ଘୋଷିତ ହୋଇଯାଇଛି। ଏହି ଦଳରେ ଲୋକନାଥ ପୃଷ୍ଟି (ଅଧିନାୟକ ), ସାହିଲ ମହାନ୍ତ (ଉପ ଅଧିନାୟକ ) ସମେତ ଜୟ କୁମାର, ବିପ୍ରାଂଶୁ ସିଂହ, ରୋଶନ ଚୌଧୁରୀ, ସୁରେଇ ହେମ୍ବ୍ରମ, ଚନ୍ଦନ ସିଂହ, ବିନାୟକ ସାହୁ, ଆୟୁଷ ଗିରି, ମୋହିତ ପ୍ରହରାଜ, ମହମ୍ମଦ ରାଜା, ଲୋହିତ କୁମାର ଜେନା, ଅଙ୍କିତ ଅମନ ଦାସ, ଦିବ୍ୟ ରଞ୍ଜନ ସାହୁ ଓ ଭବାନୀ ଶଙ୍କର ମହାଲିକ ସାମିଲ ଅଛନ୍ତି। ସାହେବା ସିଂ କୋଚ ଓ ମ୍ୟାନେଜର ଭାବେ ଦଳ ସହିତ ଗସ୍ତ କରିବେ ଦଳ ଚୟନରେ ଯୋଗେଶ୍ୱର ପାଲବାବୁ, ରାମେଶ୍ୱର ମାଝୀ, ଦିଲ୍ଲୀପ କୁମାର ଦାସ ଓ ପ୍ରଭାତ ମହାନ୍ତି ପ୍ରମୁଖ ସହାୟତା ପ୍ରଦାନ କରିଥିଲେ। ଖବର ପାଇ ଜିଲ୍ଲାପାଳ ତଥା ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନର ସଭାପତି ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଦଳର ସଫଳତା କାମନା କରିଛନ୍ତି। ମୟୂରଭଞ୍ଜ ଆଥ୍‌ଲେଟିକ୍ ଆସୋସିଏସନ ତରଫରୁ ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, କ୍ରିକେଟ ସମ୍ପାଦକ ହର ପ୍ରସାଦ ପାତ୍ର, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ବରିଷ୍ଠ ସଦସ୍ୟ ବିଜୟ କୁମାର ଦାସ, ଗଦାଧର ବେହେରା, ଯୋଗ ପ୍ରଶିକ୍ଷକ ଜ୍ୟୋତି ରଞ୍ଜନ ଦାସ ଓ ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମୟୂରଭଞ୍ଜ ତା'ର ପ୍ରଥମ ମ୍ୟାଚ୍ ୨୭ ତାରିଖ ଦିନ ଦେବଗଡ଼ ସହିତ ଖେଳିବ ବୋଲି କ୍ରିକେଟ ସମ୍ପାଦକ ଶ୍ରୀ ପାତ୍ର ଜଣାଇଛନ୍ତି।

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ CAD-344
ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

ପତ୍ର ସଂଖ୍ୟା ୨୦୮୮୮ / ଭୁ.ଉ.କ., ଭୁବନେଶ୍ୱର SRD-391/88 **ସୂଚନା** ତା ୨୪.୦୬.୨୦୨୪ରିଖ

ଏତତ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି କଳିଙ୍ଗ ନଗର ପ୍ଲଟେଡ୍ ଡେଭଲପମେଣ୍ଟ ସ୍କିମ୍, ମୌଜା-ଭଗବାନପୁର, ଭୁବନେଶ୍ୱର ଅନ୍ତର୍ଗତ HIG ପ୍ଲଟ୍ ନଂ-K-9B-262 କୁ ମୂଳତଃ **ଶ୍ରୀ ଶତ୍ରୁଘ୍ନ ସାମଲ, ପିତା-ବାଉଳି ଚରଣ ସାମଲ, ଗ୍ରାମ-ଶ୍ରୀଜଗନ୍ନାଥ କଲୋନୀ, ଡିଷ୍ଟ୍ରିକ ଟ୍ରେଜେରୀ ପଛପଟ, ଭଦ୍ରକ, ପୋଷ୍ଟ/ଥାନା/ଜିଲ୍ଲା-ଭଦ୍ରକ, ଓଡ଼ିଶାଙ୍କ** ନାମରେ ଆବଣ୍ଟନ କରାଯାଇଥିଲା।

ବର୍ତ୍ତମାନ ଆବଣ୍ଟନଗ୍ରାହୀ **ଶ୍ରୀ ଶତ୍ରୁଘ୍ନ ସାମଲ** ଉକ୍ତ ପ୍ଲଟ୍‌କୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ **ଶ୍ରୀ ବିନୟ ଶିଲ୍ ଗୌତମ, ପିତା-ଚିତ୍ତରଞ୍ଜନ ଶର୍ମା, ମାର୍ଫତ-ରାଧାଗୋବିନ୍ଦ ନିବାସ, ବି/୩, ସାଣ୍ଡାଲପୁର, ଏସ୍‌ଇ ବଜାର ସମିତି ବାହାଦୁରପୁର, ପାଟଣା, ରାଜ୍ୟ-ବିହାରଙ୍କ** ନାମରେ ମାଲିକାନା ପରିବର୍ତ୍ତନ କରିବା ନମନ୍ତେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ପ୍ଲଟ୍‌ର ତୃତୀୟପକ୍ଷ ଅନ୍ତରଣ ଆଧାରରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ୧୫(ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଉକ୍ତ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା/- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
OIPR-13033/11/0036/2425

OFFICE OF THE EXECUTIVE ENGINEER,
RWS&S DIVISION, KENDRAPARA. O-49
At : Ichhapur, Post : Shree Baladevjew, Email: eerwsskendrapara@gmail.com
INVITATIONS FOR BIDS (IFB) [e-Procurement]
Bid Identification No. RWS/ ......06..... /2024-25
Letter No. 2757........... / Dated. 24.06.2024....

| | | | |
|---|---|---|---|
| 1 | The Executive Engineer, RWS&S Division, Kendrapara on behalf of Governor of Odisha invites lump sum bid in **SINGLE** cover system in **ONLINE MODE** from eligible **Civil** contractors for **execution of repairing** works of different Rural Piped Water Supply Schemes in Kendrapara District. | | |
| 2 | Name of the work | : | Execution of repairing works for different PWS Schemes under Derabish Block in Kendrapara District. |
| 3 | No. of Work | : | 03 Nos. (Three) only |
| 4 | Value of the Work | : | ₹ 1.03 Lakhs to ₹ 11.56 Lakhs |
| 5 | Concerned tender inviting authority | : | Executive Engineer, RWS&S Division, Kendrapara |
| 6 | Cost of Bid documents (Rs.) (Online) | : | ₹ 600/- and ₹ 6000/- as applicable |
| 7 | Cost of EMD @ 1% (Online) | : | ₹ 1100/- to ₹ 12000 /- as applicable |
| 8 | Class of Bidder | : | "D" and "C" |
| 9 | Period of Completion | : | 30 days to 60 days as applicable |
| 10 | Availability of bid documents in the website | : | From date. 29.06.2024 at 10.00 A.M to date. 10.07.2024 till 5.30 P.M |
| 11 | Last Date & Time of seeking tender clarification | | Up to 01.07.2024 up to 5.30 P.M |
| 12 | Date of Opening of Bid | : | 11.07.2024 at 11.00 A.M |

The bidders have to participate in the tender through **ONLINE** bidding only. Further details can be had from the website i.e http://tendersodisha.gov.in.
Subsequent corrigendum / addendum if required shall only be appeared in the above website.

Sd/- Executive Engineer
RWS&S Division, Kendrapara
OIPR-25004/11/0003/2425

Government of Odisha "e" Procurement Notice C-95
Bid Identification No.04/2024-25

| | | | |
|---|---|---|---|
| 1. | Name of the work | : | 1 No. of work. |
| 2. | Estimated cost | : | 22.38 lakhs |
| 3. | Period of completion | : | 03 (Three) Months |
| 4. | Date & Time of availability of bid document in the portal | : | From 11.00 AM. of 01.07.2027 to 5.00 PM of 10.07.2024 |
| 5. | Last date / time for receipt of bids in the portal | : | 5.00 PM of 10.07.2024 |
| 6. | Name and address of the Officer inviting Bid | : | Additional Chief Engineer, P.H. Division, Bhubaneswar |

Further details can be seen from e-procurement portal in the Website (http://tendersorissa.gov.in)

Sd/- Additional Chief Engineer
P.H. Division, Bhubaneswar
OIPR-13205/11/0001/2425

# ଛାତ ବିହୀନ ଚାରିଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶାରେ ମୌସୁମୀ ବାୟୁ ସକ୍ରିୟ ହୋଇ ବର୍ଷା ଋତୁ ଆରମ୍ଭ ହେଲାଣି। ଏଥି ପୂର୍ବରୁ ସରକାର ବିଭିନ୍ନ ଅଧିକାରୀ ମାନଙ୍କୁ ପୂର୍ବ ପ୍ରସ୍ତୁତିରେ ରହିବାକୁ ସଜାଗ କଲେଣି। ବିଭିନ୍ନ ନଦୀ ନାଳ, ସ୍କୁଲ କଲେଜ, ସରକାରୀ ଦପ୍ତର ଗୁଡିକରେ ଖଣ୍ଡିଆ ଖାବରା ହୋଇ ପଡ଼ିରହିଥିବା ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ କୁହାଯାଇଛି। ସେପରି ସ୍ଥଳେ ଭଦ୍ରକ ଜିଲ୍ଲା ଚାରିଗାଁ ପଞ୍ଚାୟତରେ ଥିବା ସରକାରୀ ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଚାରିଗାଁର ଶ୍ରେଣୀ ଗୃହ ଓ ଭଣ୍ଡାର ଗୃହରେ ଛାତ ନଥିବାରୁ ପାଠ ପଢା ସାଙ୍ଗକୁ ଖାଦ୍ୟ ସାମଗ୍ରୀ ରଖିବା ଓ ପ୍ରସ୍ତୁତ କରିବାରେ ନାନା ଅବ୍ୟବସ୍ଥା ଦେଖାଦେଇଛି। ଏହି ପ୍ରାଥମିକ ବିଦ୍ୟାଳୟଟି ୧୯୫୩ ମସିହାରେ ଗଢି ଉଠିଥିବା ବେଳେ ଏଠାରେ ପଞ୍ଚମରୁ ଅଷ୍ଟମ ଶ୍ରେଣୀ ମଧ୍ୟରେ ୧୨୧ଜଣ ଛାତ୍ର ଛାତ୍ରୀ ଅଧ୍ୟୟନରତ ଥିବା ବେଳେ ୭ଜଣ ଶିକ୍ଷକ ଶିକ୍ଷୟିତ୍ରୀ ପାଠ ପଢାଉଛନ୍ତି। ସେପରି ସ୍ଥଳେ ବିଦ୍ୟାଳୟ ଗୃହର ଛାତ ନଥିବାରୁ ଏବେ ଶ୍ରେଣୀ ଗୃହ ଅଭାବ ସାଙ୍ଗକୁ ସ୍ମାର୍ଟ କ୍ଲାସ୍‌ଟି ଛୋଟ କୋଠରିରେ ଚାଲୁଛି। ବିଦ୍ୟାଳୟର ଭିତ୍ତିଭୂମିର ଉନ୍ନତି ପାଇଁ ୬ ଲକ୍ଷ ଟଙ୍କା ଓ ମରାମତି ପାଇଁ ୨ ଲକ୍ଷ ଟଙ୍କା ବ୍ଲକ୍‌ରେ ପଡ଼ିରହିଛି। ତେଣୁ କୋମଳମତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଯଥାଶୀଘ୍ର ବିଦ୍ୟାଳୟ ଗୃହକୁ ମରାମତି ପାଇଁ ଅଭିଭାବକମାନେ ଦାବି କରିଛନ୍ତି। ଏ ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଲେଖ ନାଇକଙ୍କୁ ପଚରା ଯାଇଥିବା ବେଳେ ସେ କହିଲେ, ମୁଁ ଏକ ବର୍ଷ ହେବ ଏହି ସ୍କୁଲରେ ଜଏନ୍ କରିଛି, ଆସିକି ଦେଖୁଛି ଯେ ଦୁଇଗୋଟି କୋଠରିର ଛାତ ନାହିଁ। ଏ ନେଇ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଏବଂ ସ୍ଥାନୀୟ ସରପଞ୍ଚଙ୍କୁ ଯଥାଶୀଘ୍ର ମରାମତି ପାଇଁ ଅବଗତ କରିଛି।

# ନିର୍ବନ୍ଧ ପରେ ଯୁବତୀଙ୍କୁ ବିବାହ ପାଇଁ ପ୍ରତ୍ୟାଖ୍ୟାନ ଆତ୍ମହତ୍ୟା ନିମନ୍ତେ ପ୍ରରୋଚିତ ନୁହେଁ : ହାଇକୋର୍ଟ

**କଟକ, ନ୍ୟୁଜ୍‌ବ୍ୟୁରୋ**

ନିର୍ବନ୍ଧ ପରେ ଜଣେ ଯୁବତୀଙ୍କୁ ବିବାହ ପାଇଁ ପ୍ରତ୍ୟାଖ୍ୟାନ କରିବା ଆତ୍ମହତ୍ୟା ନିମନ୍ତେ ପ୍ରରୋଚିତ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି। ଆଇପିସିର ଧାରା ୩୦୬ରେ ମଧ୍ୟ ଏହାକୁ ବ୍ୟାଖ୍ୟା କରାଯାଇଛି। ଆବେଦନକାରୀଙ୍କ ବିରୋଧରେ ଥିବା କ୍ରିମିନାଲ ପ୍ରୋସିଡ଼ିଂକୁ ରଦ୍ଦ କରିବା ସହ ହାଇକୋର୍ଟ ଏପରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଡା. ପ୍ରିୟଙ୍କ ଟପୁରିଆଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ୍ ଶିବଶଙ୍କର ମିଶ୍ର ଏହି ନିର୍ଦ୍ଦେଶ ଦେଇଛନ୍ତି। ମୃତ ପୀଡ଼ିତାଙ୍କୁ ବିବାହ ପାଇଁ ଅନିଚ୍ଛା ପ୍ରକାଶ କରିବା ଦଣ୍ଡନୀୟ ଅପରାଧ ନୁହେଁ ବୋଲି ଅଦାଲତ କହିଛନ୍ତି।

୨୦୧୯ରେ ଜଣେ ମେଡ଼ିକାଲ ଛାତ୍ରଙ୍କ ସହ ଜଣେ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ଡିଗ୍ରୀଧାରୀ ଯୁବତୀଙ୍କ ବିବାହ ସ୍ଥିର ହୋଇଥିଲା। ଦୁହିଁଙ୍କ ନିର୍ବନ୍ଧ ମଧ୍ୟ ସରିଥିଲା। ପରେ ଯୁବକଜଣଙ୍କ ବିବାହ କରିବାକୁ ମନା କରିଦେବାରୁ ଯୁବତୀଜଣଙ୍କ ଆତ୍ମହତ୍ୟା କରିଥିଲେ। ମୃତ ଯୁବତୀଙ୍କ ପରିବାର ପକ୍ଷରୁ ସମ୍ପୃକ୍ତ ଯୁବକ ତଥା ଆବେଦନକାରୀଙ୍କ ନାମରେ ଢେଙ୍କାନାଳ ଟାଉନ୍ ଥାନାରେ ଏତଲା ଦିଆଯାଇଥିଲା। ୨୦୨୨ ନଭେମ୍ବର ୨୩ରେ ପୁଲିସ ସାର୍ଜସିଟ୍ ଦାଖଲ କରିଥିଲା ବେଳେ ନଭେମ୍ବର ୨୮ରେ ଢେଙ୍କାନାଳ ଏସ୍‌ଡିଜେଏମ୍ ତାଙ୍କ ବିରୋଧରେ କଗ୍ନିଜାନ୍ସ ଗ୍ରହଣ କରିଥିଲେ। ଏହା ବେଆଇନ ଦର୍ଶାଇ ଆବେଦନକାରୀ ହାଇକୋର୍ଟରେ ଚାଲେଞ୍ଜ କରିଥିଲେ।

# ଚାଲୁ ରହିବ ମେଟ୍ରୋ ପ୍ରକଳ୍ପ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଟ୍ୱିନ୍ ସିଟି ମଧ୍ୟରେ ଚାଲୁ ରହିବ ମେଟ୍ରୋ ପ୍ରକଳ୍ପ। ଯାତାୟାତ ସୁଗମ ପାଇଁ ପ୍ରକଳ୍ପ ଚାଲୁ ରହିବ ବୋଲି ମେଟ୍ରୋ ପ୍ରକଳ୍ପ ନେଇ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି ପ୍ରକଳ୍ପ ପାଇଁ ରାଜ୍ୟ ବଜେଟ ସ୍ଥିତି ସମୀକ୍ଷା ପରେ ଆବଶ୍ୟକ ପଡ଼ିଲେ କେନ୍ଦ୍ରର ସହଯୋଗ ନିଆଯିବ। ଡବଲ ଇଞ୍ଜିନ ସରକାର ନିଶ୍ଚିତ ଏଥିପାଇଁ ଓଡ଼ିଶାକୁ ସହଯୋଗ କରିବେ। ମେଟ୍ରୋ ପ୍ରକଳ୍ପକୁ କିଭଳି ତ୍ୱରାନ୍ୱିତ କରାଯିବ, ପୁଙ୍ଖାନୁପୁଙ୍ଖ ଆଲୋଚନା ହେବ। ବର୍ଷା ଦିନରେ କିଭଳି କାମ ଚାଲିବ, ସେନେଇ ଖୁବଶୀଘ୍ର ହେବ ଆଲୋଚନା ହେବ ବୋଲି କହିଛନ୍ତି ମନ୍ତ୍ରୀ।

# ପଦ ହରାଇଲେ ବୟାଙ୍ଗଡ଼ିହ ସରପଞ୍ଚ କୁନ୍ତଳା, ଦାୟିତ୍ୱ ନେଲେ ନାଏବ ସରପଞ୍ଚ ପ୍ରଦୀପ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଆରେ ଲେଖାପଢ଼ା ଜାଣିନଥିବା କାରଣରୁ ଅଦାଲତ ଦ୍ୱାରା ଅଯୋଗ୍ୟ ଘୋଷିତ ହୋଇଥିବା ଧାମ୍‌ନଗର ବ୍ଲକ୍ ବୟାଙ୍ଗଡ଼ିହ ପଞ୍ଚାୟତର ସରପଞ୍ଚ କୁନ୍ତଳା ମଲିକ ଶେଷରେ ନିଜ ପଦ ହରାଇଛନ୍ତି। ଏହି ଘଟଣା ଧାମନଗର ରାଜନୀତିରେ ଚର୍ଚ୍ଚାର ବିଷୟ ହୋଇଛି। ତେବେ କୁନ୍ତଳା ପଦ ହରାଇବା ପରେ ନାଏବ ସରପଞ୍ଚ ପ୍ରଦୀପ ବାରିକଙ୍କୁ ସରପଞ୍ଚ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ଏଠାରେ ସୂଚନାଯୋଗ୍ୟ ୨୦୨୨ ପଞ୍ଚାୟତ ନିର୍ବାଚନରେ ବିଜୁ ଜନତା ଦଳ ସମର୍ଥିତ କୁନ୍ତଳା ମଲିକ ବିଜେପି ସମର୍ଥିତ ଭାରତୀ ବେହେରାଙ୍କୁ ହରାଇ ଧାମନଗର ବ୍ଲକ୍‌ସ୍ଥିତ ବୟାଙ୍ଗଡିହ ପଞ୍ଚାୟତର ସରପ ନିର୍ବାଚିତ ହୋଇଥିଲେ। ବିଜୟୀ ସରପଞ୍ଚ କୁନ୍ତଳାଙ୍କ ଶିକ୍ଷାଗତ ଯୋଗ୍ୟତା ତଥା ସେ ଓଡ଼ିଆ ଭାଷାରେ ପଢାପଢି କରିବାକୁ ଅକ୍ଷମ ଆରୋପ ଆଣି ପରାଜିତ ପକ୍ଷ ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ସରପ କୁନ୍ତଳା କେନ୍ଦୁଝର ଜିଲ୍ଲାର ଏକ ଶିକ୍ଷାନୁଷ୍ଠାନରୁ ତାଙ୍କ ଶିକ୍ଷାଗତ ଯୋଗ୍ୟତା ଥିବା ପ୍ରମାଣପତ୍ର ଦେଖାଇବା ପରେ ଏହା ଠିକ୍ ନଥିବାର ଜଣାପଡିଥିଲା। ପରବର୍ତ୍ତୀ ସମୟରେ କୁନ୍ତଳାଙ୍କୁ କୋର୍ଟରେ ବିଚାରପତିଙ୍କ ସମ୍ମୁଖରେ ଓଡ଼ିଆ ପଢିବାକୁ ସୁଯୋଗ ଦିଆଯାଇଥିବାବେଳେ ସେ ଏଥିରେ ଅସମର୍ଥ ହୋଇଥିଲେ। ଏହାକୁ ଭିତ୍ତିକରି ଅଦାଲତ ତାଙ୍କୁ ଅଯୋଗ୍ୟ ଘୋଷଣା କରିବା ସହ ନାଏବ ସରପଞ୍ଚଙ୍କୁ କାର୍ଯ୍ୟଭାର ଦେବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ କୁନ୍ତଳା ଏହାକୁ ଅନେକଦିନ ପର୍ଯ୍ୟନ୍ତ ଗ୍ରହଣ କରିନଥିଲେ। ପରେ ଭଦ୍ରକ ଉପଜଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଦାୟୀ ସରପଞ୍ଚ କୁନ୍ତଳାଙ୍କୁ ଏକାଧିକବାର ନୋଟିସ୍ ଜାରି ହୋଇଥିଲା। କିନ୍ତୁ ସେ ଏହାକୁ ଗୁରୁତ୍ୱ ନଦେଇ ଅବମାନନା କରିଥିଲେ। ଶେଷରେ ଭଦ୍ରକ ଉପଜିଲ୍ଲାପାଳ ମନୋଜ ପାତ୍ର ପଦ କ୍ଷମତା ହସ୍ତାନ୍ତର କରୁନଥିବା କୁନ୍ତଳା ମଲିକଙ୍କ ଘରେ ନୋଟିସ୍ ଜାରି କରିବାକୁ ଧାମନଗର ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ଆଧାରରେ ବ୍ଲକ୍ ପ୍ରଶାସନ ପୁଲିସ୍ ନେଇ କୁନ୍ତଳାଙ୍କ ଘର ସମ୍ମୁଖରେ ନୋଟିସ୍ ଲଗାଇ ସେ ପଦ ହରାଇଥିବା ସଂପର୍କରେ ଅଦାଲତ ନିଷ୍ପତ୍ତି ଜଣାଇ ଦେଇଥିଲେ। ଆଜି ବ୍ଲକ୍ ପକ୍ଷରୁ ବୟାଙ୍ଗଡିହ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ଜେନା ସରପଞ୍ଚ ଦାୟିତ୍ୱ ନାଏବ ସରପ ରହିଥିବା ୧୨ନଂ ୱାର୍ଡର ୱାର୍ଡମେମ୍ବର ପ୍ରଦୀପ କୁମାର ବାରିକଙ୍କୁ ପ୍ରଦାନ କରିଛନ୍ତି। ପଦ ହରାଇଥିବା ପୂର୍ବ ସରପଞ୍ଚ କୁନ୍ତଳା ମଲିକଙ୍କ ପ୍ରତିକ୍ରିୟା ଲୋଡ଼ିବାରୁ ସେ କୌଣସି ଉତ୍ତର ଦେବାକୁ ମନା କରିଦେଇଥିଲେ। ସରପଞ୍ଚ ଦାୟିତ୍ୱ ଗ୍ରହଣ କରିଥିବା ପ୍ରଦୀପ ବାରିକଙ୍କୁ ପଞ୍ଚାୟତର ନିର୍ବାଚିତ ବିଭିନ୍ନ ୱାର୍ଡର ୱାର୍ଡ ସଭ୍ୟା ଏବଂ ସାଧାରଣ ନାଗରିକ ଶୁଭେଚ୍ଛା ଜଣାଇଛନ୍ତି।







ଭୁବନେଶ୍ୱର : ଓଡ଼ିଶା ଡ୍ରାଇଭର ମହାସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଶୁଭେଚ୍ଛା ଜଣାଉଛନ୍ତି। (ଫଟୋ : ସମ୍ବାଦ କଳିକା)

# ଗ୍ରାମାଞ୍ଚଳରେ ବ୍ରଡ୍‌ବ୍ୟାଣ୍ଡ୍ ସଂଯୋଗୀକରଣ ୯୦ ପ୍ରତିଶତରୁ ଅଧିକ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଗ୍ରାମାଞ୍ଚଳରେ ଗତ ମେ' ମାସ ଶେଷ ସୁଦ୍ଧା ବ୍ରଡବ୍ୟାଣ୍ଡ୍ ସଂଯୋଗୀକରଣ ୯୦ ପ୍ରତିଶତରୁ ଅଧିକ । ରାଜ୍ୟସ୍ତରୀୟ ଷଷ୍ଠ ବ୍ରଡବ୍ୟାଣ୍ଡ କମିଟି ବୈଠକରେ ଏନେଇ ସୂଚନା ଦିଆଯାଇଛି । ଲୋକସେବା ଭବନ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ଷଷ୍ଠ ବ୍ରଡବ୍ୟାଣ୍ଡ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଭାରତ ସରକାରଙ୍କ ଦୂର ସଂଚାର ବିଭାଗ ତରଫରୁ ଜାତୀୟ ବ୍ରଡବ୍ୟାଣ୍ଡ ମିଶନରେ ବାର୍ଷିକ କାର୍ଯ୍ୟକାରିତା ଯୋଜନା ଦାଖଲ କରାଯାଇଛି ।

ବୈଠକରେ ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ, ଦୂର ସଂଚାର ବିଭାଗର ବରିଷ୍ଠ କର୍ତ୍ତୃପକ୍ଷଙ୍କ ସମେତ କମିଟିର ସଦସ୍ୟ ଥିବା ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ । ବୈଠକରେ ଦିଆଯାଇଥିବା ସୂଚନା ଅନୁସାରେ ଗ୍ରାମାଞ୍ଚଳରେ ଗତ ମଇ ମାସ ଶେଷ ସୁଦ୍ଧା ବ୍ରଡ୍‌ବ୍ୟାଣ୍ଡ୍ ସଂଯୋଗୀକରଣ ୯୦ ପ୍ରତିଶତରୁ ଅଧିକ ରହିଛି । ଯାହାକି ସନ୍ତୋଷଜନକ ରହିଛି ବୋଲି କୁହାଯାଇଛି । ଏବେ ବି ରାଜ୍ୟର ବହୁ ଗ୍ରାମାଞ୍ଚଳରେ ଟେଲିକମ ଓ ଇଣ୍ଟରନେଟ ସୁବିଧା ଆଶାଜନକ ଭାବେ ଉପଲବ୍ଧ ନାହିଁ । କାର୍ଯ୍ୟ ଯୋଜନା ସଂପର୍କରେ ମୁଖ୍ୟ ଶାସନ ସଚିବ ସବିଶେଷ ଅବଗତ ହୋଇଛନ୍ତି। ଏହା ପରେ ଓଡ଼ିଶାରେ ଟେଲିକମ ସଂଯୋଗୀକରଣ କଭରେଜ ସମ୍ପର୍କିତ ଯେଉଁ ତଥ୍ୟ ଉପସ୍ଥାପନ କରାଯାଇଛି, ଏହାର ପ୍ରକୃତ ସ୍ଥିତି ଯାଞ୍ଚ କରାଯିବାର ଆବଶ୍ୟକତା ରହିଛି । ଏହା ସହ ଏଥିପାଇଁ ଜିଲ୍ଲାପାଳମାନଙ୍କୁ ନିଜ କ୍ଷେତ୍ର କର୍ମଚାରୀଙ୍କୁ ସ୍ଥିତି ଅନୁଧ୍ୟାନ କରିବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି ।

ବୈଠକରେ ମୋବାଇଲ ଟାୱାର ସମ୍ବନ୍ଧୀୟ ସମସ୍ୟା ଜମି ଆବଣ୍ଟନ, ରାସ୍ତା ସୁବିଧା, ପରିବେଶ ମଞ୍ଜୁରୀ, ସ୍ଥାନୀୟ ସମସ୍ୟାକୁ ୧୫ ଦିନ ମଧ୍ୟରେ ସମାଧାନ କରିବା ନେଇ ନିର୍ଦ୍ଦେଶ ଦିଆଯାଇଛି । ଏଥିପାଇଁ ସଂପୃକ୍ତ ଜିଲ୍ଲାପାଳଙ୍କ ନିକଟକୁ ତଥ୍ୟ ପଠାଇବା ସହ ଜିଲ୍ଲାପାଳ, ଏସ୍‌ପି ଓ ଡିଏଫଓଙ୍କ ସହ ଭିସି ମାଧ୍ୟମରେ ବୈଠକ କରି ଏଭଳି ସମସ୍ୟାକୁ ତ୍ୱରାନ୍ୱିତ କରାଯିବ। ଦୂରସଂଚାର ବିଭାଗ କର୍ତ୍ତୃପକ୍ଷ ଏବଂ ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗକୁ ଏନେଇ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ପିଏମ ଗତିଶକ୍ତି ପୋର୍ଟାଲରେ ବ୍ରଡ୍‌ବ୍ୟାଣ୍ଡ ସଂଯୋଗ ଥିବା ଅଙ୍ଗନୱାଡ଼ି କେନ୍ଦ୍ର ସମେତ ଶିକ୍ଷାନୁଷ୍ଠାନ ତଥା ପ୍ରତିଷ୍ଠାନ ସଂପର୍କରେ ତଥ୍ୟ ସ୍ଥାନିତ କରିବାକୁ ପରାମର୍ଶ ଦିଆଯାଇଛି। ବିଭିନ୍ନ ବିଭାଗ, ବିଭାଗୀୟ ଶାଖା କାର୍ଯ୍ୟାଳୟ ଆଦିମାନଙ୍କରେ ୫-ଜି'ର ବ୍ୟବହାର ସଂପର୍କରେ ଏକ ଘଣ୍ଟିଆ ଡେମୋ ଅଧିବେଶନ ପ୍ରଦର୍ଶନ କରି ସଚେତନ କରାଯିବ । ଦୂରସଂଚାର ଯୋଜନାର କାର୍ଯ୍ୟକାରିତା ବେଳେ ଜନସାଧାରଣଙ୍କ ଅନାବଶ୍ୟକ କ୍ଷୟକ୍ଷତିକୁ ଏଡ଼ାଇବା ପାଇଁ ସଂପୃକ୍ତ ଏଜେନ୍ସି ଏବଂ ଖନନ କାର୍ଯ୍ୟ କରୁଥିବା ଏଜେନ୍ସି ଦ୍ୱାରା ସିବିୟୁଡି ଆପ୍‌ର ବାଧ୍ୟତାମୂଳକ ବ୍ୟବହାର ସମ୍ପର୍କରେ ଏକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶନାମା ଜାରି କରିବାକୁ ନିଷ୍ପତ୍ତି ନିଆଯାଇଛି। ସମସ୍ତ ଇଞ୍ଜିନିୟରିଂ କର୍ମଚାରୀଙ୍କୁ ସାମିଲ କରି ପ୍ରତ୍ୟେକ ଜିଲ୍ଲା ସଦର ମହକୁମାରେ ସିବିୟୁଡି ସଚେତନତା ଶିବିର ଆୟୋଜନ କରିବାକୁ ଦୂର ସଂଚାର ବିଭାଗର ମୁଖ୍ୟଙ୍କୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି । ଆଇଟି ପ୍ରମୁଖ ଶାସନ ସଚିବଙ୍କୁ ବିଦ୍ୟୁତ ବିତରଣ କମ୍ପାନୀଙ୍କ ସହ ଆଲୋଚନା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହା ସହ ସମସ୍ତ ଟେଲିକମ ସେବା ପ୍ରଦାନକାରୀ ସଂସ୍ଥା, ଇଣ୍ଟରନେଟ ସେବା ପ୍ରଦାନକାରୀ ସଂସ୍ଥା, ଭିତ୍ତିଭୂମି ସୁବିଧା ପ୍ରଦାନକାରୀ ସଂସ୍ଥାଙ୍କ ପାଇଁ କମ୍ପୋଜିଟ ବିଲିଂ ପ୍ରସ୍ତାବକୁ ସୁଗମ କରିବା ପାଇଁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି । ସେଲ୍‌ଗୁଡ଼ିକୁ ସହଜରେ ସ୍ଥାପନ କରିବା ପାଇଁ ପ୍ରଧାନମନ୍ତ୍ରୀ ଗତିଶକ୍ତି ପୋର୍ଟାଲରେ ଷ୍ଟ୍ରିଟ୍ ଆସବାବପତ୍ର ତାଲିକା ଅପ୍‌ଲୋଡ୍ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ଅନୁରୋଧ କରାଯାଇଛି । ଆଗାମୀ ରଥଯାତ୍ରା ପର୍ବକୁ ଦୃଷ୍ଟିରେ ରଖି ସମସ୍ତ ସେଲ୍ୟୁଲାର ଅପରେଟର୍ସ ଆସୋସିଏସନ ଟିଏସପି ଏବଂ ଆଇଏସପିମାନଙ୍କୁ ସେଲ-ଅନ-ହ୍ୱିଲ୍ସ ବ୍ୟବସ୍ଥା କରି କିମ୍ବା ବର୍ତ୍ତମାନର ଭିତ୍ତିଭୂମିର ଉନ୍ନତିକରଣ କରି ମୋବାଇଲ ନେଟୱାର୍କ ସଂଯୋଗରେ ଉନ୍ନତି ଆଣିବାକୁ ଅନୁରୋଧ କରାଯାଇଛି ।

## ବରିଷ୍ଠ ନାଗରିକ ବିକାଶ ପରିଷଦର ଦାବି

# ଭୁବନେଶ୍ୱରରେ କ୍ୟାପିଟାଲ ହସ୍ପିଟାଲ ଭଳି ଆଉ ଦୁଇଟି ହସ୍ପିଟାଲ ସ୍ଥାପନ କରାଯାଉ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଜନତାଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ମାଗଣାରେ ଯୋଗାଇ ଦେବା ନିମନ୍ତେ ରାଜଧାନୀ ଭୁବନେଶ୍ୱରରେ କ୍ୟାପିଟାଲ ହସ୍ପିଟାଲ ଭଳି ଆଉ ଦୁଇଟି ହସ୍ପିଟାଲ ସ୍ଥାପନ କରାଯିବା ନେଇ ବରିଷ୍ଠ ନାଗରିକ ବିକାଶ ପରିଷଦ ପକ୍ଷରୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ କମିଶନର ତଥା ସଚିବ ଶାଳିନୀ ପଣ୍ଡିତଙ୍କୁ ପତ୍ର ମାଧ୍ୟମରେ ଦାବି ଜଣାଇ ଦିଆଯାଇଛି । ଏହି ଦାବିପତ୍ରରେ ଦର୍ଶାଯାଇଛି ଯେ, ୧୯୫୬ ମସିହାରେ କ୍ୟାପିଟାଲ ହସ୍ପିଟାଲ ସ୍ଥାପନ କରାଯାଇଥିଲା। ସେତେବେଳେ ରାଜଧାନୀର ୪୦ ହଜାର ଜନତାଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଣ ନିମନ୍ତେ ଏହି ହସ୍ପିଟାଲ ସ୍ଥାପିତ ହୋଇଥିଲା। ମାତ୍ର ଏବେ ରାଜଧାନୀ ଭୁବନେଶ୍ୱରର ଜନସଂଖ୍ୟା ୧୪ ଲକ୍ଷ ଅତିକ୍ରମ କଲାଣି । ଏତେ ବିପୁଳ ସଂଖ୍ୟକ ଜନତାଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇବା ଏହି ଏକମାତ୍ର ହସ୍ପିଟାଲ ପକ୍ଷେ ସମ୍ଭବ ହେଉନାହିଁ। ଏହି ହସ୍ପିଟାଲରେ ୨୦ଟି ବିଭାଗ ରହିଛି। ଏଥିରେ ୭୬୦ଟି ସାଧାରଣ ବେଡ୍ ରହିଛି। ଦିନକୁ ଏହି ହସ୍ପିଟାଲକୁ ପ୍ରାୟ ୪୦୦୦ ରୋଗୀ ଆସିଥାନ୍ତି। ୪୫୦ରୋଗୀ ଦିନକୁ ଏଠାରେ ଇନ୍‌ଡୋର ଆଡ୍‌ମିଶନ ହୁଅନ୍ତି। ପ୍ରତିଦିନ ୭୫୦ ରୋଗୀଙ୍କୁ ଏଠାରେ ଖାଦ୍ୟ ଦିଆଯିବାର ବ୍ୟବସ୍ଥା ରହିଛି। ରୋଗୀ ସଂଖ୍ୟା ଅଧିକ ହେଉଥିବାରୁ ସମସ୍ତଙ୍କୁ ସଠିକ୍ ଚିକିତ୍ସା ଯୋଗାଇବା ସମ୍ଭବ ହେଉନାହିଁ। ସେମାନଙ୍କ ପାଇଁ ପ୍ରଶସ୍ତ ଜାଗା ମଧ୍ୟ ମିଳୁନାହିଁ। ଏତେ ଗହଳିରେ ଡାକ୍ତର, ରୋଗୀ, ରୋଗୀଙ୍କ ସଂପର୍କୀୟ, ମେଡିକାଲ ଷ୍ଟାଫ୍ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ସେମାନଙ୍କ ଯାନସବୁ ରଖିବା ପାଇଁ ମଧ୍ୟ ଜାଗା ହେଉନାହିଁ। ଭୁବନେଶ୍ୱରର ସମୃଦ୍ଧି ଅନୁସାରେ ୩ଟି ପ୍ରାଇଭେଟ ମେଡିକାଲ କଲେଜ, ୨ଟି ସରକାରୀ ମେଡିକାଲ କଲେଜ ଏବଂ ସଂଖ୍ୟାଧିକ ମଲ୍ଟି ସ୍ପେସାଲିଷ୍ଟ ହସ୍‌ପିଟାଲ ରହିଛି। ମାତ୍ର ଏ ଗୁଡିକରେ ମଧ୍ୟବିତ୍ତ, ନିମ୍ନ ମଧ୍ୟବିତ୍ତ ଏପରିକି ଉଚ୍ଚ ମଧ୍ୟବିତ୍ତ ରୋଗୀଙ୍କ ଚିକିତ୍ସା ବ୍ୟୟବହୁଳ ହେଉଥିବାରୁ ସେହି ଖର୍ଚ୍ଚ ତୁଲାଇବା ଅସମ୍ଭବ ହୋଇପଡୁଛି। ଏହି ହସ୍‌ପିଟାଲ ଗୁଡ଼ିକରେ କେବଳ ଡାକ୍ତରଙ୍କ ପରାମର୍ଶ ପାଇଁ ୫୦୦ଟଙ୍କା ଡିପୋଜିଟ୍ କରିବାକୁ ପଡୁଛି। ଜନସାଧାରଣଙ୍କ ଉତ୍ତମ ସ୍ୱାସ୍ଥ୍ୟ ପ୍ରତି ସରକାର ଯତ୍ନଶୀଳ ହେବା ଉଚିତ। ବେସରକାରୀ ହସ୍ପିଟାଲ ଗୁଡିକରୁ ଏତେ ସଂଖ୍ୟକ ରୋଗୀ ଉପକୃତ ହୋଇପାରିବେନି। ଏହି ହସ୍ପିଟାଲଗୁଡିକ କେବଳ ଧନୀ ଲୋକଙ୍କ ପାଇଁ। ଏମସ୍ ହସ୍ପିଟାଲ ସବୁବେଳେ ରାଜ୍ୟବାହାରର ପଶ୍ଚିମାଞ୍ଚଳ ରୋଗୀଙ୍କ ଦ୍ୱାରା ଗହଳି ହୋଇଥାଏ। ସେଠାକୁ ଯିବା ମାନେ କେତେବେଳେ ନମ୍ବର ଆସିବ କହିହେବ ନାହିଁ। ସକାଳୁ ଗଲେ ସଂଧ୍ୟା ହୋଇଯାଇପାରେ।

ଶୁଣାଯାଉଛି ନୂଆ ସରକାର ଏହି ସରକାରୀ ହସପିଟାଲର ବେଡ୍ ସଂଖ୍ୟା ୩ ଗୁଣ ବଢାଇବାକୁ ଯାଉଛନ୍ତି। ମାତ୍ର ଏହା ସମସ୍ୟାର ସମାଧାନ ବଦଳରେ ଅଧିକ ସମସ୍ୟା ସୃଷ୍ଟି କରିବ । ତେଣୁ ଗୋଟିଏ ହସ୍ପିଟାଲ ଉତ୍ତର ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ଏରିଆରେ ଏବଂ ଅନ୍ୟଟି ଦକ୍ଷିଣ ଭୁବନେଶ୍ୱରର କଳିଙ୍ଗ ନଗର ଏରିଆରେ ହେଲେ ସମସ୍ତେ ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇ ପାରିବେ ବୋଲି ବରିଷ୍ଠ ନାଗରିକ ବିକାଶ ପରିଷଦ ତରଫରୁ ଲିଖିତ ଭାବେ ଦାବି କରାଯାଇଛି।

# ଅନୁଗୋଳର ବିକାଶ ନେଇ ନିଆଯିବ ପଦକ୍ଷେପ, ଜମି ସେଟଲମେଣ୍ଟର ହେବ ସମାଧାନ : ରାଜସ୍ୱ ମନ୍ତ୍ରୀ

**ଅନୁଗୋଳ, ନ୍ୟୁଜ ବ୍ୟୁରୋ**



ମନ୍ତ୍ରୀ ପଦ ପାଇବା ପରେ ପ୍ରଥମ ଥର ଜିଲ୍ଲା ଗସ୍ତରେ ଆସିଥିଲେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ଏହି ସମୟରେ ସେ ଅନୁଗୋଳ ବିକାଶ ଦିଗରେ କାମ କରାଯିବା ନେଇ ଆଲୋଚନା କରିବା ସହ ପ୍ରତିଶୃତି ଦେଇଥିଲେ । ଦୀର୍ଘ ବର୍ଷ ଧରି ଶିଳ୍ପାୟନକୁ ନେଇ ଲାଗି ରହିଥିବା ଜମି ସମସ୍ୟା ଦୂର ହେବ । ଏହାସହ ଚାଷ, ଚାଷୀ ଓ ନିଯୁକ୍ତିକୁ ପ୍ରାଥମିକତା ଦିଆଯିବ । ଅନୁଗୋଳରେ ପହଞ୍ଚିବା ପରେ ପ୍ରଥମେ ସମସ୍ତ ନିର୍ବାଚିତ ବିଧାୟକଙ୍କ ଉପସ୍ଥିତିରେ ଜିଲ୍ଲାପାଳଙ୍କୁ ଭେଟି ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇବା ସହ ସମୀକ୍ଷା କରିଥିଲେ । ଏହାପରେ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ପହଞ୍ଚିଥିଲେ । ସେଠାରେ ଶହ ଶହ କର୍ମୀ ସୁରେଶ ପୂଜାରୀଙ୍କୁ ଭବ୍ୟ ସ୍ୱାଗତ କରିଥିଲେ । ଏହି ଅବସରରେ ମନ୍ତ୍ରୀ କହିଥିଲେ, 'ରାଜସ୍ୱ ବିଭାଗ ସବୁ ବିଭାଗ ଆଧାର ଅଟେ । ଏହି ଗୁରୁତ୍ୱପୂର୍ଣ୍ଣ ବିଭାଗର ସେବା ଲୋକଙ୍କ ପାଖକୁ ପହଞ୍ଚାଇବା ପାଇଁ ପଦକ୍ଷେପ ନିଆଯାଇଛି। ରାଜସ୍ୱ ବିଭାଗର ସେବା ବିନା ବାଧାରେ ଧାଡ଼ିର ଶେଷରେ ଛିଡା ହୋଇଥିବା ବ୍ୟକ୍ତିଙ୍କ ପାଖକୁ କିପରି ଭାବେ ପହଞ୍ଚିବ ସେନେଇ ପଦକ୍ଷେପ ନିଆଯିବ।' ଆଗାମୀ ଦିନରେ ନୂଆ ଓଡ଼ିଶା ଗଠନ କରାଯିବ ଯାହା ସମୃଦ୍ଧ, ବିକଶିତ, ଆତ୍ମ ନିର୍ଭର, କ୍ଷୁଧା ମୁକ୍ତ, ଭୟ ମୁକ୍ତ ଓ ହିଂସା ମୁକ୍ତ ହେବ ବୋଲି ମନ୍ତ୍ରୀ କହିଛନ୍ତି । ଆସନ୍ତା ମାସରେ ସରକାରୀ ସ୍ତରରେ ଏକ ଉଚ୍ଚସ୍ତରୀୟ ବୈଠକ ଡକାଯାଇ ଯାହାବି ସମସ୍ୟା ଅଛି ତା'ର ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି ।

# ଓଡ଼ିଶାର ସମସ୍ତ ସାଧାରଣ ବିଦ୍ୟାଳୟରେ ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ନିମନ୍ତେ ମନ୍ତ୍ରୀଙ୍କ ସହ ଆଲୋଚନା



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବୁଧବାର ଓଡ଼ିଶାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମହୋଦୟଙ୍କୁ ଓଏସ୍‌ଇଏଫଡ଼ି ସଂଘର ରାଜ୍ୟ ଯୁଗ୍ମ ସମ୍ପାଦକ ଆୟୁଷ୍ମାନ ଚୌଧୁରୀ, କାର୍ଯ୍ୟକର୍ତ୍ତା ବେଣୁଧର ଖିଲାର, ଅଭିଷେକ ଆଚାର୍ଯ୍ୟ ସଂଘ ପକ୍ଷରୁ ସ୍ୱାଗତ କରିବା ସହ ପ୍ରତ୍ୟେକ ସାଧାରଣ ବିଦ୍ୟାଳୟରେ ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନଙ୍କ ଶିକ୍ଷା ପାଇଁ ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି କରିବାକୁ ଆଲୋଚ୍ନା କରିଥିଲେ। ଏହି ନିଯୁକ୍ତି ପାଇଁ ପି.ଡବ୍ଲୁ.ଡ଼ି ଆକ୍ଟ ୧୯୯୫, ଆର.ପି.ଡବ୍ଲୁ.ଡ଼ି ଆକ୍ଟ ୨୦୧୬ ଏବଂ ଆର.ଟି.ଇ ଆକ୍ଟ ୨୦୦୯ ରହିଛି। ତତ୍‌ସହିତ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ୨୦୨୧ ମସିହା ଅକ୍ଟୋବର ୨୮ ତାରିଖ ଡବ୍ଲୁ.ପି (ସି ) ୧୩୨ ଅଫ୍ ୨୦୧୬ ରହିଛି, ଏପରିକି ଓଡ଼ିଶାରେ ୬୪୦୦୦ରୁ ଅଧିକ ସାଧାରଣ ବିଦ୍ୟାଳୟ ଅଛି ଏବଂ ପ୍ରାୟ ୧ ଲକ୍ଷ ୫୦ ହଜାର ବିଶେଷ ଅବଶ୍ୟକ ରଖୁଥିବା ପିଲା ଏହି ବିଦ୍ୟାଳୟ ମାନଙ୍କରେ ନାମ ଲେଖାଇଛନ୍ତି। କିନ୍ତୁ ସେମାନଙ୍କୁ ପଢ଼ାଇବା ପାଇଁ ତାଲିମପ୍ରାପ୍ତ ସ୍ୱତନ୍ତ୍ର ଶିକ୍ଷକଙ୍କ ଆବଶ୍ୟକତା ରହିଛି, ଯାହାର କି ସମ୍ପୂର୍ଣ୍ଣ ଅଭାବ ରହିଛି ଏବଂ ଆଜି ଯାଏଁ ସାଧାରଣ ବିଦ୍ୟାଳୟରେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ଦିଆଯାଇ ନାହିଁ। ଏହି ନିଯୁକ୍ତି ପାଇଁ ଆମ ସଂଘ ପକ୍ଷରୁ ପୂର୍ବ ସରକାରଙ୍କୁ ବାରମ୍ବାର ଅନୁରୋଧ କରାଯାଇଥିଲା ଏବଂ ଅହୋରାତ୍ର ଧାରଣା ଦିଆଯାଇଥିଲେ ମଧ୍ୟ କିଛି ସୁଫଳ ମିଳିପାରିନଥିଲା। ଏହି ସମସ୍ତ ବିଷୟକୁ ମନ୍ତ୍ରୀ ଗମ୍ଭୀରତାର ସହ ନେଇ ଦିବ୍ୟାଙ୍ଗ ପିଲାଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଆଣିବାକୁ ହେଲେ ତାଲିମପ୍ରାପ୍ତ ଶିକ୍ଷକ ନିଯୁକ୍ତି ନିଶ୍ଚୟ ହେବ ବୋଲି କହିଥିଲେ।ଏହି ପରିପ୍ରେକ୍ଷୀରେ ସଂଘ ପକ୍ଷରୁ କୁହାଯାଇଛି ଯେ, ମନ୍ତ୍ରୀଙ୍କ ସହ ଆଲୋଚନା ସକରାତ୍ମକ ହୋଇଛି।ଏହି ନିଯୁକ୍ତି ଦିଆଗଲେ ରାଜ୍ୟର ୭୦୦୦ରୁ ଉର୍ଦ୍ଧ୍ୱ ଆଶାୟୀ ସ୍ୱତନ୍ତ୍ର ଶିକ୍ଷକ ଓ ଶିକ୍ଷୟିତ୍ରୀ ଗଣ ଉପକୃତ ହେବା ସହ ଦିବ୍ୟାଙ୍ଗ ବିଦ୍ୟାର୍ଥୀମାନେ ଉତ୍ତମ ଶିକ୍ଷା ପାଇ ସମାଜର ମୁଖ୍ୟସ୍ରୋତରେ ସାମିଲ୍ ହେବା ସହ ଆତ୍ମନିର୍ଭରଶୀଳ ହୋଇପାରିବେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ହାରିଯାଇଥିବା ହରଙ୍କ ବିରୁଦ୍ଧରେ...

ଦାସଙ୍କ ନାମ ଉଲ୍ଲେଖ ହୋଇନଥିଲେ ସୁଦ୍ଧା ଶ୍ରୀ ଦାସ କୋର୍ଟରେ 'ତାଙ୍କର' ଏଥିରେ ମାନହାନି ହୋଇଛି ବୋଲି ଉଲ୍ଲେଖ କରିବା ଯୋଗୁଁ ସାଧାରଣରେ କୌତୂହଳ ସୃଷ୍ଟି ହୋଇଥିଲା।

'ଠାକୁର ଘରେ କିଏ ନା ମୁଁ କଦଳୀ ଖାଇନି' ନ୍ୟାୟରେ ଉକ୍ତ ବ୍ୟକ୍ତି ହର ପ୍ରସାଦ ଦାସ 'ନିଜେ ସେହି' ସାହିତ୍ୟିକ ବୋଲି ଆପେ ଆପେ ନିଜକୁ ଉଲ୍ଲେଖ କରି କୋର୍ଟରେ 'ସମ୍ବାଦ କଳିକା' ସମ୍ବାଦ ପତ୍ର, ଏହାର ପ୍ରକାଶିକା ବାସନ୍ତୀ ରାୟ, ସମ୍ପାଦକ ଜୟାଶୀଷ ରାୟ ଓ ଅନ୍ୟ ୮ ଜଣ ବିଶିଷ୍ଟ ସାହିତ୍ୟିକ ସର୍ବଶ୍ରୀ ଅସିତ ମହାନ୍ତି, ମନୁ ଦାସ, ଉମାକାନ୍ତ ରାଉତ, ପଲ୍ଲିଶ୍ରୀ ପଟ୍ଟନାୟକ, କୁଳାଙ୍ଗାର ଓରଫ୍ ପ୍ରୀତିକାନ୍ତ ପଣ୍ଡା, ଅମିୟ ପାଣ୍ଡବ ଓ ପ୍ରଫେସର ବିମଳେନ୍ଦୁ ମହାନ୍ତିଙ୍କୁ ପକ୍ଷଭୁକ୍ତ କରି ମାନହାନି ମକଦ୍ଦମା ଦାୟର କରିଥିଲେ।

ସାହିତ୍ୟିକାଙ୍କୁ ଯୌନ ନିର୍ଯାତନା କରାଯାଉଥିବା ଅଭିଯୋଗ ଆଣି ଭୁବନେଶ୍ୱରର ସଚେତନ ନାଗରିକ ତଥା ବୁଦ୍ଧିଜୀବୀଙ୍କ ପକ୍ଷରୁ ମହିଳାଥାନାରେ ମଧ୍ୟ ପ୍ରଫେସର ବିମଳେନ୍ଦୁ ମହାନ୍ତି ଅଭିଯୋଗ ଆଣିଥିଲେ। ମହିଳାଥାନା ପକ୍ଷରୁ ଏ ବାବଦରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ଠିକ୍ ଏହା ପରେ ଉକ୍ତ ବ୍ୟକ୍ତି ହରପ୍ରସାଦ ଭୁବନେଶ୍ୱର କୋର୍ଟରେ ମାନହାନି ମକଦ୍ଦମା ରୁଜୁ କରିଥିଲେ। ସମ୍ବାଦ ପତ୍ର ଭଳି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭକୁ 'Law of Natural Justice' ପ୍ରଦାନ କରା ନ ଯାଇ ଏକତରଫା ଭାବେ କୌଣସି ସମ୍ବାଦ ପ୍ରକାଶ ନ କରିବା ତଥା ଏ ବାବଦରେ କୌଣସି ଚର୍ଚ୍ଚା ସାଧାରଣରେ ନ କରିବା ପାଇଁ ବିଚାରପତି ଆଦେଶ ଦେଇଥିଲେ। ପକ୍ଷଭୁକ୍ତ ହୋଇଥିବା ସାହିତ୍ୟିକ, ଖବର କାଗଜର ସମ୍ପାଦକ କିମ୍ବା ପ୍ରକାଶିକାଙ୍କୁ ସେମାନଙ୍କର ବକ୍ତବ୍ୟ ରଖିବାର ସୁଯୋଗ ଦିଆଯାଇ ନ ଥିଲା ବୋଲି ସେତେବେଳେ ଆଇନଜୀବୀମାନେ ପ୍ରକାଶ କରିଥିଲେ।

୨୦୧୭ରେ ଦାଖଲ ହୋଇଥିବା ଏହି ମାନହାନୀ ମକଦ୍ଦମା ଦୀର୍ଘ ୭ ବର୍ଷ ଧରି ଚାଲିଥିଲା ଓ ପ୍ରାୟ ୪୦ ଥର ତାରିଖ ଗଡ଼ିବା ସତ୍ତ୍ୱେ ସମ୍ପୃକ୍ତ ବ୍ୟକ୍ତି ହରପ୍ରସାଦ କୋର୍ଟରେ ଆସି ତାଙ୍କ ବକ୍ତବ୍ୟ ରଖି ନ ଥିଲେ। ହରପ୍ରସାଦଙ୍କୁ ଭଲ ଭାବେ ଜଣାଥିଲା 'ସମ୍ବାଦ କଳିକା' ଖବର କାଗଜରେ ଯେଉଁ ଖବର ପ୍ରକାଶ ପାଉଥିଲା ସେଥିରେ କେଉଁଠି ହେଲେ ବି ହରପ୍ରସାଦଙ୍କ ନାମ ଉଲ୍ଲେଖ କରାଯାଇ ନ ଥିଲା। ସୁତରାଂ କୋର୍ଟରେ ଆସି ତାଙ୍କର ବୟାନ ଦେଲାବେଳେ ହରପ୍ରସାଦଙ୍କୁ ସ୍ୱୀକାର କରିବାକୁ ପଡ଼ିଥାନ୍ତା ଯେ ଯେଉଁ ବିଶେଷଣମାନ ଖବରରେ ଉଲ୍ଲେଖ ହୋଇଛି ଅର୍ଥାତ- ନୀଳବର୍ଣ୍ଣ ଶୃଗାଳ, ଯୌନ କେଳେଙ୍କାରୀର ନାୟକ ଓ ଚିନ୍ତକ, ଓଡ଼ିଆ ସାହିତ୍ୟରେ କୋକିଶିଆଳି ହୋଇ ମହିଳା ସାହିତ୍ୟିକାଙ୍କୁ ମୌଖିକ ଓ ଅଶ୍ଳୀଳ ଆଚରଣକାରୀ ବ୍ୟକ୍ତି ଯେ ସେ ନିଜେ, ସେ କଥା ସ୍ୱୀକାର କରିବା ପାଇଁ ସେ ପ୍ରସ୍ତୁତ ନ ଥିଲେ। ଏହା ସେ କରିଥିଲେ ସମଗ୍ର ଓଡ଼ିଶାର ସାହିତ୍ୟ ଜଗତରେ ସେ ଆଉ ମୁହଁ ଦେଖେଇ ପାରିନଥାନ୍ତେ। ସେଥିପାଇଁ ସେ ୪୦ ଥର ତାରିଖ ପଡୁଥିଲେ ସୁଦ୍ଧା ଥରେ ହେଲେ ମଧ୍ୟ ଆସୁ ନଥିଲେ।

ଗୋଟିଏ ଅଗ୍ରଣୀ ସମ୍ବାଦପତ୍ର ଏହାର ପ୍ରକାଶିକା ଓ ସମ୍ପାଦକଙ୍କ ଉପରେ କଟକଣା ଜାରି କରିବା ଓ ଅନ୍ୟ ୮ ଜଣ ବିଶିଷ୍ଟ ସାହିତ୍ୟିକଙ୍କ ଉପରେ ସେହି ଅନୁରୂପ କଟକଣା ଲଗାଇବା ଯୋଗୁଁ ଏହି ଜଘନ୍ୟ ଯୌନ କାରବାରରେ ଜଡ଼ିତ ଥିବା ସାହିତ୍ୟିକଙ୍କ ବିଷୟରେ ଆଉ ଚର୍ଚ୍ଚା ହେବ ନାହିଁ ବୋଲି ତାଙ୍କର ଅନ୍ତର୍ନିହିତ ଉଦ୍ଦେଶ୍ୟ ଥିଲା।

ସାମୟିକ ଭାବରେ ସେ ସେଥିରେ ସଫଳ ହୋଇଥିଲେ ସତ ହେଲେ ଏବେ ପୁଣି ସେ ଚର୍ଚ୍ଚାର ବଳୟକୁ ଆସିଛନ୍ତି। ୭ ବର୍ଷ ପରେ ତାଙ୍କର ସମସ୍ତ କାରବାର ସମ୍ପର୍କରେ ଫେସବୁକ୍ ଓ ସାମାଜିକ ଗଣମାଧ୍ୟମରେ ଲେଖାଲେଖି ଆରମ୍ଭ ହୋଇଥିବାର ଦେଖିବାକୁ ମିଳୁଛି। ଇତି ମଧ୍ୟରେ ରାଜ୍ୟର ଅଗ୍ରଣୀ ସମ୍ବାଦ ପତ୍ର 'ସମ୍ବାଦ କଳିକା'ର ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏଭଳି ମନଗଢ଼ା ଉଦ୍ଦେଶ୍ୟମୂଳକ ହୀନଚକ୍ରାନ୍ତ ପୋଷଣ ପୂର୍ବକ ବେଆଇନ ମାନହାନି ମକଦ୍ଦମା କରି ସମ୍ବାଦପତ୍ର ଭଳି ଚତୁର୍ଥ ସ୍ତମ୍ଭର କଣ୍ଠରୋଧ କରିବା ପାଇଁ ହୀନପ୍ରୟାସ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଚାର ଆଲୋଚନା କରାଯାଉଛି।

## କଡ଼ା ନିୟମ: ପାର୍ଲାମେଣ୍ଟରେ...

କଳା ଦିବସ, ଦେଶଦ୍ରୋହୀ ଇତ୍ୟାଦି। ଡବଲ ଚରିତ୍ର, ଗାଳିଗୁଲଜ, ଚୋର-ଚୋର ସମ୍ପର୍କୀୟ ଭାଇ, ଚତୁର୍ଥାଂଶ, ଚତୁରତା, ଏକଛତ୍ରବାଦୀ ଶାସକ, ଅଶିକ୍ଷିତ, ଅନିୟମିତ, ଅରାଜକ, ମୂଲ୍ୟହୀନ, ଜିମିକ, ଦୁର୍ନୀତିଗ୍ରସ୍ତ, ରକ୍ତହୀନ, ଡ୍ରାମା, କପଟି, କୁମ୍ଭୀର କାନ୍ଦଣା, ଘୋଡ଼ା ବେପାର ଶବ୍ଦ ବ୍ୟବହାର ଉପରେ ନିଷେଧାଦେଶ ଅଛି। ଏପରି ପରିସ୍ଥିତିରେ ଯଦି କୌଣସି ଏମ୍‌ପି ଏପରି ଶବ୍ଦ ବ୍ୟବହାର କରନ୍ତି, ତେବେ ତାଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ଯଦିଓ ଅସଦୁଦ୍ଦିନଙ୍କ ମାମଲା ଟିକିଏ ଅଲଗା, ଏହା ପ୍ରଥମ ଥର ପାଇଁ ଜଣେ ଏମ୍‌ପି ଲୋକସଭାରେ ଅନ୍ୟ ଦେଶର ସ୍ଲୋଗାନ ଦେଇଛନ୍ତି। ଏଭଳି ପରିସ୍ଥିତିରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁଙ୍କ ବିବୃତି ମଧ୍ୟ ଆସିଛି। ମେଣ୍ଟରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ସେ କହିଛନ୍ତି ଯେ, ପାଲେଷ୍ଟାଇନ କିମ୍ବା ଅନ୍ୟ କୌଣସି ଦେଶ ସହ ଆମର ଶତ୍ରୁତା ନାହିଁ। ଏକମାତ୍ର ସମସ୍ୟା ହେଉଛି ଶପଥ ସମୟରେ ଅନ୍ୟ କୌଣସି ସଦସ୍ୟ ଅନ୍ୟ ଦେଶ ବିଷୟରେ କଥା ହେବା ଉଚିତ କି ନୁହେଁ। ଏହି ବିଷୟରେ ନିୟମ କ'ଣ ଆମେ ଯାଞ୍ଚ କରିବୁ। ପାର୍ଲାମେଣ୍ଟର ଉଭୟ ଗୃହରେ ଏକ ନୈତିକ କମିଟି ଅଛି। ଯାହା ନେତାଙ୍କ ନୈତିକ ଆଚରଣ ଉପରେ ନଜର ରଖେ। ଯଦି ଏହି କମିଟି ସୁପାରିସ କରେ ଯେ, ଏକ ନିର୍ଦ୍ଦିଷ୍ଟ ସଦସ୍ୟ ଗୃହର ସମ୍ମାନ ଭଙ୍ଗ କରୁଛନ୍ତି, କିମ୍ବା ସାଧାରଣ ଜୀବନରେ ଶୋଭା ଭଙ୍ଗ କରୁଛନ୍ତି, ତେବେ ତାଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ନିଆଯିବ। ଠିକ୍ ସେହିପରି ନୈତିକ କମିଟିର ସୁପାରିସ କ୍ରମେ ମହୁଆ ମୋଇତ୍ରାଙ୍କ ସଦସ୍ୟତା ମଧ୍ୟ ବାତିଲ କରାଯାଇଥିଲା।

## ସୁରକ୍ଷା ବାହିନୀ ଏନକାଉଣ୍ଟରରେ...

ଚେକ୍ ପୋଷ୍ଟ ଉପରେ ଆକ୍ରମଣ କରିଥିବା ବେଳେ ୬ ଜଣ ସୁରକ୍ଷାକର୍ମୀ ଆହତ ହୋଇଥିଲେ। ପରଦିନ ଗାନ୍ଧୋ ଅଞ୍ଚଳର କୋଟା ଶୀର୍ଷରେ ଆତଙ୍କବାଦୀଙ୍କ ସହିତ ଗୁଳି ବିନିମୟରେ ଜଣେ ପୁଲିସ କର୍ମଚାରୀ ଆହତ ହୋଇଥିଲେ। ଏହି ଯୁଗ୍ମ ଆକ୍ରମଣ ପରେ ସୁରକ୍ଷା ବାହିନୀ ଆତଙ୍କବାଦ ବିରୋଧୀ କାର୍ଯ୍ୟକୁ ଆହୁରି ଜୋରଦାର କରି ଜିଲ୍ଲାରେ ଅନୁପ୍ରବେଶ କରିଥିବା ଚାରିଜଣ ପାକିସ୍ତାନୀ ଆତଙ୍କବାଦୀଙ୍କ ପାଇଁ ପ୍ରତ୍ୟେକଙ୍କୁ ୫ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରିଥିଲେ। ସୁରକ୍ଷା ବାହିନୀର ସହାୟତାରେ ପୁଲିସ ସିନୋ ପଞ୍ଚାୟତ ଗାଁରେ ଅପରେସନ୍ ଆରମ୍ଭ କରିଥିଲା କିନ୍ତୁ ଲୁଚି ରହିଥିବା ଆତଙ୍କବାଦୀମାନେ ଗୁଳିଚାଳନା ଆରମ୍ଭ କରି ଦେଇଥିଲେ। ଶେଷ ରିପୋର୍ଟ ପର୍ଯ୍ୟନ୍ତ ଗୁଳି ବିନିମୟ ଜାରି ରହିଥିଲା।

## ନିର୍ଧୂମ୍ ବର୍ଷାରେ ଜଳାର୍ଣ୍ଣବ...

ଭୁବନେଶ୍ୱର ଆଦି ଅଞ୍ଚଳ କିଛି ସମୟ ପାଇଁ ବିଚ୍ଛିନ୍ନ ହୋଇପଡିଥିଲା। ଏପରିକି ବାଣୀବିହାର ଛକରୁ ରାଜମହଲ ଦେଇ ଶିଶୁଭବନ ଛକ, ଜୟଦେବ ବିହାର ଛକରୁ କଳିଙ୍ଗ ଷ୍ଟାଡିୟମ ଛକ, ଶାସ୍ତ୍ରୀନଗର, ପାୱାର ହାଉସ ଛକ, ସେହିପରି ଜାତୀୟ ରାଜପଥରେ ଇସ୍କନ ମନ୍ଦିର ସମ୍ମୁଖ ରାସ୍ତା ବର୍ଷା ପାଣିରେ ବୁଡି ଯାଇଥିଲା। ଯାହା ଫଳରେ ଲୋକ ଚଳାଚଳ ସବୁ ବନ୍ଦ ହୋଇଯାଇଥିଲା। ଏହା ବ୍ୟତୀତ ରାଜଧାନୀର ସମସ୍ତ ଖାଲୁଆ ଅଞ୍ଚଳ ଓ ବସ୍ତି ଅଞ୍ଚଳ ମଧ୍ୟ ପ୍ରବଳ ବର୍ଷା ଯୋଗୁଁ ପ୍ରଭାବିତ ହୋଇଥିଲା। ଭୁବନେଶ୍ୱର ସହର ମଧ୍ୟରେ ଥିବା ସମସ୍ତ ପ୍ରାକୃତିକ ନାଳ ବା ଡ୍ରେନ୍ ପୋତି ହୋଇ ପଡିଥିବାରୁ ବା ଜବରଦଖଲ ହୋଇଥିବାରୁ ପ୍ରବଳ ବର୍ଷା ସମୟରେ ବର୍ଷା ପାଣି ରାସ୍ତା ଉପରେ ପ୍ରବାହିତ ହେବା ସାଙ୍ଗକୁ ତଳୁଆ ଅଞ୍ଚଳରେ ଘରେ ମଧ୍ୟ ପ୍ରବେଶ କରୁଥିବା ସମ୍ପର୍କରେ ପ୍ରଶାସନିକ କର୍ତ୍ତୃପକ୍ଷ ଜାଣିଥିଲେ ମଧ୍ୟ ଏଥି ପ୍ରତି ସମୋଚିତ ଦୃଷ୍ଟି ଦିଆଯାଇନଥିବାରୁ ରାଜଧାନୀ ବାସିନ୍ଦା ବାରମ୍ବାର ଏପରି ଦୁର୍ଦ୍ଦଶାର ସମ୍ମୁଖୀନ ହୋଇ ଆସୁଛନ୍ତି ବୋଲି ଅନେକ ମତ ଦେଇଛନ୍ତି।

# ବଧୂ ହତ୍ୟା, ଶାଶୂ ଘରର ୫ ଗିରଫ

**ଦିଗପହଣ୍ଡି, ନ୍ୟୁଜ ବ୍ୟୁରୋ**

ଭୀଷ୍ମଗିରି ଗାଁରେ ନାବାଳିକା ବୋହୁକୁ ହତ୍ୟା ମାମଲାରେ ପୁଲିସ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। ବୋହକୁ ହତ୍ୟା କରିଥିବା ଅଭିଯୋଗରେ ପୁଲିସ ପକ୍ଷରୁ ଶାଶୂ ଘର ପରିବାରର ୫ଜଣଙ୍କୁ ଗିରଫ କରିଛି। ଗିରଫଙ୍କ ମଧ୍ୟରେ ଗୋଟିଏ ପରିବାର ସଦସ୍ୟ ଅଛନ୍ତି। ସେମାନେ ହେଲେ ସ୍ୱାମୀ, ଶାଶୂ, ଶ୍ୱଶୁର, ଦିଅର ଓ ନଣନ୍ଦ ବୋଲି ସୂଚନା ମିଳିଛି। ଗତକାଲି ଭୀଷ୍ମଗିରି ଗାଁରେ ନାବାଳିକା ବୋହୁର ମୃତ୍ୟୁ ହୋଇଥିଲା। ବୋହୁର ପରିବାର ଲୋକେ ନିଜ ଝିଅକୁ ହତ୍ୟା କରିଥିବା ଅଭିଯୋଗ ଆଣିଥିଲେ। ଫଳରେ ଦିଗପହଣ୍ଡି ପୁଲିସ ପକ୍ଷରୁ ଶ୍ମଶାନରୁ ନାବାଳିକା ବୋହୁର ହାଡ଼ ଓ ପାଉଁଶ ଜବତ କରିଥିଲା। ପ୍ରାଥମିକ ତଦନ୍ତ ପରେ ସ୍ୱାମୀ, ଶାଶୂ, ଶ୍ୱଶୁର, ଦିଅର ଓ ନଣନ୍ଦଙ୍କୁ ପୁଲିସ ଗିରଫ କରିଥିବା ଜଣାପଡ଼ିଛି।

# ଜରୁରୀକାଳୀନ ପରିସ୍ଥିତି ବିରୋଧରେ ଲଢ଼ିଥିବା ଲୋକଙ୍କୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କଲେ ନମନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କଂଗ୍ରେସ ଦ୍ୱାରା ଲାଗୁ ହୋଇଥିବା ଜରୁରୀକାଳୀନ ପରିସ୍ଥିତି ବିରୋଧରେ ସଂଘର୍ଷ କରିଥିବା ସମସ୍ତ ଲୋକଙ୍କୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନମନ କରିଛନ୍ତି । ଶ୍ରୀ ପ୍ରଧାନ ସୋସିଆଲ ମିଡିଆରେ ଲେଖିଛନ୍ତି ୧୯୭୫ ମସିହା ଆଜିର ଦିନରେ କଂଗ୍ରେସ ନିଜର ସତ୍ତାଲୋଲୁପତା, ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଗଣତନ୍ତ୍ରର ହତ୍ୟା କରି ଦେଶକୁ ଜରୁରୀକାଳୀନ ପରିସ୍ଥିତିର ନିଆଁରେ ପକାଇ ଦେଇଥିଲା। ଜରୁରୀକାଳୀନ ପରିସ୍ଥିତି ସମୟରେ କଂଗ୍ରେସ ସମ୍ବିଧା ସହିତ ଦେଶର ଆତ୍ମା ଉପରେ ମଧ୍ୟ କୁଠାରାଘାତ କରିଥିଲା । ଏହା ଆମର ଗଣତନ୍ତ୍ରର ସବୁଠାରୁ କଳା ଅଧ୍ୟାୟ ଥିଲା । ଗଣତନ୍ତ୍ରର ପୁନରୁଦ୍ଧାର ଏବଂ ସମ୍ବିଧାନର ସମ୍ମାନ ରକ୍ଷା କରିବା ପାଇଁ କଂଗ୍ରେସର ଏକଛତ୍ରବାଦୀ ଶାସନ ବିରୁଦ୍ଧରେ ଲଢ଼ିଥିବା ସମସ୍ତ ରାଷ୍ଟ୍ର ସେବକ ମାନଙ୍କୁ ନମନ କରୁଛି ।


OFFICE OF THE MUNICIPAL COUNCIL, BARBIL — C-88

NO. 1601 DATE. 20.06.2024

QUOTATION CALL NOTICE

Sealed quotations are invited from the registered contractors/ agencies having valid Contractor license, Registration certificate, PAN card, GST, Labour license for Barricading and plantation at road side and middle separator of road from Barbil entrance Welcome gate to S. Lal Park, Barbil Municipality. The prescribed quotation schedule can be obtained from the Cashier of Barbil Municipality on payment of **Rs.2,000/-** (Rupees Two thousand) in shape of Cash/ Bank Draft/ Bankers Cheque drawn in favour of the Executive Officer, Barbil Municipality payable at Barbil from any Nationalized Bank and E.M.D. of **Rs.6,000/-** (Rupees Six thousand) only to be deposited by Cash/ Bank Draft/ Bankers Cheque/ Term deposit pledged in favour of Executive Officer, Barbil Municipality from Dt.24.6.2024 to Dt.02.7.2024 up to 12.30 P.M. during office hour except holidays. The quotation paper along with all documents should reach the undersigned by Regd. Post/ Speed Post or by person on or before Dt.02.7.2024 up to 12.30 P.M. and the same will be opened on the same date i.e. 02.7.2024 at 3.30 P.M. in presence of the quotationers or their authorized representative if any.

All terms and conditions may be seen in the quotation schedule. The undersigned has the rights to accept, cancel or reject any or all the quotations without assigning any reason thereof.

Sd/-
Executive Officer,
Barbil Municipality.

OIPR-13108/11/0002/2425



Government of Odisha "e" Procurement Notice — C-99

Bid Identification No.05/2024-25

| | | | |
|---|---|---|---|
| 1. | Name of the work | : | 01 No. of work |
| 2. | Estimated cost | : | 13.56 Lakhs |
| 3. | Period of completion | : | One month. |
| 4. | Date & Time of availability of bid document in the portal | : | From 11.00 AM. of 02.07.2024 to 5.00 PM of 11.07.2024 |
| 5. | Last date / time for receipt of bids in the portal | : | 5.00 PM of 11.07.2024 |
| 6. | Name and address of the Officer inviting Bid | : | Additional Chief Engineer, P.H. Division, Bhubaneswar. |

Further details can be seen from e-procurement portal in the Website (http://tendersorissa.gov.in)

Sd/- Additional Chief Engineer
P.H. Division, Bhubaneswar

OIPR-13205/11/0003/2425

ଭୁବନେଶ୍ୱର
୨୭ ଜୁନ୍
ଗୁରୁବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24



ଭୁବନେଶ୍ୱର : ଏମ୍‌ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

# ରଥ ଚାରିପାର୍ଶ୍ୱରେ ତାଗ ବାଡ଼ିଆ କାର୍ଯ୍ୟ ଆରମ୍ଭ

**ପୁରୀ, ୨୬/୦୬ ନ୍ୟୁଜ ବ୍ୟୁରୋ**

ମହାପ୍ରଭୁଙ୍କ ଘୋଷଯାତ୍ରା ପାଇଁ ଆଗେଇ ଚାଲିଛି ରଥ ନିର୍ମାଣ କାର୍ଯ୍ୟ। ମଙ୍ଗଳବାର ତିନି ରଥର ତୃତୀୟ ଭୂଇଁ ଫ୍ରେମ ଉଠି ମଝି ଭୂଇଁ ଉପରେ ସଂଯୋଗ ସହ ତୃତୀୟ ଭୂଇଁ ଉପରେ ୪ଟି ପୋଟଳ ଖମ୍ବି ଏବଂ ୨ଟି ପୋଟଳ ଶେଣୀ ସଂଯୋଗ ହୋଇଥିଲା। ୩ ରଥର ମହାରଣା ସେବକ ଓ ଭୋଇ ସେବକଙ୍କ ସହଯୋଗରେ ବଡଧରା ପୋଟଳ ୩ ରଥର ତୃତୀୟ ଭୂଇଁ ଉପରେ ସ୍ଥାପନ କରାଯାଇଛି। ଏଥିସହ ରଥର ପଛ ଆଣି ଢ଼ମକ ଚାରି ନାହାକାକୁ ଲାଗି ପଡ଼ି କଣ୍ଟା ବାଡିଆ ଶେଷ ହୋଇଛି। ଚାରି ନାହାକା ଉଭୟ ପଟରେ ମୂଳ କଇଞ୍ଚି ବାଡିଆ ଶେଷ ହୋଇଛି। ଏଥିସହ ତିନି ରଥର ଚାରିପାର୍ଶ୍ୱରେ ତାଗ ବାଡ଼ିଆ ବା ବଟନ ଆଡ଼ିଆ ଆରମ୍ଭ ହୋଇଛି। ତାଗ ବାଡିଆ ପରେ ରଥର ଚତୁଃପାର୍ଶ୍ୱରେ ପଟା ବାଡ଼ିଆ କାର୍ଯ୍ୟ ହେବ। ୩ ରଥର କନକମୁଣ୍ଡି, ନିର୍ମାଣ ସହ ତା'ର ଚାରିପାର୍ଶ୍ୱରେ କାପ ବିନ୍ଧ ଶେଷ ହେବା ସହ ରଥର କଳସ ପିଣ୍ଡି ନିର୍ମାଣ ଜାରି ରହିଛି। ବଡଧରା ପୋଟଳ ରଥରେ ସ୍ଥାପନ ପରେ ବାକି ପୋଟଳ ଗୁଡ଼ିକର ନିର୍ମାଣ କାର୍ଯ୍ୟ ଜାରି ରହିଛି। ୩ ରଥର ୪ଟି ଲେଖାଏଁ ଧ୍ୱଜବତା ନିର୍ମାଣ ଶେଷ ହୋଇଛି। ଏଥିସହ ରଥ ଦ୍ୱାରଗୁଡିକରେ ନାତଗୋଡ ସ୍ଥାପନ ପାଇଁ ୮ଟି ଲେଖାଏଁ ଗାରେଡ଼ି ନିର୍ମାଣ ଶେଷ ହୋଇଛି। ରୂପକାର ସେବକମାନେ ତିନିରଥର ଚରପରିଛାରେ ଚିତ୍ର ଖୋଦେଇ ଶେଷ କରିବା ସହ ନାଟଗୋଡ଼ ଗୁଡିକରେ ରୂପ ଖୋଦେଇ ଜାରି ରଖିଛନ୍ତି । ୩ ରଥର ଚିତ୍ରକାର ସେବକମାନେ ରଥର ବାହ୍ୟ ଅଂଶରେ ଧଳା ପ୍ରାଇମର ଦେବାସହ ରଥର ପାର୍ଶ୍ୱ ଦେବାଦେବୀ, ନର୍ତ୍ତକୀ, ଶିଖର ଡମ୍ବରୁ ଏବଂ ଠେକେରା ବାଡ଼ରେ ରଙ୍ଗ କାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାର ଶାଳରେ ଓଝା ସେବକ ତିନି ରଥ କଇଞ୍ଚି କଣ୍ଟା ନିର୍ମାଣ ସହ ପୋଟଳ ପାଇଁ ଗୋଡ଼ି ଛାଲ କଣ୍ଟା ନିର୍ମାଣ ଜାରି ରଖିଛନ୍ତି।



ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଏମ୍‌ସର ମେଡ଼ିକାଲ ସୁପରିନ୍‌ଟେଣ୍ଡେଣ୍ଟ ଡା. ଦିଲ୍ଲୀପ ପରିଡ଼ା ଓ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ। (ଫଟୋ : ସମ୍ବାଦ କଳିକା)

# ଟିଟିଲାଗଡରେ ରେଳ ଫ୍ଲାଏ ଓଭର ନିର୍ମାଣ ପାଇଁ ୧୮୩.୮୯ କୋଟି ମଞ୍ଜୁର

**ଭୁବନେଶ୍ୱର, ୨୬/୬:ନ୍ୟୁଜ ବ୍ୟୁରୋ**

ପୂର୍ବତଟ ରେଳପଥର ସମ୍ବଲପୁର ରେଳ ମଣ୍ଡଳ ଅନ୍ତର୍ଗତ ଟିଟିଲାଗଡ ଜଙ୍କସନ ଷ୍ଟେସନରେ ବୃଦ୍ଧି ପାଉଥିବା ରେଳ ଚଳାଚଳ ଏବଂ ଯାତାୟାତକୁ ଦୃଷ୍ଟିରେ ରଖି ରାୟପୁର-ବିଜୟନଗରମ, ଟିଟିଲାଗଡ-ସମ୍ବଲପୁର ଓ ସମ୍ବଲପୁର-ରାୟପୁର ରେଳ ସେକ୍ସନରେ ଟ୍ରେନ ଚଳାଚଳକୁ ସୁଗମ କରିବା ପାଇଁ ରେଳ ମନ୍ତ୍ରଣାଳୟ ଏକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପକୁ ଅନୁମତି ଦେଇ ଏଥିଲାଗି ବ୍ୟୟ ବାବଦରେ ଅର୍ଥ ମଞ୍ଜୁର କରିଛି । ରେଳ ମନ୍ତ୍ରଣାଳୟ ୮.୧୧ କିମି ଦୈର୍ଘ୍ୟ ଏକ ଫ୍ଲାଏଓଭର ନିର୍ମାଣ ପାଇଁ ୧୮୩.୮୯ କୋଟି ଟଙ୍କା ମଞ୍ଜୁର କରିଛି ଯାହାକି ଏହି ଫ୍ଲାଏଓଭର ଅନ୍ୟ ଲାଇନଗୁଡିକ ଅତିକ୍ରମ ନକରି ଟିଟିଲାଗଡରୁ ବିଜୟନଗରମ, ରାୟପୁର ଏବଂ ସମ୍ବଲପୁର ଦିଗରୁ ଟ୍ରେନ୍ ଚଳାଚଳ ପାଇଁ ଏକ ଉତ୍ସର୍ଗୀକୃତ ଭିତ୍ତିଭୂମି ଯୋଗାଇ ବୃଦ୍ଧି ପାଉଥିବା ଟ୍ରେନ୍ ଟ୍ରାଫିକ୍ ସମସ୍ୟାର ସମାଧାନ କରିବାକୁ ଲକ୍ଷ୍ୟ ରଖିଛି। ଏତେ ସଂଖ୍ୟକ କ୍ରସ୍ ଜନିତ ପ୍ରତିବନ୍ଧକ ଟ୍ରେନ୍ ଅପରେସନ୍ ସିଷ୍ଟମରେ ସାମଗ୍ରିକ ଗତିଶୀଳତାକୁ ପ୍ରଭାବିତ କରିଆସୁଛି । କେବଳ ଟିଟିଲାଗଡରେ ନୁହେଁ ବରଂ ପାଖାପାଖି ଷ୍ଟେସନ ମାନଙ୍କରେ ମଧ୍ୟ ଟ୍ରେନ୍ ଟ୍ରାଫିକ୍ ପ୍ରଭାବିତ ହୋଇ ଅଟକ ରଖାଯାଇଥାଏ। ଫ୍ଲାଏଓଭର ହେବା ଦ୍ୱାରା ଏହି ସମସ୍ୟା ଦୂର ହେବ। ନୂତନ ଫ୍ଲାଇଓଭର ଟିଟିଲାଗଡ଼ ଷ୍ଟେସନ ଠାରେ କ୍ରସିଂ ଜନିତ ଗତିବିଧି ପ୍ରତିବନ୍ଧକକୁ ଦୂର କରିବା ସହିତ ଉଭୟ ରାୟପୁର-ବିଜୟନଗରମ ମୁଖ୍ୟ ଲାଇନ ଏବଂ ଟିଟିଲାଗଡ-ସମ୍ବଲପୁର ଲାଇନରେ ଟ୍ରେନର ହାରାହାରି ଗତି ଏବଂ କାର୍ଯ୍ୟକ୍ଷମତାକୁ ଉନ୍ନତ କରିବ। ଏହି ବ୍ୟସ୍ତବହୁଳ ଜଙ୍କସନ ମଧ୍ୟ ଦେଇ ଚଳାଚଳ କରୁଥିବା ଟ୍ରେନ୍ ଗୁଡିକର ଅପେକ୍ଷା ସମୟକୁ ଯଥେଷ୍ଟ ହ୍ରାସ କରି ମେନ୍ ଲାଇନ୍ ଟ୍ରେନ୍‌ଗୁଡିକ ଟିଟିଲାଗଡ ଷ୍ଟେସନରେ ଆଉ ଅଟକ ରଖାଯିବ ନାହିଁ । ବିଭିନ୍ନ ଟ୍ରେନ୍ ଚଳାଚଳକୁ ନିୟନ୍ତ୍ରଣ କରୁଥିବା ଟିଟିଲାଗଡ ରେଳ ଷ୍ଟେସନ ଏକ ପ୍ରମୁଖ ସଂଯୋଗ ଅଟେ। ଏହି ଫ୍ଲାଏ ଓଭରର ନିର୍ମାଣ ବିଜୟନଗରମ, ସମ୍ବଲପୁର ଏବଂ ରାୟପୁରରୁ ଆସୁଥିବା କିମ୍ବା ସେହି ଦିଗକୁ ଯାତ୍ରା କରୁଥିବା ଟ୍ରେନର ଚଳାଚଳକୁ ସହଜ କରିବ। ପୂର୍ବରୁ, ଉପରୋକ୍ତ ତିନୋଟି ଦିଗରୁ କ୍ରସିଂ ଜନିତ ଟ୍ରାଫିକ୍ ଅନୁମତି ଦେବା ପାଇଁ ଟିଟିଲାଗଡରେ ଟ୍ରେନ୍ ଚଳାଚଳକୁ ନିୟନ୍ତ୍ରଣ କରିବାକୁ ପଡୁଥିଲା, ଯାହାଦ୍ୱାରା ବିଳମ୍ବ ଏବଂ ଚଳାଚଳ ପ୍ରତିବନ୍ଧକ ଦେଖାଦେଉଥିଲା ।

# ରତ୍ନଭଣ୍ଡାର ମରାମତି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ବାଲୁକାଶିଳ୍ପୀ ସୁଦର୍ଶନ



**ପୁରୀ, ୨୬/୬ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ବାଲୁକାଶିଳ୍ପୀ ସୁଦର୍ଶନ ପଟ୍ଟନାୟକ। ରତ୍ନଭଣ୍ଡାରକୁ ତୁରନ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ ପାଇଁ ଏଏସଆଇଙ୍କୁ ନିର୍ଦ୍ଦେଶ ଦେବାକୁ ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କୁ ଅନୁରୋଧ କରିଛନ୍ତି। ଭିତର ରତ୍ନଭଣ୍ଡାର ସ୍ଥିତି ଉଦ୍‌ବେଗଜନକ ଅଛି। ବର୍ଷା ଋତୁ ଆରମ୍ଭ ହୋଇଥିବାରୁ ରତ୍ନଭଣ୍ଡାରର ତୁରନ୍ତ ମରାମତିର ଆବଶ୍ୟକତା ଥିବା ଚିଠିରେ ଉଲ୍ଲେଖ କରିଛନ୍ତି । କାନ୍ଥ, ଛାତ, ପୁରା ବେସ୍‌ମେଣ୍ଟରେ ଫାଟ ଦେଖିବାକୁ ମିଳିଛି। ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ନହେବା ଦୁଃଖର ବିଷୟ ବୋଲି ସୁଦର୍ଶନ କହିଛନ୍ତି ।

## ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର କାର୍ଯ୍ୟାବଳୀ ସମୀକ୍ଷା

# ରାଜ୍ୟରେ ପ୍ରାଣୀସମ୍ପଦ, ମତ୍ସ୍ୟ, କ୍ଷୀରଧାରା, ଦୁଗ୍ଧବନ୍ୟା ମିଶନକୁ ସଶକ୍ତ କରାଯିବ

**ଭୁବନେଶ୍ୱର, ୨୬/୬ ନ୍ୟୁଜ ବ୍ୟୁରୋ**

ଲୋକଙ୍କ ଆସ୍ଥାଭାଜନ ହୋଇ ଓ ସ୍ୱଚ୍ଛତା ଅବଲମ୍ବନ ପୂର୍ବକ ବିଭାଗର ଅଧିକାରୀମାନେ କାର୍ଯ୍ୟ କରିବାକୁ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପରାମର୍ଶ ଦେଇଛନ୍ତି । ବୁଧବାର ଅପରାହ୍ଣରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ଯୋଜନା ଓ କାର୍ଯ୍ୟାବଳୀ ସମ୍ପର୍କିତ ସମୀକ୍ଷା ବୈଠକରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି ଯେ ରାଜ୍ୟର ଚାଷୀମାନଙ୍କ ଜୀବିକା ନିର୍ଦ୍ଧାରଣ ଓ ଆୟବୃଦ୍ଧି ଦିଗରେ ଏହି ବିଭାଗର ବିଶେଷ ଗୁରୁତ୍ୱ ଥିବାରୁ ସରକାରୀ ଯୋଜନାଗୁଡ଼ିକୁ ଲୋକାଭିମୁଖୀ କରିବା ଦିଗରେ ଅଧିକାରୀ ତଥା କ୍ଷେତ୍ର କର୍ମଚାରୀବୃନ୍ଦ ନିଷ୍ଠାପର ଭାବରେ କାର୍ଯ୍ୟ କରିବା ଆବଶ୍ୟକ।

ଓଡ଼ିଶା ପ୍ରାଣୀସମ୍ପଦ ବିକାଶ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ମନ୍ତ୍ରୀ ଶ୍ରୀ ମଲ୍ଲିକ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଛନ୍ତି । ସେ କହିଛନ୍ତି ଯେ ରାଜ୍ୟର ମତ୍ସ୍ୟଚାଷୀ, ମତ୍ସ୍ୟଜୀବୀ ଓ ପ୍ରାଣୀ ପାଳକମାନଙ୍କ ଆୟବୃଦ୍ଧି ପାଇଁ ବିଭାଗ ତରଫରୁ କାର୍ଯ୍ୟକାରୀ ହେଉଥିବା ବାୟୋଫ୍ଲକ୍, କେଜ୍ କଲଚର ମାଛଚାଷ, କୁକୁଡ଼ା ପାଳନ, ଗୋ'ପାଳନ ଓ ଦୁଗ୍ଧ ଉତ୍ପାଦନ, ଛେଳି ଓ ଘୁଷୁରୀ ପାଳନ ଓ ଘାସଚାଷ ପରି ଯୋଜନାଗୁଡ଼ିକରେ ଉଚିତ ପରିମାଣର ରିହାତି ଦେଇ ଚାଷୀମାନଙ୍କୁ ପ୍ରୋତ୍ସାହିତ କରିବା ସହ ସେମାନଙ୍କ ଅର୍ଥନୈତିକ ବିକାଶ ଦିଗରେ କାର୍ଯ୍ୟ କରିବାକୁ ହେବ। ମନ୍ତ୍ରୀ ପୁଣି କହିଛନ୍ତି ଯେ ପ୍ରତି ବ୍ଲକ୍‌ରେ ପ୍ରାଣୀରୋଗ ପରୀକ୍ଷାଗାର ପ୍ରତିଷ୍ଠା କରାଯିବା ସହିତ ବୁଲା ଓ ଅସହାୟ ପ୍ରାଣୀମାନଙ୍କ ପାଇଁ ଜରୁରୀକାଳୀନ ଚକିତ୍ସା ସେବାଯୋଗାଣ, ଅଧିକ ସଂଖ୍ୟକ ଗୋଶାଳା ପ୍ରତିଷ୍ଠା ଉପରେ



ମଧ୍ୟ ଗୁରୁତ୍ୱ ଦେବାକୁ ହେବ। ପ୍ରାଣୀମାନଙ୍କ ଟିକାକରଣ କାର୍ଯ୍ୟକ୍ରମ, କୃତ୍ରିମ ପ୍ରଜନନ, ମଧୁର ଓ କ୍ଷାରଜଳ ମାଛଚାଷ ଇତ୍ୟାଦିରେ କିପରି ଚାଷୀମାନେ ଅଧିକ ଲାଭପ୍ରଦ ହେବେ ସେ ବିଷୟରେ ଧ୍ୟାନ ଦେବାକୁ ହେବ । ଅନୁରୂପ ଭାବରେ ମନ୍ତ୍ରୀ ଶ୍ରୀ ମଲ୍ଲିକ ଓମ୍‌ଫେଡ୍ କାର୍ଯ୍ୟାବଳୀ ନେଇ ଅବଗତ ହୋଇଥିଲେ । ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ କ୍ଷେତ୍ରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ ସେହି ଯୋଜନାସବୁର ସୁଫଳ ଗ୍ରାମାଞ୍ଚଳରେ ଥିବା ଗୋ ପାଳକ, ପ୍ରାଣୀ ପାଳକ, ମତ୍ସ୍ୟଚାଷୀ ଓ ମତ୍ସ୍ୟଜୀବୀମାନଙ୍କୁ ମିଳିବା ଗୁରୁତ୍ୱପୂର୍ଣ୍ଣ ବୋଲି ଦର୍ଶାଇ ମନ୍ତ୍ରୀ ଶ୍ରୀ ମଲ୍ଲିକ ରାଜ୍ୟରେ ଓଡ଼ିଶା ପ୍ରାଣୀସମ୍ପଦ ମିଶନ, ଓଡ଼ିଶା ମତ୍ସ୍ୟ ମିଶନ, ଓଡ଼ିଶା କ୍ଷୀରଧାରା ମିଶନ, ଦୁଗ୍ଧବନ୍ୟା ମିଶନର କାର୍ଯ୍ୟକ୍ରମକୁ ସଶକ୍ତ କରିବା ପାଇଁ ଏକ ବଳିଷ୍ଠ ରୋଡ଼୍‌ମ୍ୟାପ୍ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେଇଛନ୍ତି।

ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ତଥା ବରିଷ୍ଠ ଅଧିକାରୀବୃନ୍ଦ ମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇଥିଲେ। ପ୍ରମୁଖ ଶାସନ ସଚିବ ଦୃଶ୍ୟଶ୍ରାବ୍ୟ ଉପସ୍ଥାପନ ମାଧ୍ୟମରେ ବିଭାଗର ଯୋଜନା ଓ କାର୍ଯ୍ୟକ୍ରମଗୁଡ଼ିକ ନେଇ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ବୈଠକରେ ମତ୍ସ୍ୟ ନିର୍ଦ୍ଦେଶକ ସାଦ୍ଦିକ୍ ଆଲାମ୍, ପ୍ରାଣୀ ପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶକ ରାମାଶିଷ ହାଜରା, ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ତଥା ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଆବଶ୍ୟକୀୟ ତଥ୍ୟ ପ୍ରଦାନ କରିଥିଲେ। ସ୍ୱତନ୍ତ୍ର ଶାସନ ସଚିବ ଗଙ୍ଗାଧର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



ଭୁବନେଶ୍ୱର : ସକ୍ରୀୟ ମୌସୁମୀ ପ୍ରଭାବରେ ପ୍ରବଳ ବର୍ଷାରେ ରାଜଧାନୀ ଉବୁଟୁବୁ : ଜୀବନଯାତ୍ରା ବିପର୍ଯ୍ୟସ୍ତ। (ଫଟୋ : ସମ୍ବାଦ କଳିକା)

# ସହରାଞ୍ଚଳ ଲୋକଙ୍କୁ ଉତ୍ତମ ସେବା ଯୋଗାଣ ପାଇଁ ଟିମ୍ ୱାର୍କ ଉପରେ ଗୁରୁତ୍ୱ

**ଭୁବନେଶ୍ୱର, ୨୬/୬ ନ୍ୟୁଜ ବ୍ୟୁରୋ**

ସହରାଞ୍ଚଳ ପ୍ରଶାସନର ପ୍ରାଥମିକତା ନେଇ ପୌର ଅଧିକାରୀମାନଙ୍କର ଦିନିକିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହା ଲୋକସେବା ଭବନ କନଭେନସନ ହଲରେ ଆୟୋଜିତ ହୋଇଥିଲା। ଯେଉଁଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ। ସହରାଞ୍ଚଳର ଲୋକଙ୍କୁ ଉନ୍ନତମାନର ସେବା ଯୋଗାଇବା ନୂଆ ସରକାରର ପ୍ରାଥମିକତା। ଏଥିପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅଧିକାରୀମାନେ ଟିମ୍ ୱାର୍କ କରିବାର



ଅବଶ୍ୟକତା ରହିଛି। ସେହିପରି ଅଫିସ କାର୍ଯ୍ୟ ସହିତ କ୍ଷେତ୍ର ପରିଦର୍ଶନ କରିବେ ଅଧିକାରୀ ବୋଲି କହିଛନ୍ତି ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର। ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୌରସଂସ୍ଥାରେ ବ୍ୟାପକ ପରିମାଣରେ ବୃକ୍ଷ ରୋପଣ କରିବା ସହିତ ସ୍ୱଚ୍ଛ ଭାରତ ଅଭିଯାନର ଆଭିମୁଖ୍ୟ ଅନୁଯାୟୀ ରାସ୍ତାଘାଟକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ସେହିଭଳି ସହରାଞ୍ଚଳ ବିଶେଷକରି ଚିକିତ୍ସାଳୟରୁ ବାହାରୁଥିବା ବର୍ଜ୍ୟଗୁଡିକ ଜଳଉତ୍ସକୁ ଦୂଷିତ କରୁଥିବାରୁ ଏ ଦିଗରେ ପଦକ୍ଷେପ ଗ୍ରହଣ ପାଇଁ ସେ କହିଛନ୍ତି। ବିଭାଗୀୟ ଅଧିକାରୀମାନେ ଦପ୍ତରରେ ବସି ନରହି କ୍ଷେତ୍ର ଗସ୍ତରେ ଯିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି।


ପ୍ରକାଶ ଅପେକ୍ଷାରେ...

'କଥାକଳିକା': ଜୁଲାଇ-୨୦୨୪ ସଂଖ୍ୟା




ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ଅସ୍ତରାଗ - ଭାସ୍କର ଜେନା

**ସମକାଳର କଥା :** ଜି ନେ ଅକ୍ଷୟ ମହାନ୍ତି - ଅଜୟ ସ୍ୱାଇଁ, ଅନ୍ତିମ ପ୍ରାପ୍ୟ - ସଚ୍ଚିଦାନନ୍ଦ କର, ଚାରୁଲତା - ଶୈଳେନ୍ଦ୍ର କୁମାର ଜେନା, ଖମାରୀ ମା' - ତ୍ରିନାଥ ପଟ୍ଟନାୟକ, ଭୋଜି - ଲକ୍ଷ୍ମୀ ଚାନ୍ଦ, ୩ଟି ମିନିଗଳ୍ପ - ସୀମାଞ୍ଚଳ ଦାଶ, ଅଗ୍ନିପରୀକ୍ଷା - ସୁଜାତା ମହାପାତ୍ର।

**ଅନ୍ୟ ଭାଷାର କଥା :** ମନୋଜ କୁମାର ବେହେରା।

**ଯୁବ ମାନସର କଥା :** ବୋଉ ପାଇଁ ପାଉଁଜି - ସଂଯୁକ୍ତା ତ୍ରିପାଠୀ, ପୁରୁଷର ଭାଗ୍ୟ, ନାରୀର ଚରିତ୍ର - ସରୋଜ ସାହୁ, ବୋଝ - ନିରୁପମା କର, ବାଘ ସହ ଦିନେ - ରୁଦ୍ର ଚରଣ ସାମଲ, ବନ୍ଦିନୀ - ପ୍ରଦ୍ୟୁମ୍ନ ପଟ୍ଟନାୟକ।

**ଏବଂ ଶେଷରେ :** ଗଣତନ୍ତ୍ରର ହତ୍ୟା - ବିଭାସ କାନୁନ୍‌ଗୋ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮ ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର ।
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)


# ଭିଜିଲାନ୍ସ ଜାଲରେ ଆରଆଇ

**ବ୍ରହ୍ମପୁର, ୨୬/୬ ନ୍ୟୁଜ ବ୍ୟୁରୋ**

ଜଣେ ବ୍ୟକ୍ତିଙ୍କ ଜମି ମୂଲ୍ୟାୟନ ପାଇଁ ୭୦୦୦ ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ତହସିଲ ଅନ୍ତର୍ଗତ ଗାଙ୍ଗପୁର ରାଜସ୍ୱ ନିରୀକ୍ଷକ ପ୍ରଦୀପ କୁମାର ଗୌଡ଼। ବ୍ରହ୍ମପୁର ଭିଜିଲାନ୍ସ ପକ୍ଷରୁ ତାଙ୍କୁ ଗିରଫ କରାଯିବା ସହ ତାଙ୍କ କାର୍ଯ୍ୟାଳୟ ଓ ବାସଭବନରେ ଚଢଉ ଜାରି ରହିଛି। ସୂଚନାପ୍ରକାରେ, ଗାଙ୍ଗପୁର ଅଞ୍ଚଳର ଜଣେ ବ୍ୟକ୍ତି ଏକ ଜମି କିଣିଥିଲେ। ସେହି ଜମିର ମୂଲ୍ୟାୟନ ପାଇଁ ସେ ଗାଙ୍ଗପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ହେଲେ ଏହି କାର୍ଯ୍ୟ ପାଇଁ ରାଜସ୍ୱ ନିରୀକ୍ଷକ ଶ୍ରୀ ଗୌଡ ୭୦୦୦ ଟଙ୍କା ଲାଞ୍ଚ ଦାବି କରିଥିଲେ। ଏହି ଘଟଣାକୁ ନେଇ ଆବେଦନକାରୀ ବ୍ରହ୍ମପୁର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ । ସେହିକ୍ରମରେ ରାଜସ୍ୱ ନିରୀକ୍ଷକଙ୍କୁ କାବୁ କରିବାକୁ ଭିଜିଲାନ୍ସ ପକ୍ଷରୁ ଯୋଜନା ହୋଇଥିଲା। ଆବେଦନକାରୀ ଜଣଙ୍କ ଗାଙ୍ଗପୁର ରାଜସ୍ୱ କାର୍ଯ୍ୟାଳୟକୁ ଯାଇ ନିରୀକ୍ଷକଙ୍କ ଦାବି ମୁତାବକ ତାଙ୍କୁ ୭୦୦୦ ଟଙ୍କା ଦେଇଥିଲେ। ଏହି ସମୟରେ କାର୍ଯ୍ୟାଳୟ ନିକଟରେ ପୂର୍ବରୁ ଛପି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ରାଜସ୍ୱ ନିରୀକ୍ଷକ ଶ୍ରୀ ଗୌଡଙ୍କୁ କାବୁ କରିବା ସହ ତାଙ୍କ ନିକଟରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରିଥିଲେ। ଘଟଣାକୁ ନେଇ ବ୍ରହ୍ମପୁର ଭିଜିଲାନ୍ସରେ ଏକ ମାମଲାରୁଜୁ ହୋଇଛି। ଭିଜିଲାନ୍ସ ପକ୍ଷରୁ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସମେତ ଭଞ୍ଜନଗର ଜିଲୁଣ୍ଡି ସ୍ଥିତ ବାସଭବନରେ ଚଢଉ ଜାରି ରହିଛି।

# ୧୫ ମିନିଟରେ ରୋଗୀଙ୍କ ପାଖରେ ପହଞ୍ଚିବ ୧୦୮ ଆମ୍ବୁଲାନ୍ସ

**ଭୁବନେଶ୍ୱର, ୨୬/୬ ନ୍ୟୁଜ ବ୍ୟୁରୋ**

ଜାତୀୟ ସ୍ୱାସ୍ଥ୍ୟ ମିଶନର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ୧୦୮ ଆମ୍ବୁଲାନ୍ସ ରୋଗୀଙ୍କ ପାଖରେ ୧୫ ମିନିଟରେ ପହଞ୍ଚିବା ନେଇ ନିର୍ଦ୍ଦେଶ ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ । ଏହା ସହ ମିଶନ ଅନ୍ତର୍ଗତ ଆସୁଥିବା ମେଡ଼ିକାଲ କଲେଜ ଗୁଡିକରେ ବାୟୋମେଡ଼ିକାଲ ଇଂଜିନିୟରିଂ ବିଭାଗ ଖୋଲାଯିବ। ଏପଟେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଦ୍ୱାରା ପୂରଣ ହେଉଥିବା ସ୍ୱାସ୍ଥ୍ୟ ସେବା ପଦବୀଗୁଡିକୁ ଯଥାଶୀଘ୍ର ପୂରଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ। ଏନେଇ ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି ଯେ, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାକୁ ଉପଯୋଗ କରି ସ୍ୱାସ୍ଥ୍ୟସେବାକୁ ଅଧିକ ସରଳ ଓ ଜନକଲ୍ୟାଣକାରୀ କରିବାକୁ ବିଭାଗୀୟ ଅଧିକାରୀଙ୍କୁ କହିଛନ୍ତି । ରାଜ୍ୟର ଯେକୌଣସି କୋଣରେ ଥିଲେ ସୁଦ୍ଧା ଜଣେ ରୋଗୀ ଏହାର ଲାଭ ଉଠାଇ ପାରିବ ସେ ଦିଗରେ ସଚେତନ ହେବାକୁ କହିଛନ୍ତି । ସେହିଭଳି ସିଏଚସିଗୁଡିକର ୨୪ ଘଣ୍ଟିଆ କାର୍ଯ୍ୟକ୍ଷମ ଓ ପରିଷ୍କାର ପରିଚ୍ଛନ୍ନତା ଉପରେ ଧ୍ୟାନ ଦେବାକୁ ବୈଠକରେ ଆଲୋଚନା କରାଯାଇଛି। ସ୍ୱାସ୍ଥ୍ୟ ପାଇଁ ଯୋଗ ହିତକାରୀ, ତେଣୁ ଏହି ଅନୁସାରେ ପ୍ରତି ଜିଲ୍ଲା ତଥା ସହରାଞ୍ଚଳରେ ଥିବା ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ନିୟମିତ ବ୍ୟବଧାନରେ ଯୋଗ ପ୍ରଶିକ୍ଷଣ ଶିବିର ଆୟୋଜନ ଓ ଏଥିନିମନ୍ତେ ଯୋଗ ପ୍ରଶିକ୍ଷକଙ୍କ ସ୍ଥାୟୀ ନିଯୁକ୍ତି ପାଇଁ ମଧ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ।

# ଓଡ଼ିଶା ହେବ ମଦ ମୁକ୍ତ ରାଜ୍ୟ : ଅଣ୍ଟା ଭିଡିଲେ ବିଜେପି ସରକାର

**ଭୁବନେଶ୍ୱର, ୨୬/୦୬ ନ୍ୟୁଜ ବ୍ୟୁରୋ**

ଓଡ଼ିଶା ହେବ ମଦମୁକ୍ତ। କମିବ ନିଶା ବ୍ୟବହାର। ଏଥିପାଇଁ ନୂଆ ସରକାର ଅଣ୍ଟା ଭିଡ଼ିଛନ୍ତି । ଅନ୍ୟ ରାଜ୍ୟ ପରି ଓଡ଼ିଶାକୁ ମଧ୍ୟ ନିଶା ମୁକ୍ତ କରିବା ଲାଗି ହେବ ଯୋଜନା। ଅବକାରୀ ସମେତ ବିଭିନ୍ନ ବିଭାଗ ସହ ଆଲୋଚନା କରି ପର୍ଯ୍ୟାୟକ୍ରମେ ଏନେଇ ପଦକ୍ଷେପ ନିଆଯିବ। ସୁସ୍ଥ ସମାଜ ଗଠନ ପାଇଁ ଏହା ବେଶ ଆବଶ୍ୟକ ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଲୋକସେବା ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ କହିଛନ୍ତି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଯେ, ନିଶା କାରବାର ଓ ନିଶାର ଅପବ୍ୟବହାର ବିରୋଧରେ ଅନ୍ତର୍ଜାତୀୟ ଦିବସ ପାଳନ ହେଉଛି। ଏହାକୁ ବ୍ୟାପକ କରିବାର ଆବଶ୍ୟକତା ରହିଛି। ସୁସ୍ଥ ସମାଜ ପାଇଁ ନିଶାମୁକ୍ତ ସମାଜ ଗଠନ ହେବାର ଆବଶ୍ୟକତା ରହିଛି। ଆଜି ସମାଜ କଳୁଷିତ ହୋଇଯାଇଛି। ନିଶା ଦ୍ୱାରା



ଲୋକଙ୍କ ମଧ୍ୟରେ ଅଶାନ୍ତି ସୃଷ୍ଟି ହେଉଛି। ଏହାର ରୋକ ଲାଗି ସରକାରୀ ସହ ବେସରକାରୀ ଓ ବ୍ୟକ୍ତିଗତ ସ୍ତରରେ ପ୍ରୟାସର ଆବଶ୍ୟକତା ରହିଛି। ଅନେକ ରାଜ୍ୟରେ ନିଶା ଦ୍ରବ୍ୟ ରୋକ ଲାଗି ପଦକ୍ଷେପ ନିଆଯାଉଛି। ଓଡ଼ିଶାରେ ସେମିତି କରିବାକୁ ଚେଷ୍ଟା କରାଯିବ।

ସେ ଆହୁରି ମଧ୍ୟ କହିଛନ୍ତି ଯେ, ଓଡ଼ିଶାରେ ଯେଉଁ ପରିମାଣର ନିଶା ଦ୍ରବ୍ୟ ବ୍ୟବହାର ହେଉଛି, ଆଗାମୀ ଦିନରେ ଏହାକୁ କିପରି କମ୍ କରାଯିବ ସେ ନେଇ ପଦକ୍ଷେପ ନିଆଯିବ । ଓଡ଼ିଶାକୁ ମଦ ମୁକ୍ତ ଓ ନିଶା ମୁକ୍ତ କରିବାକୁ ଯୋଜନା କରାଯାଉଛି । ଅବକାରୀ ସମେତ ବିଭିନ୍ନ ବିଭାଗ ସହ ଆଲୋଚନା କରି ପର୍ଯ୍ୟାୟକ୍ରମେ ଏନେଇ ପଦକ୍ଷେପ ନିଆଯିବ। ଓଡ଼ିଶାକୁ ନିଶା ମୁକ୍ତ କରିବା ପାଇଁ ବିଜେପି ସରକାର କାର୍ଯ୍ୟ କରିବ। ଡ୍ରଗ୍ସ କାରବାର ବିରୋଧରେ ଏହି କାର୍ଯ୍ୟକ୍ରମ। ସୁସ୍ଥ ସମାଜ ଗଠନ ପାଇଁ ଏହା ବେଶ୍ ଆବଶ୍ୟକ। ସେପଟେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ କହିଛନ୍ତି ଯେ, ଭାରତ ଯୁବକମାନଙ୍କ ଦେଶ। କିନ୍ତୁ ନିଶା କାରବାର ଦ୍ୱାରା ଆଜି ଯୁବ ସମାଜ ପଥଭ୍ରଷ୍ଟ ହୋଇଛନ୍ତି । ସମ୍ପୂର୍ଣ୍ଣ ଭାରତ ନିଶା ମୁକ୍ତ ହେବା ଆମର ସଂକଳ୍ପ ହେବା ଦରକାର। ଏହା ହୋଇପାରିଲେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଲାଗି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହୋଇପାରିବ। ଓଡ଼ିଶାରେ ଛତୁ ଫୁଟିଲା ପରି ମଦ ଦୋକାନ ଖୋଲିଛି। ଏହା ଦିନକେ ବନ୍ଦ ହୋଇ ନ ପାରେ। କିନ୍ତୁ ପର୍ଯ୍ୟାୟ କ୍ରମେ ବନ୍ଦ ହୋଇପାରେ। ମଦ ବ୍ୟବସାୟ ଦ୍ୱାରା ରାଜ୍ୟକୁ ରାଜସ୍ୱ କେତେ ମିଳୁଛି ଓ ନିଶା ଦ୍ୱାରା ଆମର କ୍ଷତି କେତେ ହେଉଛି ତାହାର ଆକଳନ ହେବାର ସମୟ ଆସିଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ନିଶା ଦ୍ୱାରା ଦୁର୍ଘଟଣା ବଢୁଛି । ମହିଳା ଅତ୍ୟାଚାରର ଶିକାର ହେଉଛନ୍ତି। ନିଶା କାରବାର ଦ୍ୱାରା ଅପରାଧ ମଧ୍ୟ ବଢୁଛି। ୯୦ ପ୍ରତିଶତ ଅପରାଧ ନିଶା ଯୋଗୁ ହେଉଛି । ସବୁ ବିଭାଗ ସହ ଆଲୋଚନା କରି ନିଶାମୁକ୍ତ ସମାଜ ଗଠନ କରିବାର ସମୟ ଆସିଛି। ବୈଠକରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ନିଶା ନେଇ ନିଆଯାଇଥିବା ପଦକ୍ଷେପ ବାବଦରେ ସୂଚନା ଦେଇଛନ୍ତି। ସେହିପରି କାର୍ଯ୍ୟକ୍ରମରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ନିର୍ଦ୍ଦେଶକ ନିୟତି ପଟ୍ଟନାୟକ, ବିଭାଗୀୟ ସ୍ୱତନ୍ତ୍ର ସଚିବ ଦିଲ୍ଲୀପ କୁମାର ରାୟ, ବିଭାଗର ବରିଷ୍ଠ ଅଧିକାରୀ, ବିଭିନ୍ନ ସାମାଜିକ ଓ ନିଶା ନିବାରଣ ସଂସ୍ଥା ଓ ସଂଗଠନ ପ୍ରମୁଖ ଉପସ୍ଥିତ ଥିଲେ।